RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

SAMBALPUR

◆VOLUME- 43 ◆ISSUE-97 ◆TUESDAY ◆30 SEPTEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୯୭ ◆ମଙ୍ଗଳବାର ◆୩୦ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ସମ୍ବଲପୁର: ଧନୁପାଲିରେ ମା'ଙ୍କ ଆବାହନ

### ୨୦୨୮ ସୁଦ୍ଧା ସମ୍ପୂର୍ଣ୍ଣ ଲାଗୁ ହେବ ୮ମ ବେତନ ଆୟୋଗ

## ମୂଳ ଦରମା ୧୮ରୁ ୪୪ ହଜାର ହେବ

■ **ନୂଆଦିଲ୍ଲୀ, ୨୯।୯ (ଏଜେନ୍ସି):** ୨୦୨୬ ଜାନୁଆରୀରୁ ଲାଗୁ ହୋଇପାରେ ଅଷ୍ଟମ ବେତନ ଆୟୋଗର ସୁପାରିସ। ତେବେ ଏଥିପାଇଁ ୨୦୨୮ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ତେବେ ସରକାରୀ ଭାବେ ଏପର୍ଯ୍ୟନ୍ତ କିଛି କୁହାଯାଇ ନାହିଁ। କେନ୍ଦ୍ର କ୍ୟାବିନେଟ ଏହାକୁ ଚଳିତବର୍ଷ ଜାନୁଆରୀରେ ମଞ୍ଜୁରୀ ଦେଇଥିଲା। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ଏ ସମ୍ପର୍କରେ ନା କୌଣସି ସରକାରୀ ବିଜ୍ଞପ୍ତି ଜାରି କରାଯାଇଛି, ନା ଏହାର ସନ୍ଦର୍ଭ ସର୍ତ୍ତାବଳୀ ଚୂଡ଼ାନ୍ତ ହୋଇଛି। ଏମିତିକି ୮ମ ବେତନ ଆୟୋଗରେ ନିଯୁକ୍ତ ହେବାକୁ ଥିବା ସଦସ୍ୟଙ୍କ ତାଲିକା ମଧ୍ୟ ଏ ପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ



ତେନ କମିସନ ସୁପାରିସ କାର୍ଯ୍ୟକାରୀ ହେଲେ କର୍ମଚାରୀମାନେ ଦୁଇ ବର୍ଷର ବକେୟା ପାଇବେ। ନୂତନ ବେତନ କମିସନ ସୁପାରିସ କାର୍ଯ୍ୟକାରୀ ହେବା ଦ୍ୱାରା ୫୦ ଲକ୍ଷରୁ ଅଧିକ କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ପ୍ରାୟ ୬.୫ଲକ୍ଷ ପେନସନଭୋଗୀ ଉପକୃତ ହେବେ। ଏହାସହିତ ଲେବଲ-୧ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ମୂଳ ଦରମା ୧୮,୦୦୦ ରୁ ୪୪,୦୦୦ ଟଙ୍କାକୁ ବୃଦ୍ଧି ପାଇପାରେ। ଏଥିରେ ଆୟୋଗ ୨.୪୬ ର ଫିଟମେଣ୍ଟ ଫ୍ୟାକ୍ଟର ଲାଗୁ କରିପାରନ୍ତି।

୮ମ ବେତନ ଆୟୋଗ ଅନୁଯାୟୀ ଧାର୍ଯ୍ୟ ମୂଳ ଦରମା ଫିଟ୍‌ମେଣ୍ଟ ଫ୍ୟାକ୍ଟର ଏବଂ ଡିଏ ମିଶ୍ରଣ ଉପରେ ନିର୍ଭର କରେ। ୭ମ ବେତନ ଆୟୋଗରେ ଫିଟମେଣ୍ଟ ଫ୍ୟାକ୍ଟର ୨.୫୭ ଥିଲା। ୮ମରେ ଏହା ୨.୪୬ ହୋଇପାରେ। ପ୍ରତ୍ୟେକ ବେତନ ଆୟୋଗରେ ଡିଏ ଶୂନ୍ୟରୁ ଆରମ୍ଭ ହୁଏ। କାରଣ ନୂଆ ମୂଳ ଦରମା ପୂର୍ବରୁ ହିଁ ମୁଦ୍ରାସ୍ଫୀତିକୁ ନଜରରେ ରଖି ପ୍ରସ୍ତୁତ କରାଯାଇଥାଏ। ଏହାପରେ ଡିଏ ଧୀରେ ଧୀରେ ପୁଣି ▶ପୃଷ୍ଠା-୭

## ଆଜି ସୃଷ୍ଟିହେବ ଘୂର୍ଣ୍ଣିବଳୟ

■ **ଭୁବନେଶ୍ୱର, ୨୯।୯ (ସମିସ):** ମଙ୍ଗଳବାର ଉତ୍ତର ଆଣ୍ଡାମାନସାଗର ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଦକ୍ଷିଣ ଚାଇନା ସାଗରରୁ ଏହା ଆଣ୍ଡାମାନ ସାଗରକୁ ପ୍ରବେଶ କରିବ। ଏହା ପ୍ରଭାବରେ ଉତ୍ତର ପାର୍ଶ୍ୱବର୍ତ୍ତୀ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ୧ତାରିଖ ବେଳକୁ ଏକ ନୂତନ ଲଘୁଚାପ ସୃଷ୍ଟି ହେବ। ଏହାଦ୍ୱାରା ରାଜ୍ୟର ବିଭିନ୍ନ ସ୍ଥାନରେ ପୁଣି ବର୍ଷାର ପରିମାଣ ବଢ଼ିପାରେ। ମଙ୍ଗଳବାର ଅର୍ଥାତ୍ ଅଷ୍ଟମୀରେ ଉପକୂଳବର୍ତ୍ତୀ ଜିଲ୍ଲାର କିଛି ସ୍ଥାନରେ ବର୍ଷା ହେବାକୁ ଥିବା ବେଳେ ନବମୀ ଓ ଦଶମୀ ବର୍ଷା ଯୋଗୁଁ ଅନେକ ସ୍ଥାନରେ ପ୍ରଭାବିତ ହେବାର ଆଶଙ୍କା ରହିଛି।

**ଅକ୍ଟୋବର ୧ରେ ଲଘୁଚାପ**

**ଆସନ୍ତାକାଲି ୨୦ ଜିଲ୍ଲାକୁ ବର୍ଷା ସତର୍କତା ଜାରି**

ପାଣିପାଗ କେନ୍ଦ୍ରର ସୂଚନାନୁଯାୟୀ, ମଙ୍ଗଳବାର ଗଜପତି, ଗଞ୍ଜାମ, ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି ଆଦି ଜିଲ୍ଲାର କିଛି ସ୍ଥାନରେ ଭାରୀ ବର୍ଷା ହେବାକୁ ଥିବା ବେଳେ ବାଲେଶ୍ୱର, ଭଦ୍ରକ, ▶ପୃଷ୍ଠା-୭

### ରାଜ୍ୟ କ୍ୟାବିନେଟରେ ୪ ପ୍ରସ୍ତାବକୁ ମୋହର

## ଦିନକୁ ୧୦ ଘଣ୍ଟା କାମ କରିବେ ଘରୋଇ କର୍ମଚାରୀ

■ **ଭୁବନେଶ୍ୱର, ୨୯।୯ (ସମିସ):** ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୪ଟି ପ୍ରସ୍ତାବ ଉପରେ ଲାଗିଛି ମୋହର। କ୍ୟାବିନେଟ୍ ବୈଠକ ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ,୧୯୫୬ ଓ କାରଖାନା ଆଇନ ୧୯୪୮ରେ କେତେକ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି। ସଂଶୋଧିତ ନିୟମ ଅନୁସାରେ ୨୦ କିମ୍ବା ତହିଁରୁ କର୍ମଚାରୀଙ୍କୁ ନିୟୋଜିତ କରିଥିବା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନରେ କର୍ମଚାରୀଙ୍କ ଦୈନିକ କାର୍ଯ୍ୟନିର୍ଘଣ୍ଟ ୧୦ ଘଣ୍ଟାକୁ ବୃଦ୍ଧି କରାଯାଇଛି। କୌଣସି ପ୍ରତିଷ୍ଠାନରେ କର୍ମଚାରୀଙ୍କ କାର୍ଯ୍ୟପାଳି ଅତି କମରେ ଅଧଘଣ୍ଟାର ବ୍ୟବଧାନ ବିନା ନିରନ୍ତର ୬ ଘଣ୍ଟାରୁ ଅଧିକ ହେବନାହିଁ। ତିନିମାସରେ ଓଭର ଟାଇମ କାର୍ଯ୍ୟସୀମା ୧୪୪ ଘଣ୍ଟାକୁ ବୃଦ୍ଧି ପାଇଥିବା ବେଳେ କୌଣସି ପ୍ରତିଷ୍ଠାନରେ ଜଣେ କର୍ମଚାରୀ କୌଣସି ଦିନରେ ୧୦ ଘଣ୍ଟାରୁ ଅଧିକ କିମ୍ବା କୌଣସି ସପ୍ତାହରେ ୪୮ ଘଣ୍ଟାରୁ ଅଧିକ କାର୍ଯ୍ୟ କଲେ ସେ ଓଭରଟାଇମ କାର୍ଯ୍ୟ ବାବଦକୁ ସାଧାରଣ ମଜୁରି ହାରର ଦ୍ୱିଗୁଣିତ ମଜୁରି ପାଇବାକୁ ହକଦାର ହେବେ। ପ୍ରତିଷ୍ଠାନ ଗୁଡିକ ଦିନରାତି ୨୪ ଘଣ୍ଟା ଏବଂ ବର୍ଷକୁ ୩୬୫ ଦିନ ଖୋଲା ରହି ପାରିବ। ସେହିପରି ଭାବେ ରାତିରେ ମହିଳା କର୍ମଚାରୀଙ୍କ କାର୍ଯ୍ୟ ଉପରେ ପ୍ରତିବନ୍ଧକ ହଟିବ। ମହିଳା କର୍ମଚାରୀମାନଙ୍କୁ ସେମାନଙ୍କ ଲିଖିତ ସମ୍ମତିରେ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଅଧିସୂଚିତ ସର୍ତ୍ତାବଳୀ ଅନୁଯାୟୀ ରାତ୍ରିରେ ▶ପୃଷ୍ଠା-୭

**ଲିଖିତ ସମ୍ମତି ଦେଇ ରାତିରେ କାମ କରିପାରିବେ ମହିଳା କର୍ମଚାରୀ**

**ପ୍ରତି ପଞ୍ଚାୟତରେ ଗୋଟିଏ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ**

**୨୨୦୦ ଆଦର୍ଶ ବିଦ୍ୟାଳୟ ଲାଗି ୧୨,୦୦୦ କୋଟିର ବ୍ୟୟବରାଦ**

## ଶିରୀଶ ମୁର୍ମୁ ଆର୍‌ବିଆଇର ଡେପୁଟୀ ଗଭର୍ଣ୍ଣର ନିଯୁକ୍ତ

■ **ଭୁବନେଶ୍ୱର / ବାରିପଦା, ୨୯।୯ (ସମିସ):** ମୟୂରଭଞ୍ଜ ବେତନଟୀ ମାଟିର ସୁଯୋଗ୍ୟ ସନ୍ତାନ ତଥା ଭାରତର ପୂର୍ବତନ ସିଏଜି ଏବଂ ଜମ୍ମୁ-କଶ୍ମୀରର ପ୍ରଥମ ଲେଫ୍‌ଟନାଣ୍ଟ ଗଭର୍ଣ୍ଣର ଗିରୀଶ ଚନ୍ଦ୍ର ମୁର୍ମୁଙ୍କ ସାନଭାଇ ଶିରୀଶ ଚନ୍ଦ୍ର ମୁର୍ମୁଙ୍କୁ କେନ୍ଦ୍ର ସରକାର ରିଜର୍ଭ ବ୍ୟାଙ୍କର ଡେପୁଟୀ ଗଭର୍ଣ୍ଣର ଭାବେ ନିଯୁକ୍ତି ଦେଇଛନ୍ତି। ବର୍ତ୍ତମାନ ରିଜର୍ଭ ବ୍ୟାଙ୍କର ଡେପୁଟୀ ଗଭର୍ଣ୍ଣର ଥିବା ନାଗେଶ୍ୱର ରାଓ ଆସନ୍ତା ୮ ତାରିଖରେ ଅବସର ନେଉଥିବା ବେଳେ ୯ ତାରିଖରୁ ଶିରୀଶ ଚନ୍ଦ୍ର ମୁର୍ମୁ ତାଙ୍କ ସ୍ଥାନରେ ଯୋଗଦେବେ। ସେ ଆର୍‌ବିଆଇର ଡେପୁଟୀ ଗଭର୍ଣ୍ଣର ଭାବେ ଆସନ୍ତା ୩ବର୍ଷ ପାଇଁ ଦାୟିତ୍ୱ ସମ୍ପାଦନ କରିବେ।



୧୯୮୩ ମସିହାରେ ସୁନ୍ଦରଗଡ଼ ଜିଲ୍ଲା ରାଉରକେଲା ଉପକଣ୍ଠ ଗଣ୍ଡମୁଣ୍ଡାରୁ ମାଟ୍ରିକ ପାସ କରିଥିବା ଶିରୀଶ ବାରିପଦା ଏମପିସି କଲେଜରୁ ଯୁକ୍ତ ଦୁଇ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ନୂଆଦିଲ୍ଲୀସ୍ଥିତ ଜେଏନୟୁରୁ ସ୍ନାତକ ଓ ସ୍ନାତକୋତ୍ତରରେ ▶ପୃଷ୍ଠା-୭







# ଦୋହା ଆକ୍ରମଣ ପାଇଁ କାତାରକୁ କ୍ଷମା ମାଗିଲେ ନେତନ୍ୟାହୁ

ୱାଶିଂଟନ, ୨୯।୯ (ଏଜେନ୍ସି): ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ନିଜ ଭୁଲ୍ ବୁଝି ପାରିଛନ୍ତି। ସେ ଦୋହା ଆକ୍ରମଣ ପାଇଁ ସୋମବାର କାତାର ପ୍ରଧାନମନ୍ତ୍ରୀ ମହମ୍ମଦ ବିନ୍ ଅବଦୁଲରହମାନ ଅଲ-ଥାନିଙ୍କୁ ଫୋନ୍ କରି କ୍ଷମା ମାଗିଛନ୍ତି। ଏଥିପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କୁ ପ୍ରବର୍ତ୍ତାଇ ଥିଲେ। ତେଣୁ ସେ ହ୍ୱାଇଟହାଉସରୁ ଫୋନ୍ କରି ଅଲ୍-ଥାନିଙ୍କ ସହ କଥା ହୋଇଥିଲେ। ନେତନ୍ୟାହୁ ଆଜି ହିଁ ଟ୍ରମ୍ପଙ୍କୁ ଭେଟିବା ପାଇଁ ଯାଇଛନ୍ତି। ସୂଚନାଯୋଗ୍ୟ ଯେ ଇସ୍ରାଏଲ ସେନା ଗତ ୯ ତାରିଖରେ ହମାସ ମୁଖ୍ୟ ଖଲିଲ ଅଲ-ହୟାଙ୍କୁ ନିଶାଣ କରି ଦୋହା ଉପରେ ଆକ୍ରମଣ କରିଥିଲେ। ଏଥିରେ ଅଲ-ହୟା ବର୍ତ୍ତି ଯାଇଥିଲେ ମଧ୍ୟ ଅନ୍ୟ ୬ ଜଣ ପ୍ରାଣ ହରାଇଥିଲେ। ଏହାକୁ ନେଇ ଅନ୍ୟ ମୁସଲିମ ରାଷ୍ଟ୍ରଗୁଡ଼ିକ ଇସ୍ରାଏଲ ବିରୋଧରେ ମେଳି ବାନ୍ଧି ଥିଲେ।

## ୟୁକ୍ରେନ ଉପରେ ୬୦୦ ମିସାଇଲ ମାଡ଼

କିଭ୍, ୨୯।୯(ଏଜେନ୍ସି): ଦୀର୍ଘ ଦିନ ହେଲା ଜାରି ରୁଷ-ୟୁକ୍ରେନ ଯୁଦ୍ଧ ଥମିବାର ନାମ ନେଉନାହିଁ।ଉଭୟ ଦେଶ ପରସ୍ପର ବିରୋଧରେ ଭୟଙ୍କର ଆକ୍ରମଣ ଜାରି ରଖିଛନ୍ତି। ଏହି କ୍ରମରେ ରବିବାର ସକାଳେ ରୁଷ୍ ପୁଣିଥରେ ୟୁକ୍ରେନ ଉପରେ ବଡ଼ ଧରଣର ଆକ୍ରମଣ କରିଛି। ରାଜଧାନୀ କିଭ୍ ସମେତ ଏକାଧିକ ସହରକୁ ଲକ୍ଷ୍ୟ କରି ୬୦୦ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ମାଡ଼ କରିଛି।ଏଥିରେ ୪ ଜଣ ମୃତ୍ୟୁବରଣ କରିଥିବା ବେଳେ ୧୨ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି।

## ବାଂଲାଦେଶରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ; ହିଂସାରେ ୩ ମୃତ

ଚିଟାଗଙ୍ଗ୍, ୨୯।୯(ଏଜେନ୍ସି): ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ଚାଲିଥିବା ଅତ୍ୟାଚାର ଥମିବାର ନା ନେଉନାହିଁ। ଚିଟାଗଙ୍ଗ୍ ହିଲ୍ସରେ ଦୁର୍ଗା ପୂଜା ଚାଲିଥିବା ପୁଣି ଏକ ହିଂସା ଆରମ୍ଭ ହୋଇଛି। ଖଗଡ଼ଚରୀ ଜିଲ୍ଲାରେ ଜଣେ ଆଦିବାସୀ ସ୍କୁଲ ଛାତ୍ରୀ ଗଣଦୁଷ୍କର୍ମ ଶିକାର ହେବା ପରେ ହିଂସା ସୃଷ୍ଟି ହୋଇଛି। ଗଣଦୁଷ୍କର୍ମ ବିରୋଧରେ 'ଜୁମା ଷ୍ଟୁଡେଣ୍ଟ ଜନତା' ବ୍ୟାନର ତଳେ ହୋଇଥିବା ଏହି ବିରୋଧ ପ୍ରଦର୍ଶନ ଉଗ୍ରରୂପ ନେଇଥିଲା। ରବିବାର ଅପରାହ୍ଣ ୧ଟାରେ ଗୁଇମାରା କ୍ଷେତ୍ରରେ ରାମେସୁ ବଜାର ନିକଟରେ ପ୍ରଦର୍ଶନକାରୀ ଓ ସୁରକ୍ଷାବଳ ମଧ୍ୟରେ ସଂଘର୍ଷ ହୋଇଥିଲା। ସୁରକ୍ଷାବଳ ଗୁଳିରେ ୩ ଜଣ ପ୍ରାଣ ହରାଇଥିବା ବେଳେ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି।

## ୨୧ ମହଲାରୁ ଡେଇଁ ଡାକ୍ତରଙ୍କ ଆତ୍ମହତ୍ୟା

ନୋଏଡ଼ା, ୨୯।୯(ଏଜେନ୍ସି): ଉତ୍ତରପ୍ରଦେଶର ନୋଏଡ଼ାରେ ଜଣେ ଶିକ୍ଷାନବୀଶ ଡାକ୍ତର ଶିବ (୨୯) ୨୧ ମହଲା ଉପରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ସେ ମଥୁରାରେ ବାସିନ୍ଦା। ସେ ମାତାପିତାଙ୍କ ସହ ସେ ସିଟି-୨ ସ୍ଥିତ ନିଜ ଭଉଣୀଙ୍କ ଘରକୁ ଆସିଥିଲେ। ସୋମବାର ଅପରାହ୍ଣରେ ସେ ବାଲକୋନୀକୁ ଆସି ୨୧ ମହଲା ଉପରେ ଡେଇଁ ପଡ଼ିଥିଲେ। ସୂଚନା ପାଇ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଶିବଙ୍କୁ ହସ୍ପିଟାଲ ନେଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଫ୍ଲାଟ୍‌ରେ କୌଣସି ସୁଇସାଇଡ ନୋଟ୍ ମିଳିନାହିଁ। ଶିବ ଦିଲ୍ଲୀର ଏକ ଘରୋଇ ମେଡିକାଲ କଲେଜର ୨୦୧୫ ବ୍ୟାଚ୍‌ର ମେଡିକାଲ ଛାତ୍ର। ୨୦୨୦ରେ କୋଭିଡ୍-୧୯ ମହାମାରୀର ପ୍ରକୋପ ଜାରି ରହିଥିବା ବେଳେ ତାଙ୍କର ମାନସିକ ସ୍ୱାସ୍ଥ୍ୟ ବିଗିଡ଼ି ଯାଇଥିଲା। ତେଣୁ ସେ ମେଡିକାଲ ଟ୍ରେନିଂକୁ ସ୍ଥଗିତ ରଖିଥିଲେ।

## ପୂର୍ବତନ ଚୀନ୍ କୃଷିମନ୍ତ୍ରୀଙ୍କୁ ମୃତ୍ୟୁଦଣ୍ଡ

ବେଜିଂ, ୨୯।୯(ଏଜେନ୍ସି): ଚୀନ୍‌ର ପୂର୍ବତନ କୃଷିମନ୍ତ୍ରୀ ତାଙ୍ଗ ରେଜ ଜିଆନ୍‌ଙ୍କୁ ରବିବାର ଦୁର୍ନୀତି ଅଭିଯୋଗରେ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରାଯାଇଛି। ଚୀନ୍‌ର ସରକାରୀ ଏଜେନ୍ସି ଶିହୁଆ ଅନୁସାରେ, ତାଙ୍ଗ୍ ୨୦୦୭ରୁ ୨୦୨୪ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ପଦରେ ରହି ୩୧୭.୩ କୋଟି ଟଙ୍କାରୁ ଅଧିକ ଅର୍ଥ ଲାଞ୍ଚ୍ ନେଇଥିଲେ। ଚୀନ୍‌ର ପୂର୍ବରେ ଥିବା ଜିଲୀନ ପ୍ରଦେଶର ଚାଙ୍ଗଜୁନ୍‌ର ପିପୁଲ୍ସ କୋର୍ଟ ଏହି ଦଣ୍ଡାଦେଶ ଜାରି କରିଛି। ତେବେ ତାଙ୍ଗଙ୍କୁ ଦୁଇବର୍ଷ ଜେଲ୍‌ରେ ରଖାଯିବା ପରେ ଫାଶୀ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ଦଳାଚକଟା ମୃତ୍ୟୁସଂଖ୍ୟା ୪୧କୁ ବୃଦ୍ଧି

କରୁର, ୨୯।୯(ଏଜେନ୍ସି): ତାମିଲ ଅଭିନେତା ବିଜୟଙ୍କ ପାର୍ଟି ରାଲିରେ ହୋଇଥିବା ଦଳଚକଟା ଜନିତ ମୃତ୍ୟୁ ସଂଖ୍ୟା ୪୧ରେ ପହଞ୍ଚିଛି। ଏହି ଘଟଣାକୁ ନେଇ ଟିଭିକେ ଏବଂ କ୍ଷମତାସୀନ ଦଳ ଡିଏମକେ ମୁହାଁମୁହିଁ ହୋଇଛନ୍ତି। ଡିଏମକେ ଦଳାଚକଟା ପାଇଁ ବିଜୟଙ୍କୁ ଦୋଷ ଦେଉଥିବାବେଳେ ଟିଭିକେ କ୍ଷମତାସୀନ ନେତାଙ୍କ ଷଡ଼ଯନ୍ତ୍ର ଯୋଗୁଁ ଏପରି ହେଲା ବୋଲି କହିଛି। ଏହି ଘଟଣାର ସିବିଆଇ ତଦନ୍ତ ଦାବି ଟିଭିକେ ମାଡ୍ରାସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଇତିମଧ୍ୟରେ ତାମିଲନାଡୁ ସରକାରଙ୍କ ଦ୍ୱାରା ଗଠିତ ଯାଞ୍ଚ ଟିମ୍ ମାମଲାର ତଦନ୍ତ ଆରମ୍ଭ କରିଛି। ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟର ଏକ ପ୍ରତିନିଧି ଦଳ ମଧ୍ୟ ଘଟଣା ସ୍ଥଳକୁ ଯିବ ବୋଲି ଘୋଷଣା କରାଯାଇଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି କରୁର ଗସ୍ତ କରି ପୀଡିତ ପରିବାରକୁ ଭେଟିଛନ୍ତି। ଅନ୍ୟପଟେ ବିଜୟଙ୍କ ଘରକୁ ବୋମା ମାଡ଼ କରି ଉଡାଇଦେବାକୁ ଧମକ ଦିଆଯାଇଛି। ଏହି ମାମଲରେ ଦାଏର ହୋଇଥିବା ଏଫ୍‌ଆଇଆରରେ ବିଜୟଙ୍କୁ ହିଁ ଦାୟୀ କରାଯାଇଛି।

## ପତ୍ନୀକୁ ହତ୍ୟା କରି ଆତ୍ମହତ୍ୟା

ବେଙ୍ଗାଲୁରୁ, ୨୯।୯(ଏଜେନ୍ସି): ନିଜ ପତ୍ନୀକୁ ହତ୍ୟା କରି ଦୁବାଇରୁ ଫେରିଥିବା ଜଣେ ସ୍ୱାମୀ ଆତ୍ମହତ୍ୟା କରିଥିବା ଘଟଣା ସାମ୍ନାକୁ ଆସିଛି। ୩୦ ବର୍ଷୀୟ ଧର୍ମଶିଲମ ଦୁବାଇରେ ରାଜମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ୨୭ ବର୍ଷୀୟା ପତ୍ନୀ ମଞ୍ଜୁ ବେଙ୍ଗାଲୁରୁରେ ଏକ ଘରୋଇ ହସ୍ପିଟାଲରେ ନର୍ସ ଥିଲେ। ୨୦୨୨ରେ ଦୁହେଁ ବିବାହ କରିଥିଲେ ମଧ୍ୟ ସେମାନଙ୍କର କୌଣସି ସନ୍ତାନ ନଥିଲା। ପିତା ପେରିୟାସ୍ୱାମୀ ମଞ୍ଜୁ ଓ ଜ୍ୱାଇଁଙ୍କ ସହ ବେଙ୍ଗାଲୁରୁର ଭଡ଼ା ଘରେ ରହୁଥିଲେ। ରବିବାର ପେରିୟାସ୍ୱାମୀ ଘରକୁ ଫେରିବା ପରେ ରାତି ୯.୩୦ରେ ଝିଅ ଓ ଜ୍ୱାଇଁଙ୍କୁ ମୃତ ଅବସ୍ଥାରେ ଦେଖିଥିଲେ। ମଞ୍ଜୁଙ୍କ ଦେହରେ ଛୁରାମାଡ଼ର କ୍ଷତ ଚିହ୍ନ ସେ ଦେଖିବାକୁ ପାଇଥିଲେ। ସେହିପରି ଜ୍ୱାଇଁ ଧର୍ମଶିଲମ ସିଲିଂ ଫ୍ୟାନ୍‌ରେ ଫାଶୀରେ ଝୁଲୁଥିବାର ସେ ଦେଖିବାକୁ ପାଇଥିଲେ।

# ପିଓକେରେ ସରକାରବିରୋଧୀ ବିକ୍ଷୋଭ; ୨ ମୃତ

ଇସଲାମାବାଦ୍, ୨୯।୯(ଏଜେନ୍ସି): ଶାହବାଜ ସରିଫ୍ ସରକାରଙ୍କ ବିରୋଧରେ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ର ୩ଟି ବଡ଼ ସହରରେ ବିକ୍ଷୋଭ ଆରମ୍ଭ ହୋଇଛି। ପ୍ରଦର୍ଶନକାରୀ ଓ ସୁରକ୍ଷାବଳ ମଧ୍ୟରେ ସଂଘର୍ଷ ହୋଇଛି। ଏଥିରେ ୨ଜଣ ମୃତ୍ୟୁବରଣ କରିଥିବା ବେଳେ ୨୨ ଜଣ ଆହତ ହୋଇଛନ୍ତି। ପିଓକେର ଆୱାମୀ ଆକ୍ସନ କମିଟି (ଏଏସି) ଏହି ବିକ୍ଷୋଭ ପାଇଁ ଆହ୍ୱାନ ଦେଇଥିଲା। ଏଏସିର ଅପିଲରେ ସୋମବାର ସମ୍ପୂର୍ଣ୍ଣ ଅଞ୍ଚଳରେ ଦୋକାନ, ବଜାର ଓ ସଡ଼କ ବନ୍ଦ ରହିଥିଲା। ଦରଦାମ ବୃଦ୍ଧି, ବେକାରୀ ଓ ପାକିସ୍ତାନ ସେନାର ଅତ୍ୟାଚାର ବିରୋଧରେ ଲୋକେ ସଡ଼କକୁ ଓହ୍ଲାଇ ବିକ୍ଷୋଭ କରିଥିଲେ। ସୁରକ୍ଷାବଳର ଗାଡ଼ିଗୁଡ଼ିକ ଉପରେ ବିକ୍ଷୋଭକାରୀ ଟେକା ପଥର ମାଡ଼ କରିଥିଲେ। ପୂର୍ବରୁ କୋଟଲୀରେ ଶନିବାର ବିକ୍ଷୋଭକାରୀଙ୍କ ଉପରକୁ ସୁରକ୍ଷାବଳ ଗୁଳି ଚଳାଇଥିଲା। ଆଗକୁ ଏହି ପ୍ରଦର୍ଶନ ଆହୁରି ଉଗ୍ରରୂପ ଧାରଣ କରିବ ବୋଲି ଆଶା କରାଯାଉଛି। ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଇସଲାମାବାଦ୍‌ରୁ ଅତିରିକ୍ତ ୧, ୦୦୦ ଯବାନଙ୍କୁ ପଠାଯାଇଛି।



ଏହି ଅଞ୍ଚଳରେ ସରକାର ଇଣ୍ଟରନେଟକୁ ବନ୍ଦ କରିଦେଇଛନ୍ତି। ଫଳରେ ପ୍ରଦର୍ଶନକାରୀମାନେ ସେନା ବିରୋଧରେ 'ହମ୍ ତୁହ୍ମାରୀ ମୌତ ହେ' ସ୍ଲୋଗାନ ଦେଇଥିଲେ। ଏହି ପ୍ରଦର୍ଶନର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ହଜାର ହଜାର ଲୋକ କୋଟଲୀ, ରାୱଲକୋଟ, ମୁଜାଫରାବାଦ୍‌ରେ ଏକାଠି ହୋଇ ସ୍ୱାଧୀନତାର ଓ ପାକିସ୍ତାନ ସେନା ଫେରିଯାଅ ବୋଲି ସ୍ଲୋଗାନ ଦେଇଥିଲେ। ପ୍ରଦର୍ଶନକୁ ଦୃଷ୍ଟିରେ ରଖି ପିଓକେରେ ସରକାର ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରିଛନ୍ତି। ଏଏସି ସରକାରଙ୍କ ଆଗରେ ୩୮ଟି ଦାବି ଉପସ୍ଥାପନ କରିଛନ୍ତି। ଉଲ୍ଲେଖଥାଉ କି, ଗତ ସପ୍ତାହରେ ପାକିସ୍ତାନ ବାୟୁସେନାର ବୋମା ମାଡ଼ରେ ପିଓକେର ଏକ ଗାଁରେ ୩୦ଜଣ ସାଧାରଣ ଲୋକ ମୃତ୍ୟୁବରଣ କରିଥିଲେ। ଚୀନ୍‌ର ଜେ-୧୭ ଫାଇଟର ଜେଟ୍‌ରୁ ପାକ୍ ବାୟୁସେନା ବୋମା ମାଡ଼ କରିଥିଲା। ଏହାପରେ ପିଓକେରେ ହିଂସା ଓ ବିକ୍ଷୋଭ ଉଗ୍ରରୂପ ଧାରଣ କରିଛି। ପିଓକେରେ ସାମ୍ବାଦିକ ଓ ପର୍ଯ୍ୟଟକ ପ୍ରବେଶକୁ ବାରଣ କରାଯାଇଛି। ପିଓକେରେ ପୂର୍ବରୁ ମଧ୍ୟ ଏହିଭଳି ଏକାଧିକ ପ୍ରଦର୍ଶନ ଦେଖିବାକୁ ମିଳିଛି।

# ଆମେରିକା ଚର୍ଚ୍ଚରେ ଗୁଳିକାଣ୍ଡ; ଆକ୍ରମଣକାରୀ ସମେତ ୪ ମୃତ

ମିଚିଗାନ୍, ୨୯।୯(ଏଜେନ୍ସି): ଆମେରିକାର ମିଚିଗାନ ରାଜ୍ୟର ଗ୍ରାଣ୍ଡ ବ୍ଲାଙ୍କ ସହରରେ ଏକ ବଡ଼ଧରଣର ଗୁଳିକାଣ୍ଡ ଘଟିଛି। ସହରର ଚର୍ଚ୍ଚରେ ହୋଇଥିବା ଏହି ଗୁଳିକାଣ୍ଡରେ ୪ ଜଣ ମୃତ୍ୟୁବରଣ କରିଥିବା ବେଳେ ୮ ଜଣ ଆହତ ହୋଇଛନ୍ତି। ସନ୍ଦିଗ୍ଧ ଆକ୍ରମଣକାରୀକୁ ମଧ୍ୟ ନିପାତ କରାଯାଇଛି ବୋଲି ପୁଲିସ କହିଛି। ତେଣୁ ଭୟ କରିବାର କୌଣସି କାରଣ ନାହିଁ। ଏହା ଖ୍ରୀଷ୍ଟିଆନ ଧର୍ମ ଉପରେ ଆକ୍ରମଣ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଆକ୍ରମଣକାରୀ ହେଉଛନ୍ତି ୪୦ ବର୍ଷୀୟ ଥମାସ ଜ୍ୟାକବ ସେନଫୋର୍ଡ। ସେ ୨୦୦୪ରୁ ୨୦୦୮ ପର୍ଯ୍ୟନ୍ତ ମେରାଇନ୍ କମାଣ୍ଡୋରେ କାର୍ଯ୍ୟ କରିଥିଲେ। ସେବା ପାଇଁ ସେ ୫ଟି ମେଡାଲ ମଧ୍ୟ ଜିତିଥିଲେ। ତାଙ୍କ ପୁଅ ଏକ ଭିନ୍ନ ପ୍ରକାର ରୋଗରେ ପୀଡିତ ଥିଲେ। ଏଥିପାଇଁ ସେ ଚାକିରି ଛାଡି ଦେଇଥିଲେ।



ସେ ତାଙ୍କ ରାଇଫଲ୍ ଗୁଳି ଚଳାଇ ଏହି କାଣ୍ଡ ଘଟାଇବା ପରେ ଚର୍ଚ୍ଚରେ ନିଆଁ ଲଗାଇ ଦେଇଥିଲେ। ଫଳରେ ସମ୍ପୂର୍ଣ୍ଣ ଚର୍ଚ୍ଚ କ୍ଷତିଗ୍ରସ୍ତ ହୋଇଛି। ଏହି ଚର୍ଚ୍ଚର ନାମ 'ଦି ଚର୍ଚ୍ଚ ଅଫ୍ ଜେସସ ଖ୍ରୀଷ୍ଟ ଅଫ୍ ଲାଟର ଡେ ସେଣ୍ଟ୍‌ସ'। ଘଟଣାସ୍ଥଳରୁ ଦୂରେଇ ରହିବାକୁ ଲୋକଙ୍କୁ ପୁଲିସ ନିର୍ଦ୍ଦେଶ ଦେଇଛି। ଉଦ୍ଧାରକାର୍ଯ୍ୟ ଓ ଜରୁରୀକାଳୀନ ସେବା ପ୍ରଭାବିତ ନ ହେବା ପାଇଁ ଏହି ନିର୍ଦ୍ଦେଶ ଜାରି କରାଯାଇଛି। ଆହତ ହୋଇଥିବା କିଛି ଲୋକଙ୍କ ସ୍ଥିତି ଗମ୍ଭୀର ଅଛି ବୋଲି ପୁଲିସ ତରଫରୁ କୁହାଯାଇଛି। ଘଟଣା ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ପୂର୍ବରୁ ଆମେରିକାର ନର୍ଥ କାରିଲୋନାର ସାଉଥପୋର୍ଟରେ ଏକ ରେଷ୍ଟୁରାଣ୍ଟରେ ଶନିବାର ରାତିରେ ହୋଇଥିବା ଗୁଳିକାଣ୍ଡରେ ୩ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୫ ଜଣ ଆହତ ହୋଇଥିଲେ।

# ଆଲୋଚନାରୁ ଓହରିଲା ଏଲ୍‌ଏବି

## ୱାଙ୍ଗଚୁକ୍‌ଙ୍କୁ ତୁରନ୍ତ ମୁକ୍ତି ଓ ହତ୍ୟା ଘଟଣାର ନ୍ୟାୟିକ ତଦନ୍ତ ଦାବି

ଲେହ, ୨୯।୯ (ଏଜେନ୍ସି): ଲଦାଖ ହିଂସାକୁ ନେଇ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟକୁ ଲେହ ଆପେକ୍ସ ବଡି (ଏଲଏବି) ବିରୋଧ କରିଛି। ଆସନ୍ତା ୬ ତାରିଖରେ ନୂଆଦିଲ୍ଲୀରେ କେନ୍ଦ୍ର ସରକାରଙ୍କ ସହ ହେବାକୁ ଥିବା ଆଲୋଚନାରୁ ଏହି ସଂଗଠନ ଓହରି ଯାଇଛି। ଗିରଫ ସାମାଜିକ କର୍ମୀ ସୋନମ ୱାଙ୍ଗଚୁକଙ୍କୁ ତୁରନ୍ତ ମୁକ୍ତି ପାଇଁ ଦାବି କରିଛି। ଜାତୀୟ ସୁରକ୍ଷା ଆଇନ (ଏନଏସଏ) ଅଧିନରେ ୱାଙ୍ଗଚୁକ୍‌ଙ୍କ ଗିରଫ, ରାଜ୍ୟ ମାନ୍ୟତା ଦାବିରେ କରାଯାଇଥିବା ବିକ୍ଷୋଭ ପ୍ରଦର୍ଶନକୁ ଦେଶ ବିରୋଧୀ ଆଖ୍ୟା ଦେବା, ପୁଲିସ ଗୁଳିରେ ଯୁବକଙ୍କ ମୃତ୍ୟୁକୁ ବିରୋଧ କରି ଏହି ପଦକ୍ଷେପ ନିଆଯାଇଛି। ୪ ବିକ୍ଷୋଭକାରୀଙ୍କ ମୃତ୍ୟୁ ମାମଲାର ନ୍ୟାୟିକ ତଦନ୍ତ, ସିଆର୍‌ପିଏଫ ବିରୋଧରେ ମାମଲା ଏବଂ ବିକ୍ଷୋଭକାରୀଙ୍କ ବିରୋଧରୁ କେସ୍ ପ୍ରତ୍ୟାହାର ନହେବା ପର୍ଯ୍ୟନ୍ତ ଆଲୋଚନା ହେବନି ବୋଲି ଏଲଏବି ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ହିଂସା ପାଇଁ ଲଦାଖରେ କ୍ରମାଗତ ପଞ୍ଚମ ଦିନ ପାଇଁ ରବିବାର କର୍ଫ୍ୟୁ ବଳବତ୍ତର ରହିଛି। ଚାରିଆଡେ ଶୂନଶାନ। କର୍ଫ୍ୟୁ ଢ଼ିଲା ହେଲେ ଲୋକ ଘରୁ ବାହାରି ଖୋଲାଖୋଲି ଭାବେ ନିଜକଥା ରଖିବେ ବୋଲି ଆଶା କରାଯାଉଥିଲା। ଏଭଳି ହୋଇନାହିଁ। ୱାଙ୍ଗଚୁକଙ୍କ ଗିରଫ ସତ୍ତ୍ୱେ ସାରା ଲଦାଖ ଶାନ୍ତ ରହିଛି। ଗତ ୨୪ ତାରିଖରେ ହୋଇଥିବା ଆନ୍ଦୋଳନ ହିଂସାର ରୂପ ନେଇଥିଲା। ଏଥିରେ ୪ ଯୁବକଙ୍କ ସମେତ ୪୬ ବର୍ଷୀୟ ପୂର୍ବ ସୈନିକ ସେବାଙ୍ଗ ଥାର୍ଚିଙ୍ଗ୍ ମୃତ୍ୟୁବରଣ କରିଥିଲେ। ଥାର୍ଚିଙ୍ଗ୍ କାରଗିଲ ଯୁଦ୍ଧ ଲଢ଼ିଥିଲେ। ସେ ୧୯୯୬ରୁ ୨୦୧୭ ପର୍ଯ୍ୟନ୍ତ ଭାରତୀୟ ସେନାରେ ଜଣେ ହାବିଲଦାର ଭାବେ ନିୟୋଜିତ ଥିଲେ। ରବିବାର ଏହି ୪ ମୃତକଙ୍କ ମଧ୍ୟରୁ ଦୁଇଜଣଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଏମାନେ ହେଲେ ଜିଗ୍‌ମେଟ୍ ଦୋର୍ଜେ ଓ ଷ୍ଟାନଜିନ୍ ନାମଗ୍ୟାଲ। କଡ଼ା ସୁରକ୍ଷା ମଧ୍ୟରେ ଏହି ଦୁଇଜଣଙ୍କ ଅନ୍ତେଷ୍ଟି କ୍ରିୟା କରାଯାଇଛି। କେତେକ ସ୍ଥାନୀୟ ଓ ଜାତୀୟ ଗଣମାଧ୍ୟମ ପ୍ରତିନିଧି ଅନ୍ତିମ ସଂସ୍କାରକୁ କଭର କରିବାକୁ ଇଚ୍ଛା ପ୍ରକାଶ କରିଥିଲେ ମଧ୍ୟ ପୁଲିସ ସେମାନଙ୍କୁ ୨୦୦ ମିଟର ପୂର୍ବରୁ ରୋକିଥିଲା। ଇତିମଧ୍ୟରେ ୱାଙ୍ଗଚୁକ୍‌ଙ୍କ ପତ୍ନୀ ଗୀତାଞ୍ଜଳି ସଫେଇ ଦେଇଛନ୍ତି। ସ୍ୱାମୀଙ୍କ ଉପରେ ଆସିଥିବା ସବୁ ଅଭିଯୋଗକୁ ସେ ଭିତ୍ତିହୀନ ଓ ଅମୂଳକ କହିଛନ୍ତି। ୪ ବର୍ଷ ତଳେ ଯେତେବେଳେ ଲଦାଖକୁ କେନ୍ଦ୍ରଶାସିତ ପ୍ରଦେଶରୁ ରାଜ୍ୟର ମାନ୍ୟତା ଓ ସମ୍ବିଧାନର ଷଷ୍ଠ ଅନୁଚ୍ଛେଦରେ ସାମିଲ କରିବା ନେଇ ଦାବି ହୋଇଥିଲେ ସେତେବେଳଠାରୁ ୱାଙ୍ଗଚୁକ୍ ଟାର୍ଗେଟ୍‌ରେ ଥିଲେ।



# କାନାଡ଼ାରେ ଲରେନ୍ସର ଖେଳ ଖତମ୍

ଓଟାୱା, ୨୯।୯ (ଏଜେନ୍ସି): ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗଙ୍କୁ କାନାଡ଼ା ସରକାର ଆତଙ୍କବାଦୀ ସଂଗଠନ ଘୋଷଣା କରିଛନ୍ତି। କାନାଡ଼ାର ଜନ ସୁରକ୍ଷା ମନ୍ତ୍ରୀ ଗ୍ୟାରି ଅନନ୍ଦସଙ୍ଗରୀ ଏହି ସୂଚନା ଦେଇଛନ୍ତି। ଏହି ଗ୍ୟାଙ୍ଗ କେବଳ

ଭାରତ ନୁହେଁ, କାନାଡ଼ା ବ୍ୟତୀତ ଅନ୍ୟ ରାଷ୍ଟ୍ରରେ ମଧ୍ୟ ହତ୍ୟା, ବଟି ଆଦାୟ, ଅସ୍ତ୍ରଶସ୍ତ୍ର କାରବାର ଏବଂ ନିଶାଦ୍ରବ୍ୟ ଚାଲାଣରେ ସମ୍ପୃକ୍ତ ରହିଛି। ଗ୍ୟାରି କହିଛନ୍ତି ଯେ କାନାଡ଼ାରେ ହିଂସା ଏବଂ ଆତଙ୍କର କୌଣସି ସ୍ଥାନ ନାହିଁ। କୌଣସି ବିଶେଷ ସମୁଦାୟ ମଧ୍ୟରେ ଭୟର ପରିବେଶ ସୃଷ୍ଟି କରିବାକୁ ଚାହିଁଲେ ବରଦାସ୍ତ କରାଯିବ ନାହିଁ। ଏଥିପାଇଁ ଦେଶର କ୍ରିମିନାଲ କୋଡ ଅନୁଯାୟୀ ଲରେନ୍ସ ଗ୍ୟାଙ୍ଗକୁ ଆତଙ୍କବାଦୀ ସଂଗଠନ ଘୋଷଣା କରାଯାଇଛି। ବିଷ୍ଣୋଇ ଗ୍ୟାଙ୍ଗ ଏକ ଅନ୍ତର୍ଜାତୀୟ ଆପରାଧିକ ସଂଗଠନ। ଏହା ମୁଖ୍ୟତଃ ଭାରତରେ ସକ୍ରିୟ ରହିଛି। ପ୍ରବାସୀ ରହୁଥିବା ଅଞ୍ଚଳରେ ସୁରକ୍ଷା ବିପଦ ସୃଷ୍ଟି କରୁଛି। ସମାଜରେ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଥିବା ବ୍ୟକ୍ତି, ବ୍ୟବସାୟୀ ଆଦିଙ୍କୁ ନିଶାଣ କରୁଛି। ଏହି ନିଷ୍ପତ୍ତି ଦ୍ୱାରା କାନାଡ଼ାରେ ଥିବା ଲରେନ୍ସ ଗ୍ୟାଙ୍ଗର ସମ୍ପତ୍ତି, ଗାଡ଼ି, ଧନ, ବ୍ୟାଙ୍କ ଖାତା ଆଦିକୁ ଜବତ କରାଯିବ। ଏହି ଗ୍ୟାଙ୍ଗକୁ ଆର୍ଥିକ ସହାୟତା, ସହଯୋଗ ଏବଂ ନିଯୁକ୍ତିରେ ସହାୟକ କରୁଥିବା ବ୍ୟକ୍ତି ତଥା ସଂଗଠନ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ। ଏହାକୁ ଅପରାଧ ଧରାଯିବ। ଏହି ଗ୍ୟାଙ୍ଗ ସହ ସମ୍ପର୍କ ରଖିଥିବା ବ୍ୟକ୍ତିଙ୍କୁ କାନାଡ଼ାରେ ପ୍ରବେଶ ଅନୁମତି ଦିଆଯିବ ନାହିଁ।

# ରାହୁଲ ଗାନ୍ଧୀଙ୍କୁ ବିଜେପି ନେତାଙ୍କ ହତ୍ୟା ଧମକ

## ମାମଲା ରୁଜୁ କଲା ପୁଲିସ

ନୂଆଦିଲ୍ଲୀ, ୨୯।୯ (ଏଜେନ୍ସି): କେରଳର ଏକ ନ୍ୟୁଜ ଚ୍ୟାନେଲରେ ବିତର୍କ ଚାଲିଥିବାବେଳେ ବିଜେପି ପ୍ରବକ୍ତା ତଥା ପୂର୍ବତନ ଏବିଭିପି ନେତା ପ୍ରିଣ୍ଟୁ ମହାଦେବ ଲୋକସଭା ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କୁ ହତ୍ୟା ଧମକ ଦେଇଛନ୍ତି। ଏହାକୁ ନେଇ ତାଙ୍କ ବିରୋଧରେ ପୁଲିସ ମାମଲା ରୁଜୁ କରିଛି। ଏବେ କଂଗ୍ରେସ ଏ ସମ୍ବନ୍ଧରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ଚିଠି ଲେଖିଛି। ଏହି ଚିଠିରେ କଂଗ୍ରେସ ସାଧାରଣ ସମ୍ପାଦକ କେସି ବେଣୁଗୋପାଲ କହିଛନ୍ତି ଯେ ଧମକ ଦେଇଥିବା ବିଜେପି ପ୍ରବକ୍ତାଙ୍କ ବିରୋଦରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଯଦି କୌଣସି ପଦକ୍ଷେପ ନିଆ ନ ଯିବ ତେବେ ମିଳିମିଶି ରାହୁଲଙ୍କ ବିରୋଧରେ ହିଂସା କରାଯାଉଛି ବୋଲି ଧରାଯିବ। ଏହି ଧମକ କୌଣସି ଛୋଟମୋଟ ପଦାଧିକାରୀଙ୍କ ଅବହେଳାପୂର୍ଣ୍ଣ ପ୍ରତିକ୍ରିୟା ନୁହେଁ। ଜାଣିଶୁଣି ଏଭଳି ହିଂସାପୂର୍ଣ୍ଣ ପରିବେଶ ସୃଷ୍ଟି କରାଯାଉଛି। ଏହା ବିରୋଧୀ ନେତାଙ୍କ ପାଇଁ ଅସୁରକ୍ଷିତ ପରିବେଶ ସୃଷ୍ଟି କରୁଛି। ଏବେ ଏହା ବିରୋଧରେ ଦାୟିତ୍ୱ ନେବା ସରକାରଙ୍କ କାମ। ସରକାର କେଉଁ ବିଚାରଧାରାକୁ ସମର୍ଥନ କରୁଛନ୍ତି ତାହା ଜଣାନ୍ତୁ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ଚିଠିରେ ଶାହାଙ୍କୁ ପ୍ରଶ୍ନ କରାଯାଇଛି ଯେ ସାର୍ବଜନୀନ ଜୀବନରେ ବିଷ ସୃଷ୍ଟି କରୁଥିବା ଖୋଲମଖୋଲା ଆପରାଧିକ ଧମକ, ହିଂସାର ରାଜନୀତିକୁ ଆପଣ ସମର୍ଥନ ଦେଉଛନ୍ତି କି? ପରିବାରର ଦୁଇ ସଦସ୍ୟଙ୍କୁ ହତ୍ୟାରେ ହରାଇଥିବା ଜଣେ ନେତାଙ୍କ ସୁରକ୍ଷା ସମ୍ବନ୍ଧିତ



ସମ୍ବେଦନଶୀଳ ପ୍ରସଙ୍ଗକୁ ରାଜନୀତିକରଣ କରି ସରକାର ନିଆଁ ସହ ଖେଳୁଛନ୍ତି। ଯଦି କୌଣସି କାର୍ଯ୍ୟାନୁଷ୍ଠାନ ନ ନିଆଯାଏ ତେବେ ଏହା ବିରୋଧୀ ନେତାଙ୍କ ବିରୋଧରେ ହିଂସାକୁ ବୈଧାନିକ କରିବାର ଲାଇସେନ୍ସ ପ୍ରଦାନ କରିବ। ଏହା ସ୍ୱରାଷ୍ଟ୍ରମନ୍ତ୍ରୀ ଭାବେ ଆପଣ ନେଇଥିବା ଶପଥର ଗମ୍ଭୀର ଉଲ୍ଲଙ୍ଘନ ହେବ।

ସୂଚନା ଅନୁଯାୟୀ କେରଳର ଏକ ନ୍ୟୁଜ ଚ୍ୟାନେଲରେ ଲଦାଖ ହିଂସାକୁ ନେଇ ବିତର୍କ ଚାଲିଥିଲା। ଏଥିରେ ରାହୁଲଙ୍କ ଛାତିକୁ ଗୁଳି ମାରିଦିଆଯିବ ବୋଲି ପ୍ରିଣ୍ଟୁ କହିଥିଲେ। ଏହାକୁ ନେଇ କେରଳ ବିରୋଧୀ ଦଳ ନେତା ଭିଡି ସତୀଶନ କହିଛନ୍ତି ଯେ ସେମାନେ ରାହୁଲଙ୍କୁ ମାରିବାକୁ ଚାହୁଁଛନ୍ତି। ଭାରତର ଜନସାଧାରଣ ଏଭଳି ହେବାକୁ ଦେବେ ନାହିଁ।


# ମହାରାଷ୍ଟ୍ର ବନ୍ୟାରେ ୧୦ ମୃତ

ମୁମ୍ବାଇ, ୨୯।୯(ଏଜେନ୍ସି): ସାରା ଦେଶରେ ମୌସୁମୀର ଲେଉଟାଣି ଆରମ୍ଭ ହୋଇଥିବା ବେଳେ ମହାରାଷ୍ଟ୍ରରେ କିଛି ଜିଲ୍ଲାରେ କ୍ରମାଗତ ବର୍ଷା ଲାଗି ରହିଛି। ଗତ ୨୪ ଘଣ୍ଟାରେ ବର୍ଷା ଜନିତ ଘଟଣାରେ ୫ ଜିଲ୍ଲାରେ ୧୦ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଏଥିରେ ନାସିକ ଜିଲ୍ଲାର ୪, ଧାରାଶିବ ଓ ଅହଲ୍ୟାନଗରରେ ଦୁଇଜଣ ଲେଖାଏ, ଜାଲନା ଓ ଯଭତମାଲରେ ଜଣେ ଲେଖାଏଁ ମୃତ୍ୟୁବରଣ କରିଛନ୍ତି। ପ୍ରାୟ ୧୨, ୦୦୦ ଲୋକଙ୍କୁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଉଦ୍ଧାର କରାଯାଇଛି। ମରାଠାୱାଡା ଅଞ୍ଚଳର ଛତ୍ରପତି ଶମ୍ଭାଜୀନଗର, ଜାଲନା, ବିଡ, ଲାଟୁର, ନାନ୍ଦେଡ, ହିଙ୍ଗୋଲି ଓ ଭାବାଣୀ ଜିଲ୍ଲାରେ ବନ୍ୟା ଆସିଛି। ସେହିପରି ଶନିବାର ରାତିରୁ ମୁମ୍ବାଇରେ ପ୍ରବଳ ବର୍ଷା ଜାରି ରହିଛି। ନାସିକରେ ଗୋଦାବରୀ ନଦୀ ବିପଦ ସଙ୍କେତ ଊର୍ଦ୍ଧ୍ୱରେ ବହୁଛି। ନଦୀକୂଳରେ ଥିବା ରାମକୁଣ୍ଡ ଅଞ୍ଚଳର କେତୋଟି ମନ୍ଦିର ଜଳମଗ୍ନ ହୋଇଛି। ମହାରାଷ୍ଟ୍ରରେ ଏନ୍‌ଡିଆରଏଫ୍‌ର ୧୬ଟି ଟିମ୍ ଉଦ୍ଧାର କାର୍ଯ୍ୟପାଇଁ ନିୟୋଜିତ କରାଯାଇଛି। ଦୁଇଟି ଟିମ୍ ପୁରେ ରହିଛନ୍ତି। ଚଳିତ ବର୍ଷ ପୁଣେର ମୁଲଶୀ ତହସିଲସ୍ଥିତ ମନୋରମ ତମହିନୀ ଘାଟି ଦେଶର ସବୁଠାରୁ ବର୍ଷା ହୋଇଥିବା ସ୍ଥାନ ବିବେଚିତ ହୋଇଛି। ଏଥର ଏହି ଅଞ୍ଚଳରେ ୯, ୦୦୦ ମିମି ବର୍ଷା ହୋଇଛି।

# ପୀଡିତଙ୍କ କଷ୍ଟକୁ ଅଣଦେଖା କରିପାରିବେନି କୋର୍ଟ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୯।୯ (ଏଜେନ୍ସି): ଜଣେ ହତ୍ୟା ଅଭିଯୁକ୍ତକୁ ଆଗୁଆ ଜାମିନ ଦେବାକୁ ନେଇ ପାଟନା ହାଇକୋର୍ଟଙ୍କୁ ସୁପ୍ରିମକୋର୍ଟ ସୋମବାର ତୀବ୍ର ଭର୍ତ୍ସନା କରିଛନ୍ତି। ଜଷ୍ଟିସ ବିକ୍ରମନାଥ ଏବଂ ସନ୍ଦୀପ ମେହଟାଙ୍କ ଖଣ୍ଡପୀଠ କହିଛନ୍ତି ଯେ ବ୍ୟକ୍ତିଗତ ସ୍ୱାଧୀନତାକୁ ରକ୍ଷା କରିବା ଜରୁରି, କିନ୍ତୁ କୋର୍ଟ ପୀଡ଼ିତଙ୍କ କଷ୍ଟକୁ ମଧ୍ୟ ଅଣଦେଖା କରିପାରିବେ ନାହିଁ। ବହୁତ ତରବରିଆ ଭାବେ ୨୦୨୪ ମାର୍ଚ୍ଚରେ ହାଇକୋର୍ଟ ଏହି ନିଷ୍ପତ୍ତି ଦେଇଥିଲେ। ଅଭିଯୋଗ ନ ଶୁଣି ଜାମିନ ଦେଇଥିଲେ। ପ୍ରଥମେ ସେସନ କୋର୍ଟରେ ଆଗୁଆ ଜାମିନ ଆବେଦନ କରିବାର ଥିଲା। ପରେ ହାଇକୋର୍ଟ ଯିବାର ଥିଲା। କିନ୍ତୁ ପାଟନା ହାଇକୋର୍ଟ ଏହି ନିୟମକୁ ପାଳନ କରି ନ ଥିଲେ। ସୁପ୍ରିମକୋର୍ଟ ଏହାକୁ ଅନୁଚିତ କହି ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଖାରଜ କରିଦେଇଛନ୍ତି। ଅଭିଯୁକ୍ତକୁ ଚାରି ସପ୍ତାହ ମଧ୍ୟରେ ଆତ୍ମ ସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ୫୦ ଦିନରେ ୧୫ ହୋଟେଲ ବଦଳାଇଥିଲେ ଚୈତନ୍ୟାନନ୍ଦ



## ନଜରରୁ ବର୍ତ୍ତିବା ପାଇଁ ବିନା ସିସିଟିଭି ଥିବା ଶସ୍ତା ହୋଟେଲରେ ରହୁଥିଲେ

ନୂଆଦିଲ୍ଲୀ, ୨୯।୯(ଏଜେନ୍ସି): ଦିଲ୍ଲୀର ଶ୍ରୀ ଶାରଦା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆନ ମ୍ୟାନେଜମେଣ୍ଟର ପୂର୍ବତନ ମୁଖ୍ୟ ୬୨ ବର୍ଷୀୟ ସ୍ୱାମୀ ଚୈତନ୍ୟାନନ୍ଦ ଗିରଫ୍ ହେବା ପୂର୍ବରୁ ଲଗାତର ନିଜର ଠିକଣା ବଦଳାଇଥିଲା ବୋଲି ପୁଲିସ କହିଛି। ଗତ ୫୦ ଦିନ ମଧ୍ୟରେ ସେ ୧୫ଟି ହୋଟେଲ ବଦଳାଇଥିଲା। ପୁଲିସ୍‌ର ନଜରରୁ ବର୍ତ୍ତିବା ପାଇଁ ସେ ବିନା ସିସିଟିଭି ଥିବା ଶସ୍ତା ହୋଟେଲରେ ରହୁଥିଲେ। ଉତ୍ତରପ୍ରଦେଶର ଧାର୍ମିକ ସାହର ବୃନ୍ଦାବନ, ମଥୁରାରେ ଲୁଚି ରହୁଥିଲା। ବିଶ୍ୱସ୍ତ ଲୋକ ତା ପାଇଁ ଏହି ସବୁ ଶସ୍ତା ହୋଟେଲରେ ରହିବାର ବ୍ୟବସ୍ଥା କରୁଥିଲେ। ଶନିବାର ସେ ଆଗ୍ରାର ଏକ ହୋଟେଲରେ ଥିବା ବେଳେ ପୁଲିସ ତାକୁ ଗିରଫ କରିଥିଲା। ଦିଲ୍ଲୀର ପଟିଆଲା ହାଉସ୍ କୋର୍ଟ ତାକୁ ୫ ଦିନ ପାଇଁ ପୁଲିସ ରିମାଣ୍ଡକୁ ପଠାଇଛନ୍ତି। ପୁଲିସ ଏବେ ତା'ର ବିଭିନ୍ନ ସହଯୋଗୀଙ୍କୁ ଖୋଜୁଛି। ପୁଲିସ ତା'ଠାରୁ ଆଇପଡ ଓ ୩ଟି ଫୋନ୍ ଜବତ କରିଛି। ଗୋଟିଏ ଫୋନ୍‌ରେ ଛାତ୍ରାବାସର ସିସିଟିଭି ଫୁଟେଜର ରହିଛି। ଏହା ଜରିଆରେ ସେ ଛାତ୍ରୀମାନଙ୍କ ଉପରେ ନଜର ରଖୁଥଲା। ସେ ତା'ର ବିଭିନ୍ନ ଡିଜିଟାଲ ଉପକରଣଗୁଡିକର ପାସ୍‌ୱାର୍ଡ ଭୁଲିଯାଇଛି ବୋଲି ପଚରା ଉଚରା ବେଳେ କହିଥିଲା।

# ଉତ୍ତର ପ୍ରଦେଶ ସ୍କୁଲ୍‌ରେ ଚାଲିଛି ଲୁଟ୍‌ର ଖେଳ

ନୂଆଦିଲ୍ଲୀ, ୨୯।୯ (ଏଜେନ୍ସି): ଦେଶରେ ସରକାରୀ ଶିକ୍ଷାର ସ୍ତର ଦିନକୁ ଦିନ ଅଧୋଗତି ଆଡକୁ ମୁହାଁଇବାରେ ଲାଗିଛି। ଏପରି ସମୟରେ ଉତ୍ତର ପ୍ରଦେଶରୁ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ସରକାରୀ ଅର୍ଥ ହରିଲୁଟ୍ ପାଇଁ କିଭଳି ଶିକ୍ଷାକୁ ଅସ୍ତ୍ର କରାଯାଇଛି ଏହା ତାହାର ନିଚ୍ଛକ ଉଦାହରଣ ପାଲଟି ଯାଇଛି। ନେତା ଏବଂ କ୍ଷମତାଶାଳୀ ଲୋକେ ମିଶି ଶିକ୍ଷାର ମନ୍ଦିର ବିଦ୍ୟାଳୟକୁ ହରିଲୁଟ୍‌ର ମାଧ୍ୟମ କରିଦେଇଛନ୍ତି। ରିପୋର୍ଟ ଅନୁଯାୟୀ ଉତ୍ତର ପ୍ରଦେଶ ଗୋଣ୍ଡର ଶ୍ରୀ ବାଲକ ଭଗବାନ ଲଘୁ ମାଧ୍ୟମିକ ବିଦ୍ୟାଳୟରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୫୦ ପିଲା ପଢୁଛନ୍ତି। ମାତ୍ର ଏହି ଛାତ୍ରଛାତ୍ରୀଙ୍କୁ ପଢାଇବା ପାଇଁ ୭୭ ଶିକ୍ଷକ ମୁତୟନ ହୋଇଛନ୍ତି। ଅର୍ଥାତ୍ ତିନି ଛାତ୍ରଛାତ୍ରୀଙ୍କ ପାଇଁ ଜଣେ ଶିକ୍ଷକ ରହିଛନ୍ତି। କିନ୍ତୁ ୩୫ ଶିଶୁଙ୍କ ପାଇଁ ଜଣେ ଶିକ୍ଷକ ରହିବାର ନିୟମ ରହିଛି। ସେହିପରି ଭୈୟା ଚନ୍ଦ୍ରଭାନଦତ୍ତ ଲଘୁ ମାଧ୍ୟମିକ ସ୍କୁଲ ରାମପୁର ଟେଙ୍ଗରହାରେ ୨୫୦ ଛାତ୍ରଛାତ୍ରୀ ପଢୁଛନ୍ତି। କିନ୍ତୁ ଏଠାରେ ୪୫ ଶିକ୍ଷକ ମୁତୟନ ଅଛନ୍ତି। ମାତ୍ର କେବଳ ୭ ଜଣ ଶିକ୍ଷକଙ୍କ ଆବଶ୍ୟକତା ରହିଛି। ଏହା ବ୍ୟତୀତ ଶ୍ରୀ ଦୟାନନ୍ଦ ଆର୍ଯ୍ୟ ବୈଦିକ କଲେଜରେ ୧୫୦ ଛାତ୍ରଛାତ୍ରୀଙ୍କ ପାଇଁ ୫ ଶିକ୍ଷକ ବଦଳରେ ୪୫ ଶିକ୍ଷକ ଅଛନ୍ତି। ଏଠାରେ ନିୟମ ବିରୋଧରେ ୪୫ ଶିକ୍ଷକଙ୍କୁ ନିଯୁକ୍ତି କରାଯାଇଛି।

ଏହି ସ୍କୁଲ କେବଳ ଉଦାହରଣ ମାତ୍ର। କେବଳ ଗୋଣ୍ଡା ଜିଲ୍ଲାରେ ସରକାରୀ ସହାୟତା ପାଉଥିବା ୨୯ ଏଡେଡ ସ୍କୁଲ ରହିଛି। ଏହି ସବୁଥିରେ ୭୦୦ରୁ ଅଧିକ ଶିକ୍ଷକ ମୁତୟନ ଅଛନ୍ତି। ଗତ ୧୦ ବର୍ଷ ମଧ୍ୟରେ ଏମାନଙ୍କୁ ୨ ବିଲିୟନ ଟଙ୍କାର ଦରମା ଦିଆଯାଇଛି। ସାରା ପ୍ରଦେଶରେ ଏଭଳି ସ୍କୁଲ୍ ସଂଖ୍ୟା ୧୦୬୮ ରହିଛି। ଅର୍ଥାତ୍ ଏହି ଦରମାର ଖେଳ ଜୋରସୋରରେ ଚାଲିଛି। ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଶିକ୍ଷା ବିଭାଗର ଅଧିକାରୀ ଏବଂ ନେତାଙ୍କ ସହ ମିଶି ସ୍କୁଲ୍ କମିଟିଗୁଡିକ ଏହି ଲୁଟ୍‌ର ଖେଳ ଚଳାଇଛନ୍ତି। ଏକାଥରକେ ଅନେକଙ୍କୁ ନିଯୁକ୍ତି କରାଯାଇଛି। କାହାଠୁ ଲାଞ୍ଚ ନେଇ ନିଯୁକ୍ତି ଦିଆଯାଇଛି ତ ଆଉ କାହାକୁ ନେତା ତଥା ଜନପ୍ରତିନିଧି ଏବଂ ପରିଚାଳକଙ୍କ ସମ୍ପର୍କୀୟ ଭାବେ ସ୍କୁଲରେ ଚାକିରି ଦିଆଯାଇଛି। କେବଳ ଗୋଣ୍ଡାର ତିନି ସ୍କୁଲରେ କମିଟି, ବିଧାୟକ, ନେତାଙ୍କ ସମ୍ପର୍କୀୟଙ୍କୁ ନିଯୁକ୍ତି କରାଯାଇଛି। ଏହି ପ୍ରଭାବଶାଳୀ ଲୋକଙ୍କ ବିରୋଧରେ ୭ ବର୍ଷ ହେଲା ଯାଞ୍ଚ ଜାରି ରହିଛି।

ଭୈୟା ଚନ୍ଦ୍ରଭାନୁ ସ୍କୁଲରେ ପବନ ମିଶ୍ରାଙ୍କୁ ନିଯୁକ୍ତି କରାଯାଇଛି। ସେ ବିଧାୟକ ପ୍ରେମନାରାୟଣ ପାଣ୍ଡେୟଙ୍କ ଜ୍ୱାଇଁ। ଏଠାରେ କାମ କରୁଥିବା ଅବିନାଶ ତିୱାରୀ ବିଧାୟକଙ୍କ ପୁଅର ଶଳା। ବିଧାୟକଙ୍କ ସଢୁ ଚନ୍ଦ୍ରପ୍ରକାଶ ମିଶ୍ର ସହାୟକ ଶିକ୍ଷକ ଅଛନ୍ତି। ସ୍କୁଲ ପରିଚାଳକ ଦିଗବିଜୟ ପାଣ୍ଡେୟଙ୍କ ବୋହୂ ପୁନମ ଦେବୀ ଏଠାରେ କ୍ଲର୍କ ଅଛନ୍ତି। ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ପୁନମ ଦେବୀ ୨୦୧୩ ଏପ୍ରିଲରେ ଅନୁମୋଦନ ପାଇଥିବା ଦର୍ଶାଇଛନ୍ତି। କିନ୍ତୁ ରାଧେଶ୍ୟାମ ପାଣ୍ଡେୟ ଅବସର ନେବା ପରେ ୨୦୧୫ ସେପ୍ଟେମ୍ବର ୩୦ରେ ଏହି ପଦ ଖାଲି ହୋଇଥିଲା।


ମଙ୍ଗଳାବାଗ


ଶେଖ୍‌ବଜାର


ଖଟବିନ୍ ସାହି


କାଜି ବଜାର


ରୋଭର୍ସ ଷ୍ଟ୍ରିଟ୍

ମହାସପ୍ତମୀ ଅବସରରେ କଟକର ବିଭିନ୍ନ ପୂଜାମଣ୍ଡପରେ ମା' ମହାମାୟୀ

# ମନ୍ତ୍ରୀଙ୍କ ଗାଡ଼ିକୁ ଧକ୍କା ଦେଇ ୨ ବାଇକ୍ ଆରୋହୀ ଗୁରୁତର

ଦେବଗଡ଼,୨୯।୯(ସମିସ): ବଳମ ଗାଁ ସ୍ଥିତ ଜାଗୃତି କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଦୁର୍ଗାପୂଜା ରୌପ୍ୟ ଜୟନ୍ତୀ କାର୍ଯ୍ୟକ୍ରମରେ ସୋମବାର ଯୋଗ ଦେବାକୁ ଆସିଥିବା ପୂର୍ତ୍ତ ବିଭାଗ ଓ ପାନୀୟଜଳ ବିଭାଗ ମନ୍ତ୍ରୀ

## ଦୁର୍ଘଟଣା ପରେ ମନ୍ତ୍ରୀଙ୍କ ଗାଡ଼ିକୁ ଖସାଇଦେଲା ପୁଲିସ

ରବିନାରାୟଣ ନାଏକଙ୍କ ଇନୋଭାକୁ ଦୁଇ ବାଇକ ଆରୋହୀ ଧକ୍କା ଦେଇଛନ୍ତି। ଏଥିରେ ସେମାନେ ଆହତ ହେବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଗୁରୁତର ଯୁବକ ଦ୍ୱୟ ଭାଲୁମୁଣ୍ଡା ଗାଁର ପ୍ରଦୀପ ପଲେଇ ଓ ଦିଗାମ୍ବର ପ୍ରଧାନ ବୋଲି ଜଣାପଡ଼ିଛି। ଅବସ୍ଥା ଶଙ୍କଟାପନ୍ନ ହେବାରୁ ଦିଗାମ୍ବରକୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ଆହତ ଯୁବକ ଦ୍ୱୟଙ୍କୁ ପୁଲିସ ଗାଡିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ମନ୍ତ୍ରୀ ଶ୍ରୀ ନାଏକ କାର୍ଯ୍ୟକ୍ରମ ସ୍ଥଳୀକୁ ଯାଇ ଦୁର୍ଗାପୂଜାରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ କାଣ୍ଟଛାଣ୍ଟ କରି ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ସେଠାରେ ଡାକ୍ତରଙ୍କ ସହ ଆଲୋଚନା କରିବା ସହ ମନ୍ତ୍ରୀ ଯୁବକ ଦ୍ୱୟଙ୍କୁ ଉତ୍ତମ ଚିକିତ୍ସା ଯୋଗାଇବାକୁ ନିର୍ଦ୍ଦେଶ ଦେଇ ଚାଲିଯାଇଥିଲେ। ତେବେ ଦୁର୍ଘଟଣା ପରେ ସମ୍ଭାବ୍ୟ ଉତ୍ତେଜନାକୁ ଆଶଙ୍କା କରି ଉପସ୍ଥିତ ପୁଲିସ ଅଧିକାରୀମାନେ ମନ୍ତ୍ରୀଙ୍କ ଦୁର୍ଘଟଣା ଗ୍ରସ୍ତ ଗାଡିକୁ ସେଠାରୁ ଅନ୍ୟତ୍ର ପଠାଇ ମାମଲାକୁ ଚପାଇ ଦେବାର ଉଦ୍ୟମ କରିଥିବା ଜଣା ପଡିଛି। ଖବର ଲେଖାଯିବା ପର୍ଯ୍ୟନ୍ତ ଦୁର୍ଘଟଣା ସମ୍ପର୍କିତ କୌଣସି ମାମଲା ଥାନାରେ ରୁଜୁ ହୋଇ ନଥିବା ଜଣାପଡିଛି।

### କିଟ୍ ବିଶ୍ୱବିଦ୍ୟାଳୟର ୨୧ତମ ସମାବର୍ତ୍ତନ ଉତ୍ସବ ଉଦ୍‌ଯାପିତ

# ଛାତ୍ରଛାତ୍ରୀମାନେ ଦୟା, କରୁଣା ଓ ମାନବିକତାକୁ ଜୀବନର ମୂଳମନ୍ତ୍ର କରନ୍ତୁ

ଭୁବନେଶ୍ୱର, ୨୯।୯ (ସମିସ): ଛାତ୍ରଛାତ୍ରୀମାନେ ଦୟା, କରୁଣା ଓ ମାନବିକତାକୁ ଜୀବନର ମୂଳମନ୍ତ୍ର କରିବା ଉଚିତ ବୋଲି କିଟ୍ ବିଶ୍ୱବିଦ୍ୟାଳୟର ୨୧ତମ ସମାବର୍ତ୍ତନ ଉତ୍ସବର ଉଦ୍‌ଯାପନୀ ଦିବସରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ୩ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ଶ୍ରୀଲଙ୍କାର ନୋବେଲ ପୁରସ୍କାର ବିଜେତା ପ୍ରଫେସର୍ ମୋହନ ମୁନାସିଂଘେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ପୂର୍ବରୁ ନିଜ ମଧ୍ୟରେ ଶାନ୍ତି ଆଣିବାକୁ ଚେଷ୍ଟା କରିବା ଉଚିତ। ଦାରିଦ୍ର୍ୟ, ଅସମାନତା ଏବଂ ସମ୍ବଳ ଅଭାବ ଉପରେ ଆଲୋକପାତ କରି ସେ କହିଥିଲେ ଯେ ବର୍ତ୍ତମାନ ସମୟରେ ମାନବବାଦ ପାଇଁ ପରିବେଶର ସୁରକ୍ଷା ନିତାନ୍ତ ଓ ତୁରନ୍ତ ଆବଶ୍ୟକ।

ଦ୍ୱିତୀୟ ଦିନରେ ଇଣ୍ଟରନ୍ୟାସ୍‌ନାଲ୍ କୋର୍ଟ ଅଫ୍ ଜଷ୍ଟିସ୍‌ର ବିଚାରପତି ଜଷ୍ଟିସ୍ ଅବଦୁଲକ୍ୱାଇ ଅହମ୍ମଦ ୟୁସୁଫ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ନାତକମାନଙ୍କୁ ବିଶ୍ୱ ଶାନ୍ତି ନିର୍ମାତା ଏବଂ ନ୍ୟାୟର ସ୍ୱର ଭାବରେ



ସେମାନଙ୍କର ଭୂମିକା ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ।

ସେହିପରି ତୃତୀୟ ଦିନରେ ନୋବେଲ ବିଜେତା ଓଉଇଦେଦ୍ ବୋଚାମାଉଇ କହିଥିଲେ ଯେ ଛାତ୍ରଛାତ୍ରୀମାନେ ସେମାନଙ୍କ ଜୀବନରେ ଡ. ସାମନ୍ତଙ୍କ ଭଳି ଦୟା, କରୁଣା ଓ ମାନବିକତାକୁ ସେମାନଙ୍କ ମୂଳ ମନ୍ତ୍ର କରିବାକୁ ଆହ୍ୱାନ ଦେଇଥିବା ବେଳେ ସେବା, ସ୍ଥିରତା ଏବଂ କରୁଣାର ଉଦାହରଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ସଫଳତା ପାଇଁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

କାର୍ଯ୍ୟକ୍ରମ ଅବସରରେ ନୋବେଲ ବିଜେତା ପ୍ରଫେସର୍ ମୋହନ ମୁନାସିଂଘେ, ନୋବେଲ ବିଜେତା ଓଉଇଦେଦ୍ ବୋଚାମାଉଇ, ଶାନ୍ତିପ୍ରବକ୍ତା ଡ. ହୁଜେଫା ଖୋରାକିୱାଲା, କମ୍ପିଟିସନ ସକସେସ୍ ରିଭ୍ୟୁର ଅଧ୍ୟକ୍ଷ ଏସ୍. କେସଚଦେବା, ଗୁଏତମାଲା ଗଣରାଜ୍ୟ ସାଂସଦ ଡ. ଫିଡେଲ ରାଏସ୍ ଲି, ଜର୍ମାନୀର ପ୍ରତ୍ନତାତ୍ତ୍ୱିକ ପାର୍କର ଅଧ୍ୟକ୍ଷ ନର୍ବର୍ଟ ସାଉର ଏବଂ ଲାଲଚାନ୍ଦ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୟ ହଂସଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଥିଲା।

ସେହିପରି ୧୯୫ ଛାତ୍ରଛାତ୍ରୀଙ୍କୁ ପିଏଚ୍‌ଡି, ୨୦୩୪ ଜଣଙ୍କୁ ସ୍ନାତକୋତ୍ତର, ୭୨୩୨ଜଣଙ୍କୁ ସ୍ନାତକ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଅପରପକ୍ଷେ, ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦିତ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣପଦକ, କୁଳାଧିପତି ସ୍ୱର୍ଣ୍ଣପଦକ, ପିପିଏଲ୍ ସ୍ୱର୍ଣ୍ଣ ପଦକ, ପିକେ ବଳ ସ୍ମାରକୀ ସ୍ୱର୍ଣ୍ଣ ପଦକ, ନନିବାଳା ସ୍ମାରକୀ ସ୍ୱର୍ଣ୍ଣପଦକ, ଶ୍ରୀକୃଷ୍ଣଚନ୍ଦ୍ର ପଣ୍ଡା ସ୍ମାରକୀ ସ୍ୱର୍ଣ୍ଣ ପଦକ, ଡ. ୱାଟି ପରମଗୁରୁ ସ୍ମାରକୀ ସ୍ୱର୍ଣ୍ଣ ପଦକ ଓ କୁଳପତି ରୌପ୍ୟପଦକ ପ୍ରଦାନ କରାଯାଇଥିଲା।

ଏଥିରେ କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ କୁମାର ପରିଜା, ଉପକୁଳାଧିପତି ପ୍ରଫେସର ଡ. ସୁବ୍ରତ ଆଚାର୍ଯ୍ୟ, କୁଳପତି ପ୍ରଫେସର୍ ଶରଣଜିତ ସିଂହ, ଉପକୁଳପତି ପ୍ରଫେସର୍ ରାଜୁ କେ.ଡି ଓ କୁଳସଚିବ ପ୍ରଫେସର୍ ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦ୍ରକୁ ଯିବେ ସମର୍ଥ ବର୍ମା

ଭୁବନେଶ୍ୱର, ୨୯।୯(ସମିସ): କେନ୍ଦ୍ରକୁ ଡେପୁଟେସନ୍‌ରେ ଯିବେ ୨୦୧୧ବ୍ୟାଚ୍ ଓଡ଼ିଶା କ୍ୟାଡର୍ ଆଇଏଏସ୍ ଅଧିକାରୀ ସମର୍ଥ ବର୍ମା। ୫ ବର୍ଷ ପାଇଁ ଶ୍ରୀ ବର୍ମା କେନ୍ଦ୍ରକୁ ଯିବେ। ଏନେଇ ସୋମବାର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ତାଙ୍କୁ ବନ୍ଦର, ଜାହାଜ ଓ ଜଳମାର୍ଗ ମନ୍ତ୍ରଣାଳୟର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ମିଳିଛି। ଏହି ନିର୍ଦ୍ଦେଶନାମାର ୩ ସପ୍ତାହ ମଧ୍ୟରେ ଶ୍ରୀ ବର୍ମା ନୂତନ ପଦବୀରେ ଦାୟିତ୍ୱ ଗ୍ରହଣ କରିବେ। ଏଥିପାଇଁ ତାଙ୍କୁ ରିଲଭ୍ କରିବା ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ପତ୍ର ଲେଖାଯାଇଛି।




# ୨ରୁ କଂଗ୍ରେସର ବର୍ଷବ୍ୟାପୀ ପଦଯାତ୍ରା

ଭୁବନେଶ୍ୱର, ୨୯।୯(ସମିସ): ଆସନ୍ତା ଅକ୍ଟୋବର ୨ତାରିଖରୁ ଓଡ଼ିଶାରେ ବର୍ଷବ୍ୟାପୀ 'ଗାନ୍ଧୀ ପଥେ ଓଡ଼ିଶା' ପଦଯାତ୍ରା ଆରମ୍ଭ କରିବ କଂଗ୍ରେସ। ଗାନ୍ଧୀ ଜୟନ୍ତୀ ଦିନ ପିସିସି ସଭାପତି ଭକ୍ତଚରଣ ଦାସ ମାଲକାନଗିରିର ମୋଟୁଠାରୁ ଏହି ପଦଯାତ୍ରାର ଶୁଭାରମ୍ଭ କରିବେ। ନାରୀ ନ୍ୟାୟ ଅଧିକାର ପାଇଁ ୩ ତାରିଖ

## ଯୋଗ ଦେଇପାରନ୍ତି ରାହୁଲ୍ ଗାନ୍ଧୀ

ମଧ୍ୟ ପଦଯାତ୍ରାର ପ୍ରଥମ ଦଫା ଚାଲୁ ରହିବ। ତେବେ ନୂଆପଡ଼ା ଉପନିର୍ବାଚନ ପରେ ପଦଯାତ୍ରା ପୁଣି ଆରମ୍ଭ କରାଯିବ କଂଗ୍ରେସ ମିଡିଆ ସେଲ୍ ମୁଖ୍ୟ ଅରବିନ୍ଦ ଦାସ ସୂଚନା ଦେଇଛନ୍ତି। ରାଜ୍ୟର ପ୍ରତ୍ୟେକ ବ୍ଲକ୍‌ରେ ପର୍ଯ୍ୟାୟାନୁକ୍ରମେ ଦିନକୁ ୧୫-୨୦ କିମି ଏହି ପଦଯାତ୍ରା ଆୟୋଜିତ ହେବ। ଏନେଇ ବିସ୍ତୃତ କାର୍ଯ୍ୟସୂଚୀ ଓ ରୋଡମ୍ୟାପ୍ ବର୍ତ୍ତମାନ କଂଗ୍ରେସ ପ୍ରସ୍ତୁତ କରୁଛି। ଏହି ପଦଯାତ୍ରାରେ ରାଜ୍ୟର ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ଅଂଶଗ୍ରହଣ କରିବେ। ଏହାବ୍ୟତୀତ ବର୍ଷେବ୍ୟାପୀ ଏହି ପଦଯାତ୍ରା ଜାରି ରହିବାକୁ ଥିବାରୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ଅଂଶଗ୍ରହଣ କରିବାର ସମ୍ଭାବନା ରହିଛି। ଆସନ୍ତା ନଭେମ୍ବର ସୁଦ୍ଧା ସେ ଓଡ଼ିଶା ଗସ୍ତ କରିପାରନ୍ତି ବୋଲି କୁହାଯାଉଛି।



# ପୁଣି ହୀରାକୁଦ ପୂର୍ଣ୍ଣଗର୍ଭା, ୮ ଗେଟ୍ ଖୋଲା

ସମ୍ବଲପୁର, ୨୯।୯ (ସମିସ) : ଯୋଡ଼ି ଲଘୁଚାପ ଯୋଗୁଁ ହୀରାକୁଦ ଜଳଭଣ୍ଡାରରେ ପ୍ରବେଶ ଜଳ ପରିମାଣ ବୃଦ୍ଧି ପାଇବାପରେ ଅଧିକସଂଖ୍ୟକ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଥିଲା। ପର୍ଯ୍ୟାୟକ୍ରମେ ଗେଟ୍ ବନ୍ଦ କରି ୬ଟି ଗେଟ୍ ଖୋଲାଯାଇଥିବାବେଳେ ଜଳସ୍ତର ବୃଦ୍ଧି ପାଇବାରୁ ସୋମବାର ସନ୍ଧ୍ୟାରେ ଆଉ ୨ଟି ଗେଟ୍ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଗତ ୨୧ ତାରିଖ ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ପହଞ୍ଚିଥିବାବେଳେ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଜଳସ୍ତରକୁ ବଜାୟ ରଖିବାକୁ ଉଦ୍ୟମ ଜାରି ରହିଛି।

ସୋମବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୭୧ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୫ଟି ଓ ଡାହାଣ ପାର୍ଶ୍ୱର ୩ଟି ଏହିଭଳି ମୋଟ ୮ଟି ସ୍ଲୁଇସ୍ ଗେଟ୍‌ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୦୨,୩୦୬ ଘନଫୁଟ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୬୬,୬୬୨ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧,୩୧,୩୩୬ ଘନଫୁଟ ଜଳ ନିଷ୍କାସିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୧,୭୬୮ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ପାଇଁ ୩,୩୧୫ ଘନଫୁଟ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୫୦,୬୦୦ ଘନଫୁଟ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୧,୨୫,୬୧୯ ଘନଫୁଟ, ଖଇରମାଳଠାରେ ୨,୮୬,୫୦୦ ଘନଫୁଟ, ବାରମୁଲଠାରେ ୨,୭୯,୫୦୦ ଘନଫୁଟ ଏବଂ ମୁଣ୍ଡଲୀଠାରେ ୩,୬୯,୧୭୪ ଘନଫୁଟ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୩.୪୩ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୧.୫୫ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୯୭ ଫୁଟ୍ ରହିଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

## ୧୨୦ ବୋତଲ କଫ ସିରପ୍ ଜବତ, ଜଣେ ଗିରଫ



ସମ୍ବଲପୁର, ୨୯।୯ (ସମିସ) : ଧନୁପାଲି ଥାନା ଅଧୀନ ଚାରବାଟି ଛକରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରି ଜଣେ ଯୁବକଙ୍କଠାରୁ କଫ ସିରପ୍ ଜବତ କରାଯାଇଛି। ସୂଚନା ଅନୁଯାୟୀ ଚାରବାଟି ଛକ ନିକଟରେ ନିଶା କାରବାର କରୁଥିବାବେଳେ ଅବକାରୀ ବିଭାଗ ମଣ୍ଟୁ ଓରାମ (୩୫)କୁ ଧରିବାସହ ତା'ଠାରୁ ୧୨୦ ବୋତଲ ୱିନସେରାକ୍ସ କଫସିରପ ଏବଂ ନଗଦ ୧୫,୨୦୦ ଟଙ୍କା ଜବତ କରିଥିଲା। ଅଭିଯୁକ୍ତ ମଣ୍ଟୁ ଓରାମକୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

## ମହାଷ୍ଟମୀରେ ମା' ସମଲେଶ୍ୱରୀଙ୍କ ଖଣ୍ଡାଧୂଆ ନୀତି



ସମ୍ବଲପୁର, ୨୯।୯ (ସମିସ) : ମା' ସମଲେଶ୍ୱରୀ ମନ୍ଦିରରେ ଆଜି ମହାଷ୍ଟମୀ ପୂଜା ସହ ମା' ସମଲେଶ୍ୱରୀଙ୍କ ଖଣ୍ଡାଧୂଆ ନୀତି ସମ୍ପନ୍ନ ହୋଇଛି। ଏହାସହ ଆଖଡ଼ା ନଗର ପରିକ୍ରମା ମଧ କରିଛି। ପୂଜକ ମା'ଙ୍କ ଗର୍ଭଗୃହରେ ଥିବା ଖଣ୍ଡା ଗୁଡ଼ିକ ନେଇ ମହାନଦୀର ମଚ୍ଛିନ୍ଦ୍ର ଘାଟରେ ଧୋଇବା ପରେ ପୂଜାର୍ଚ୍ଚନା କରିଥିଲେ। ପରମ୍ପରା ଅନୁସାରେ ମହାଷ୍ଟମୀ ଦିନ ମହାନଦୀରେ ମା'ଙ୍କ ଖଣ୍ଡାପୂଜା ହୋଇଥାଏ। ଏଥିପାଇଁ ପୂଜକମାନେ ରୀତିନୀତି ଅନୁସାରେ ବାଜାଗଜା ସହ ମହାନଦୀକୁ ଯାଇଥାନ୍ତି। ସେଠାରୁ ଫେରିବା ପରେ ମା'ଙ୍କ ସନ୍ଧିପୂଜା ହୋଇଥାଏ। ସେହିପରି ପଶ୍ଚିମ ଓଡ଼ିଶାରେ ମହାଷ୍ଟମୀ ଦିନ ଭଉଣୀମାନେ ଭାଇମାନଙ୍କ ଦୀର୍ଘାୟୁ କାମନା କରି ଭାଇଜିଉଁତିଆ ବ୍ରତ ରଖିଥାନ୍ତି। ମା'ଙ୍କଠାରେ ପୂଜା ହୋଇଥିବା ଖଣ୍ଡାରେ ଭଉଣୀମାନେ ଦୁବ ଛୁଆଁଇ ଭାଇମାନଙ୍କୁ ଛୁଆଁଇବା ସହ ସେମାନଙ୍କ ସୁରକ୍ଷା କାମନା କରି ପୂଜା କରିଥାନ୍ତି।


## ସୂର୍ଯ୍ୟଘର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

କୁଚିଣ୍ଡା, ୨୯।୯(ସମିସ): ବାମରା ବ୍ଲକ୍ ସଦର ମହକୁମାସ୍ଥିତ ଗୋବିନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟରେ ଚାଲିଥିବା ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ୩୦ ଜଣ ଯୁବକ ଯୁବତୀ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ହିତାଧିକାରୀଙ୍କୁ ମିଳୁଥିବା ସୋଲାରସିଷ୍ଟମ, ସବସିଡି ଓ ଅନ୍ୟାନ୍ୟ ସୁବିଧା ନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷକ ଗ୍ରହଣ କରିଥିବା ଯୁବକ ଯୁବତୀ ଙ୍କୁ ଆବଶ୍ୟକ କ୍ଷେତ୍ର ରେ ନିଯୁକ୍ତି ପ୍ରଦାନ କରାଯିବ ବୋଲି କୁହାଯାଇଛି। ଉଦ୍‌ଯାପନୀ ଉତ୍ସବ କାର୍ଯ୍ୟକ୍ରମରେ ବାମରା ବ୍ଲକ୍ ସରପଞ୍ଚ ସଂଘ ସଭାପତି ତଥା ଗୋବିନ୍ଦପୁର ସରପଞ୍ଚ ବିମଲ୍ ଲାକ୍ରା ଯୋଗ ଦେଇ ଉପସ୍ଥିତ ଯୁବକ ଯୁବତୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ମାଷ୍ଟରଟ୍ରେନର କମଳ ପୂଜାରୀ ପ୍ରଶିକ୍ଷଣ ପ୍ରଦାନ କରିଥିବା ବେଳେ ରଶ୍ମୀ ନାଏକ, ମୁନ୍ନା ପୂଜାରୀ ଓ ସୋନିଆ ମାଝୀଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ।








































# ଦଶହରାରେ ସୁଦୃଶ୍ୟ ତୋରଣରେ ଝଲସୁଛି ସମ୍ବଲପୁର


ଧନୁପାଲି


ଗୋବିନ୍ଦଟୋଲା


ସାକ୍ଷୀପଡ଼ା


ଲକ୍ଷ୍ମୀଟକିଜ ଛକ


ଅଇଁଠାପାଲି ଛକ


ଫାଟକ



ଦଲେଇପଡ଼ା


ଫାର୍ମରୋଡ୍

## ଜାତୀୟ ପେନକାକ୍ ସିଲଟ୍ ପ୍ରତିଯୋଗିତା

# ସମ୍ବଲପୁରର ଝିଅ ପ୍ରିଶାଙ୍କୁ ରୌପ୍ୟ

**ସମ୍ବଲପୁର, ୨୯।୯ (ସମିସ) :** ୧୩ତମ ଜାତୀୟ ଜୁନିଅର ପେନକାକ୍ ସିଲଟ୍ ପ୍ରତିଯୋଗିତାରେ ସମ୍ବଲପୁରର ଝିଅ ପ୍ରିଶା କର ରୌପ୍ୟ ପଦକ ଜିତିଛନ୍ତି। ପ୍ରିଶା ପୂର୍ବରୁ ଝାରସୁଗୁଡ଼ାଠାରେ ଆୟୋଜିତ ଅଷ୍ଟମ ରାଜ୍ୟସ୍ତରୀୟ ପେନକାକ୍ ସିଲଟ୍ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲକରି କର୍ଣ୍ଣାଟକଠାରେ ଅନୁଷ୍ଠିତ ହୋଇଥିବା ୨୦୨୫-୨୬ ଜାତୀୟ ଜୁନିଅର୍ ପେନକାକ୍ ସିଲଟ୍ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ସେପ୍ଟେମ୍ବର ୨୬ ରୁ ୨୮ ତିନିଦିନ ଧରି ହୋଇଥିବା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପ୍ରିଶା ରୌପ୍ୟ ପଦକ ପାଇ ସମ୍ବଲପୁର ପାଇଁ ଗୌରବ ଆଣିଛନ୍ତି। ସେ ସମ୍ବଲପୁରସ୍ଥିତ ନାରାୟଣ ମାର୍ଶଲ ଆର୍ଟ ଏକାଡେମିରେ ନାରାୟଣ ବାରିକଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି। ପ୍ରିଶା ହେଉଛନ୍ତି ସମ୍ବଲପୁରର ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଲେନ୍ ବାସିନ୍ଦା ଅବସରପ୍ରାପ୍ତ ପ୍ରଶାସନିକ ସେବା ଅଧିକାରୀ ରାମଚନ୍ଦ୍ର କର ଓ ରାଧାରାଣୀ କରଙ୍କ ନାତୁଣୀ ଏବଂ ଅମୃତା ପଣ୍ଡା ଓ ଶଶାଙ୍କ ଶେଖର କରଙ୍କ ଝିଅ। ପ୍ରିଶା ଆଦ୍ଭିକ ଇଣ୍ଟରନେସନାଲ ସ୍କୁଲର ତୃତୀୟ ଶ୍ରେଣୀର ଛାତ୍ରୀ।




ସମ୍ବଲପୁର : ଭାଇଜିଉଁତିଆରେ ମହିଳାମାନେ ପୂଜାର୍ଚ୍ଚନା କରୁଛନ୍ତି

# ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଉଦ୍‌ଯାପିତ

**ରେଢ଼ାଖୋଲ, ୨୯।୯(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱତନ୍ତ୍ର ଜାତୀୟ ସେବା ଯୋଜନା ଉଦ୍‌ଯାପିତ ହୋଇଯାଇଛି। ଏହି ସ୍ୱତନ୍ତ୍ର ଶିବିରକୁ ଅନୁଷ୍ଠାନର ଅଧ୍ୟକ୍ଷା ମମତା ବିଶ୍ୱାଳ ଓ ସମ୍ବଲପୁର ଜିଲ୍ଲା ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଶାନ୍ତନୁ ପ୍ରଧାନ ଏବଂ ରାଜ୍ୟ ସଂଯୋଜକ ବିଶ୍ୱମୋହନ ଜେନା ଉଦ୍‌ଘାଟନ କରିଥିଲେ। ଏଥିରେ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ଛାତ୍ରୀମାନଙ୍କ ଦ୍ୱାରା ରେଢ଼ାଖୋଲ ପଞ୍ଚଖଣ୍ଡା ସାହି ସମେତ ଅନ୍ୟ ପଡ଼ା ମାନଙ୍କୁ ଯାଇ ସଫେଇ, ଚାରାରୋପଣ, ଉତ୍ତମ ସ୍ୱାସ୍ଥ୍ୟ, ପ୍ଲାଷ୍ଟିକ ବର୍ଜନ, ନାରୀ ଶିକ୍ଷା ସଚେତନତା ସମ୍ପର୍କରେ ସଚେତନ କରିଥିଲେ। ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀକାନ୍ତ ସାହୁ ଯୋଗଦେଇ ଥିଲେ। ଅଧ୍ୟାପକ ପ୍ରହଲ୍ଲାଦ ଦେହୁରୀ ସଭା କାର୍ଯ୍ୟ ସଂଯୋଜନା କରିଥିବାବେଳେ ଅନ୍ୟ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ମାନେ ଉପସ୍ଥିତ ଥିଲେ।



# ସୁନାବେଶରେ ଦର୍ଶନ ଦେଲେ ମା' ପାଟଣେଶ୍ୱରୀ

**ସମ୍ବଲପୁର, ୨୯।୯ (ସମିସ)**

ସମ୍ବଲପୁରର ଅନ୍ୟତମ ଶକ୍ତି ପୀଠରେ ଅଧିଷ୍ଠାତ୍ରୀ ଦେବୀ ମା' ପାଟଣେଶ୍ୱରୀ ଆଜି ଭକ୍ତମାନଙ୍କୁ ସୁନାବେଶରେ ଦର୍ଶନ ଦେଇଛନ୍ତି। ମନ୍ଦିରର ପୂଜକ ରମେଶ ପୁରୋହିତ, ଦଧିବାମନ ପଣ୍ଡା ମା'ଙ୍କୁ ସୁନାବେଶରେ ସଜ୍ଜିତ କରିଥିଲେ। ଅପରାହ୍ଣ ୨ଟାରୁ ୪ଟା ପର୍ଯ୍ୟନ୍ତ ମା'ଙ୍କୁ ବେଶ କରାଯାଇଥିଲା। ସୁନାବେଶରେ ମା'ଙ୍କୁ ଦର୍ଶନ କରିବା ପାଇଁ ଭକ୍ତ ମାନଙ୍କ ପ୍ରବଳ ଗହଳି ଲାଗିଥିଲା। ରାତି ପ୍ରାୟ ସଢ଼େ ୧୦ଟା ପର୍ଯ୍ୟନ୍ତ ଭକ୍ତମାନେ ମା'ଙ୍କ ଏହି ସ୍ୱତନ୍ତ୍ର ବେଶରେ ଦର୍ଶନ କରିଥିଲେ। ମନ୍ଦିର ଟ୍ରଷ୍ଟବୋର୍ଡ ଅଧ୍ୟକ୍ଷ ସୁଶାନ୍ତ ପୁରୋହିତ, ବରିଷ୍ଠ ସଦସ୍ୟ ସତ୍ୟ ନାରାୟଣ ଠାକୁର, ପ୍ରମୋଦ ରାଠୀ, ଶକ୍ତି ପ୍ରସାଦ ପାଣିଗ୍ରାହୀ, ସିଦ୍ଧାର୍ଥ ଶଙ୍କର ଦଫେଦାର, ଭୀଷ୍ମ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ପାଟଣେଶ୍ୱରୀ ପୀଠରେ ମହାଷ୍ଟମୀ ପୂଜା ଦିନ ମା'ଙ୍କୁ ସୁନାବେଶ କରାଯାଇଥାଏ।

# ଦଲେଇପଡ଼ା ମା' ବାଟମଙ୍ଗଳାଙ୍କ ଖଣ୍ଡାଯାତ୍ରା

**ସମ୍ବଲପୁର, ୨୯।୯ (ସମିସ):** ଦଲେଇପଡ଼ା ମା' ବାଟ ମଙ୍ଗଳାଙ୍କ ଅଷ୍ଟମୀ ତଥିରେ ଖଣ୍ଡା ଯାତ୍ରା ଅନୁଷ୍ଠିତ ହୋଇଛି। ମୁଖ୍ୟପୂଜକ ସୁରେଶ ଚନ୍ଦ୍ର ପଟ୍ଟନାୟକ ସନ୍ଧ୍ୟା ଆଳତୀ ପରେ ମା'ଙ୍କ ଖଣ୍ଡାକୁ ପୂଜାର୍ଚ୍ଚନା କରି ଖଣ୍ଡା ଓ ମା' ଙ୍କ ଝଣ୍ଡାକୁ ପ୍ରଥମେ ମା' ସମଲେଶ୍ୱରୀଙ୍କ ପୀଠରେ ପରେ ମା'ପାଟଣେଶ୍ୱରୀ, ଦଲେଇପଡ଼ା ମା ଦୁର୍ଗାଙ୍କ ପାଖରେ ପୂଜାର୍ଚ୍ଚନା କରାଯାଇଥିଲା। ଶତ୍ରୁଘନ ଲାଲ ସାହା, ପ୍ରକାଶ ପଣ୍ଡା, ସିଦ୍ଧାର୍ଥ ସାହା, ସଞ୍ଜୟ ଲୋହିଆ, ରଣଜୀତ ଷଣ୍ଢ, ସ୍ୱଙ୍ଗଜିତ ପଟ୍ଟନାୟକ, ବିଶ୍ୱରାଜ ଭୋଇ, ବିରେନ୍ଦ୍ର ଭୂୟାଁ, ଶୁଭମ ସାହୁ, ଆଶିଷ, ସଞ୍ଜୁ, ଆୟୂଷ, ରିଣ୍ଟୁ, ବାଦଲ, ଅଭିଜିତ୍ ଉପସ୍ଥିତ ଥିଲେ।



# ବନଦୁର୍ଗା ମନ୍ଦିରରେ ଶାରଦୀୟ ନବରାତ୍ର ପୂଜା



**ଜମନକିରା, ୨୯।୯ (ସମିସ) :** ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଅଧୀନ କୁଲୁଣ୍ଡି ପଞ୍ଚାୟତ ବଡ଼ରମା ଘାଟିତଳ ବନ ଦୁର୍ଗା ମନ୍ଦିର ପତ୍ରାପାଲିରେ ଶାରଦୀୟ ନବରାତ୍ର ପୂଜା ଅନୁଷ୍ଠିତ ହେଉଛି। ଅଷ୍ଟମ ଦିନରେ ମା କାଳ ରାତ୍ରି ପୂଜା ହୋଇଥିଲା। ମୁଖ୍ୟକର୍ତ୍ତା ଭାବରେ ଝରଣା ଶର୍ମା ଓ ଅମ୍ବରିଶ ଶର୍ମା ରହିଥିବାବେଳେ କର୍ତ୍ତା ଭାବରେ ପୂଜା ଜଲାନ୍ ଓ ପ୍ରତୀକ ଜଲାନ୍ ଦାୟିତ୍ୱ ତୁଲାଇ ଥିବାବେଳେ ପୁରୋହିତ ପଣ୍ଡିତ ସିଦ୍ଧାର୍ଥ ତିୱାରୀ ଓ ପଣ୍ଡିତ ରହିମ୍ ମିଶ୍ର ବନାରସ ପୂଜା କର୍ମ କରିଥିଲେ। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଉଥିବାବେଳେ ସନ୍ଧ୍ୟା ଆଳତୀ ପରେ ପ୍ରସାଦ ବଣ୍ଟନ କରାଯାଉଛି। ପିକେ କାନ୍ହାପାନ୍, ସହଯୋଗୀ ପୂଜକ ସୁଶାନ୍ତ ମିଶ୍ର, ବିଶ୍ୱରଞ୍ଜନ ବଡ଼ପଣ୍ଡା, ନରେନ୍ଦ୍ର ସିଂ, ପିଙ୍କୁଲ ଶର୍ମା, ସରୋଜ ପଟେଲ, ସୁମନ୍ତ ଗଡ଼ତିଆ, ଧୀରେନ୍ ଶର୍ମା ପ୍ରମୁଖ ସହଯୋଗ କରିଥିଲେ।

# ହିନ୍ଦୀ ପକ୍ଷୱାଡା ଉଦ୍‌ଯାପିତ

**ସମ୍ବଲପୁର, ୨୯।୯ (ସମିସ) :** ହିନ୍ଦୀ ଦିବସ ୨୦୨୫ ର ସମାପନୀ ସମାରୋହ ପୁରୁଷ କ୍ଲବ ଗ୍ରୁପ୍ ସେଣ୍ଟର, ସିଆରପିଏଫ, ସମ୍ବଲପୁରରେ ଆୟୋଜିତ ହୋଇଥିଲା। ଯେଉଁଥିରେ ଡେପୁଟି ଇନ୍ସପେକ୍ଟର ଜେନରାଲ ଦଲିପ ସିଂହ ଅନ୍ୱେଶ ଅଧ୍ୟକ୍ଷତା କରିଥିଲେ ଏବଂ ହିନ୍ଦୀ ଦିବସ ସମାପନୀ ଉତ୍ସବରେ ଡେପୁଟି ଇନ୍ସପେକ୍ଟର ଜେନରାଲ ସଞ୍ଜୟ କୁମାର ସିଂହ ଭାରତ ସରକାରଙ୍କ ଗୃହ ସଚିବଙ୍କ ଆହ୍ୱାନ ଏବଂ ସିଆରପିଏଫ ମହାନିର୍ଦ୍ଦେଶକଙ୍କ ସରକାରୀ ଭାଷା ବାର୍ତ୍ତା ପାଠ କରିଥିଲେ। ତାଙ୍କ ଅଭିଭାଷଣରେ ସେ କହିଥିଲେ ଯେ ଯଥାସମ୍ଭବ ହିନ୍ଦୀରେ ସରକାରୀ କାର୍ଯ୍ୟ କରିବାକୁ ପ୍ରୟାସ କରାଯିବା ଉଚିତ। ଏହାପରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ପୁରସ୍କାର ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ତ୍ରୈମାସିକ ଇ-ପତ୍ରିକା 'ସମ୍ବଲ ସ୍ୱର'ର ପଞ୍ଚଦଶ ସଂଖ୍ୟା ମଧ୍ୟ ଉନ୍ମୋଚିତ ହୋଇଥିଲା। ଏହା ସହିତ ସେକ୍ଟରସ୍ତରରେ ଆୟୋଜିତ ହିନ୍ଦୀ ଡିକ୍ଟେସନ୍ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଡେପୁଟି ଇନ୍ସପେକ୍ଟର ଜେନରାଲ ସଞ୍ଜୟ କୁମାର ସିଂହଙ୍କୁ ସିଆରପିଏଫ, ଓଡ଼ିଶା ସେକ୍ଟର ମହାନିରୀକ୍ଷକଙ୍କ ଦ୍ୱାରା ଏକ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# କୁଚିଣ୍ଡା ପୁଲିସର ଫ୍ଲାଗ୍‌ମାର୍ଚ୍ଚ

**କୁଚିଣ୍ଡା, ୨୯।୯ (ସମିସ):** କୁଚିଣ୍ଡା ପୁଲିସ ପକ୍ଷରୁ ସୋମବାର ଗାଟିଏ ପ୍ଲାଟୁନ ଫୋର୍ସ ଓ ସ୍ଥାନୀୟ ପୁଲିସ ମିଶି ସହରର ଗଳିକନ୍ଦି ବୁଲି ଠକାମିର ଶିକାର ହେବାରୁ ନିବୃତ ରହିବା, ପକେଟ ମାର୍ ପ୍ରତି ସାବଧାନ ରହିବା, କାହାରିକୁ ଏଟିଏମ କିମ୍ବା ପାସୱାର୍ଡ ନ ଦେବା, ନିଶାଠାରୁ ଦୁରେଇ ରହିବା ସହ ବିଭିନ୍ନ କାର୍ଯ୍ୟରୁ ଦୁରେଇ ରଖିବାକୁ ଜନସାଧାରଣଙ୍କୁ ବୁଝାଇଥିଲେ। ଏହି ଫ୍ଲାଗ ମାର୍ଚ୍ଚରେ ଉପଖଣ୍ଡ ପୁଲିସ ଅଧିକାରୀ ପ୍ରଦୀପ କୁମାର ଦାସ, ଡିଏସ୍‌ପି ଇନ୍‌ଚାର୍ଜ ବାମଦେବ ଶଙ୍ଖୁଆଳ, ସବ୍ ଇନେସ୍ପେକ୍ଟର ଅମର ହୋତା, ଲଭଲି ପ୍ରଧାନ, ଏଏସ୍‌ଆଇ. ସୋମନାଥ ବିଶ୍ୱାଳଙ୍କ ସହ ଅନ୍ୟ ପୁଲିସ ଅଧିକାରୀ ଓ କନଷ୍ଟେବଳ ସାମିଲ ଥିଲେ।



## ବୁର୍ଲାରେ ଜବରଦଖଲ ଉଚ୍ଛେଦ ପ୍ରସଙ୍ଗ

# ଥଇଥାନ ଓ କ୍ଷତିପୂରଣ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଚିଠି

**ସମ୍ବଲପୁର, ୨୯।୯ (ସମିସ)**

ସମ୍ବଲପୁର ମହାନଗର ନିଗମ ଅଧୀନ ବୁର୍ଲାଠାରେ ୨୦୨୩ ମସିହାରେ ରାସ୍ତା ସମ୍ପ୍ରସାରଣ ସକାଶେ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଏହାର ଦୁଇବର୍ଷ ପରେ ବି ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାବେଳେ କ୍ଷତିଗ୍ରସ୍ତଙ୍କୁ ଥଇଥାନ କରାଯାଇପାରିନାହିଁ। ବାରମ୍ବାର କ୍ଷତିଗ୍ରସ୍ତମାନେ ଜିଲ୍ଲା ପ୍ରଶାସନ ଓ ମହାନଗର ନିଗମ ପ୍ରଶାସନଠାରେ କ୍ଷତିପୂରଣ ଓ ଥଇଥାନ ପାଇଁ ଅଭିଯୋଗ କରିଛନ୍ତି। ଏନେଇ ବୁର୍ଲାର ଜଣେ କ୍ଷତିଗ୍ରସ୍ତ ପ୍ରଧାନମନ୍ତ୍ରୀଙ୍କୁ ଅଭିଯୋଗ କରିବାପରେ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଅଭିଯୋଗ ପତ୍ରକୁ ଗ୍ରହଣକରି ତାହାକୁ ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ବୁର୍ଲା ଉଚ୍ଛେଦ ଅଭିଯାନରେ କ୍ଷତିଗ୍ରସ୍ତ ଲୋକେ ପୂର୍ତ୍ତ ବିଭାଗଠାରୁ କ୍ଷତିପୂରଣ ପାଇବେ ବୋଲି ମହାନଗର ନିଗମ ଏନ୍‌ଫୋର୍ସମେଣ୍ଟ ବିଭାଗ ସୂଚନା ଦେଇଥିବା ଜଣାପଡ଼ିଛି। ଗତ ଅଗଷ୍ଟ ୧୬ ତାରିଖ ବୁର୍ଲାର କ୍ଷତିଗ୍ରସ୍ତ ମମତା ଶୁକ୍ଳା ବେଆଇନ ଉଚ୍ଛେଦରେ କ୍ଷତିଗ୍ରସ୍ତ ପରିବାରଙ୍କୁ ତୁରନ୍ତ ରିଲିଫ ଯୋଗାଇବା ସକାଶେ ପ୍ରଧାନମନ୍ତ୍ରୀଙ୍କୁ ଅଭିଯୋଗ କରିତିଲେ। ଅଭିଯୋଗ ଅନୁଯାୟୀ, ୨୦୨୩ ଅଗଷ୍ଟ ୧୧ ତାରିଖ ପୂର୍ବ ନୋଟିସ ନଦେଇ ବହୁସଂଖ୍ୟାରେ ଘର ଭାଙ୍ଗିଦିଆଗଲା। ଏହାପରେ ଏଯାବତ୍ ସେହି ପରିବାର ଗୁଡ଼ିକ ପୁଣି ନିଜକୁ ସମ୍ଭାଳି ପାରିନାହାନ୍ତି। ସେମାନେ ବାରଦୁଆର ଶୁଣ୍ଢିପିଣ୍ଢା ହେଉଛନ୍ତି। ଶ୍ରୀମତୀ ଶୁକ୍ଳା ତାଙ୍କ ଅଭିଯୋଗ ପତ୍ରରେ ବୁର୍ଲାଠାରେ ରାସ୍ତା ସମ୍ପ୍ରସାରଣରେ କ୍ଷତିଗ୍ରସ୍ତ ୨୪ ଜଣ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଓ ଥଇଥାନ ସକାଶେ




ମହାନଗର ନିଗମ ଆୟୁକ୍ତଙ୍କୁ ୦୨-୧୧-୨୦୨୩ରେ ଦିଆଯାଇଥିବା ଅଭିଯୋଗ ପତ୍ର ସଂଲଗ୍ନ କରିଛନ୍ତି। ଏହି ପତ୍ର ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟରୁ ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟକୁ ନିଆଯାଇଥିବା ପଦକ୍ଷେପ ନେଇ ଉତ୍ତର ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ଗତ ୩-୯-୨୦୨୫ରେ ମହାନଗର ନିଗମ ଏନ୍‌ଫୋର୍ସମେଣ୍ଟ ବିଭାଗ ପକ୍ଷରୁ ମହାନଗର ନିଗମ ଅଭିଯୋଗ ପ୍ରକୋଷ୍ଠକୁ ଏହି ପ୍ରଧାନମନ୍ତ୍ରୀଙ୍କୁ ଅଭିଯୋଗ ସମ୍ପର୍କରେ ଏକ ପତ୍ର ପଠାଯାଇଛି। ଏହି ପତ୍ର ଅନୁଯାୟୀ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ (ଡିଭିଜନ ୨) ଙ୍କ ପତ୍ର ଅନୁଯାୟୀ ପେଟ୍ରୋଲ ପମ୍ପ ଛକରୁ ଗୋପବନ୍ଧୁ ଛକ ପର୍ଯ୍ୟନ୍ତ ସରକାରୀ ଜମି ଜବରଦଖଲ ଉଚ୍ଛେଦ କରାଯାଇଥିଲା। ମହାନଗର ନିଗମ ପକ୍ଷରୁ ନିଜସ୍ୱ ଭାବେ ଉଚ୍ଛେଦ କରାଯାଇନାହିଁ। ଏଣୁ ଯଦି କୌଣସି କ୍ଷତିପୂରଣ ଦେବାର ଥାଏ ତେବେ ସମ୍ବଲପୁର ମହାନଗର ନିଗମ ନୁହେଁ, ବରଂ ପୂର୍ତ୍ତ ବିଭାଗ ଡିଭିଜନ -୨ କ୍ଷତିପୂରଣ ଦେବେ ବୋଲି ଉଲ୍ଲେଖ କରାଯାଇଛି।






# ସମ୍ପାଦକୀୟ



ଅହିଂସାର ପ୍ରଥମ ସୋପାନ ହେଉଛି ଜୀବନର ସବୁକ୍ଷେତ୍ରରେ ନ୍ୟାୟର ସୁନିଶ୍ଚିତତା।
-ମହାତ୍ମା ଗାନ୍ଧୀ

ସକାଳ
THE SAKALA

## ଅଭିନେତାରୁ ରାଜନେତା

ଦକ୍ଷିଣ ଭାରତ ରାଜନୀତିରେ ସିନେତାରକାଙ୍କ ପ୍ରଭାବ ଓ ପତିଆରା କିଛି ନୂଆ କଥା ନୁହେଁ। ଅତୀତରେ ତାମିଲନାଡୁରେ ଏମଜି ରାମଚନ୍ଦ୍ରନ ଓ ଜୟଲଳିତା ମୁଖ୍ୟମନ୍ତ୍ରୀପଦ ମଣ୍ଡନ କରିଥିଲେ। ସେହିଭଳି ଆନ୍ଧ୍ରପ୍ରଦେଶରେ ମଧ୍ୟ ଲୋକପ୍ରିୟ ସିନେ ଅଭିନେତା ଏନଟି ରାମାରାଓ କ୍ଷମତା ରାଜନୀତିର ଶୀର୍ଷ ସ୍ଥାନ ହାସଲ କରିଥିବା ଘଟଣା ସିନେପ୍ରେମୀଙ୍କ ମନରୁ ଲିଭିନାହିଁ। ରାଜ୍ୟବାସୀଙ୍କ ଚଳଚ୍ଚିତ୍ର ପ୍ରତି ଥିବା ଆକର୍ଷଣ ଏହି ଶିଳ୍ପକୁ ଉଚ୍ଚତର ସୋପାନରେ ପହଞ୍ଚାଇଛି ଏବଂ କଳାକାରଙ୍କ ଉପାର୍ଜନ ମଧ୍ୟ ଆଶାତୀତ ଭାବେ ବୃଦ୍ଧି ପାଇଛି। ନିକଟରେ 'ପୁଷ୍ପା- ୨' ଚଳଚ୍ଚିତ୍ର ରିଲିଜକୁ କେନ୍ଦ୍ର କରି ଅସମ୍ଭାଳ ଜନତା ଗହଳିକୁ ନିୟନ୍ତ୍ରଣ କରାଯାଇ ନପାରିବାରୁ ଦଳାଚକଟାରେ କିଛି ଲୋକ ମୃତାହତ ହୋଇଥିଲେ। ସେହି ଘଟଣାର ଆକର୍ଷଣ କେନ୍ଦ୍ର ବିନ୍ଦୁ ଥିଲେ ଲୋକପ୍ରିୟ ଅଭିନେତା ଆଲ୍ଲୁ ଅର୍ଜୁନ୍। ଆନ୍ଧ୍ର ପ୍ରଦେଶର ଉପୁଜିଥିବା ଏହି ଦଳାଚକଟାର ପୁନରାବୃତ୍ତି ଘଟିଥିଲା କର୍ଣ୍ଣାଟକର ବେଙ୍ଗାଲୁରୁ ସହରରେ। ଆଇପିଏଲ ଚମ୍ପିଆନ ଆରସିବି ଦଳ ବିଶେଷ କରି କ୍ରିକେଟ ତାରକା ବିରାଟ କୋହିଲଙ୍କୁ ଦେଖିବା ପାଇଁ ହୋଇଥିବା ଅନିୟନ୍ତ୍ରିତ ଭିଡ଼ରେ ମଧ୍ୟ ୧୧ ଜଣଙ୍କ ପ୍ରାଣହାନି ଘଟିଥିଲା। ଗତ ଶନିବାର ତାମିଲ ଅଭିନେତା ବିଜୟ ଥାଲାପତିଙ୍କ ରାଜନୈତିକ ସମାବେଶ ସମସ୍ତ ଘଟଣାକୁ ଅତିକ୍ରମ କରିଯାଇଛି। ୯ ଶିଶୁଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ଦଳାଚକଟାରେ ଅଣନିଃଶ୍ୱାସୀ ହୋଇ ପ୍ରାଣ ହରାଇ ଥିବାବେଳେ ୫୦ରୁ ଊର୍ଦ୍ଧ୍ୱ ଗୁରୁତର ଆହତ ହୋଇଛନ୍ତି। ଏଭଳି ଦୁଃଖଦ ଘଟଣା ବାରମ୍ବାର ଉପୁଜିଥିଲେ ମଧ୍ୟ ଜନଗହଳି ବା ଭିଡ଼ ନିୟନ୍ତ୍ରଣ କରିବାରେ କ୍ଷମତାରେ ଥିବା ସରକାରଙ୍କ ଅସାମର୍ଥ୍ୟ କଠୋର ସମାଲୋଚନାର ସମ୍ମୁଖୀନ ହୋଇଛି।

ତାମିଲ ଚଳଚ୍ଚିତ୍ର ଜଗତରେ ବିଜୟ ଅନ୍ୟତମ ଲୋକପ୍ରିୟ ଅଭିନେତା। ସିନେପ୍ରେମୀଙ୍କ ଏହି ଭଲପାଇବାକୁ ଆଧାର କରି ସେ ଗଠନ କରିଥିବା ରାଜନୈତିକ ଦଳ ତାମିଲାଗା ଭେଟ୍ରି କାଝାଗାମ(ଟିଭିକେ) ଆସନ୍ତା ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପ୍ରସ୍ତୁତି ଚଳାଇଛି। କରୁର ଜିଲ୍ଲାରେ ଆୟୋଜିତ ଏହି ଜନସମାବେଶ ନିୟନ୍ତ୍ରଣ ବାହାରକୁ ଚାଲିଯିବାରୁ ବିପର୍ଯ୍ୟୟ ଘଟିଥିଲା। ଏହା ପଛରେ ଥିବା ତିନିଟି କାରଣ ମଧ୍ୟରୁ ସବୁଠାରୁ ପ୍ରମୁଖ ହେଉଛି ବିଜୟ ନିଜେ ସମାବେଶ ସ୍ଥଳରେ ନିର୍ଦ୍ଧାରିତ ସମୟର ୬ ଘଣ୍ଟା ବିଳମ୍ବରେ ପହଞ୍ଚିବା। ଦଶହଜାର ଲୋକଙ୍କ ଆୟୋଜନ ସକାଶେ ଦଳପକ୍ଷରୁ ପ୍ରଶାସନିକ ଅନୁମତି ନିଆଯାଇଥିବା ବେଳେ ସେଠାରେ ପ୍ରାୟ ୩୦ ହଜାର କର୍ମୀଙ୍କ ଉପସ୍ଥିତି ଯୋଗୁଁ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିଥିଲା। ସନ୍ଧ୍ୟା ସାଢ଼େ ୭ଟାରେ ବସ ଉପରୁ ଜନସମାବେଶକୁ ବିଜୟ ଉଦ୍‌ବୋଧନ ଦେଉଥିବା ବେଳେ ବାରମ୍ବାର ବିଜୁଳି କାଟ ପରିସ୍ଥିତିକୁ ଅଣାୟତ୍ତ କରିଥିଲା। ଦୀର୍ଘ ସମୟ ଧରି ପ୍ରିୟ ନେତାଙ୍କୁ ଦେଖିବା ସକାଶେ ଅପେକ୍ଷାରତ ଦର୍ଶକ ଅସହ୍ୟ ଗରମ ଓ ଗୁଳୁଗୁଳିରେ ଆଉଟୁପାଉଟୁ ହୋଇପଡ଼ିଥିଲେ। ଅଥଚ ସମାବେଶ ସ୍ଥଳରେ ପାନୀୟ ଜଳ ବ୍ୟବସ୍ଥା ସନ୍ତୋଷଜନକ ନଥିଲା। ଏହି ପରିସ୍ଥିତିକୁ ଅନୁଧ୍ୟାନ କଲାବେଳେ ସ୍ୱତଃ ମନ ଭିତରେ ପ୍ରଶ୍ନ ଉଠେ ସମାବେଶସ୍ଥଳକୁ ଏହି ଅତିରିକ୍ତ ଦର୍ଶକଙ୍କୁ ଆସିବା ପାଇଁ ସ୍ଥାନୀୟ ପ୍ରାଶାସନ କାହିଁକି ରୋକିଲା ନାହିଁ। ଯେଉଁଭଳି ଗୋଟିକ ପରେ ଗୋଟିଏ ଘଟଣା ଦକ୍ଷିଣ ଭାରତରେ ଉପୁଜିଚାଲିଛି ସେ ଦୃଷ୍ଟିରୁ କର୍ତ୍ତୃପକ୍ଷ ସତର୍କ ହେବାର ଥିଲା। ଚଳିତ ମାସ ୧୩ ତାରିଖରେ ବିଜୟଙ୍କ ତ୍ରିଚି ସମାବେଶର ଦଳାଚକଟା ପରିସ୍ଥିତି ଉପୁଜିବା ଘଟଣାକୁ ଦୃଷ୍ଟିରେ ରଖି ହାଇକୋର୍ଟ ଆଗକୁ ସତର୍କତା ଅବଲମ୍ବନ କରିବାକୁ ଚେତାବନୀ ଦେବା ସତ୍ତ୍ୱେ କରୁରରେ ଏହି ଭୟାବହ ପରିସ୍ଥିତି ଉପୁଜିଛି। ମାଡ୍ରାସ ହାଇକୋର୍ଟ ନିଜଆଡୁ ପରିସ୍ଥିତିର ଗୁରୁତ୍ୱ ଦୃଷ୍ଟିରୁ ଘଟଣାର ବିଚାର କରିବା ଉଚିତ। ଏକ୍ଷେତ୍ରରେ ଘୋଷିତ ବିଚାର ବିଭାଗୀୟ ତଦନ୍ତ ଯଥେଷ୍ଟ ନୁହେଁ।

ଏକଥା ସତ ଯେ ଦକ୍ଷିଣ ଭାରତରେ ଉପୁଜିଥିବା ସବୁ ଘଟଣାକୁ କରୁର ବିପର୍ଯ୍ୟୟ ଅତିକ୍ରମ କରିଯାଇଛି। ସମବେଦନା, ସହାନୁଭୂତି ଓ ଅନୁକମ୍ପା ରାଶି ଘୋଷଣା ସମସ୍ୟାର ସମାଧାନ ନୁହେଁ। ତାହାର ସ୍ଥାୟୀ ପ୍ରତିକାର ହେବା ଉଚିତ। ଅଭିନେତାରୁ ରାଜନେତା ହେବାର ଅଭୀପ୍ସା ଓ ଆକାଂକ୍ଷା କିଛି ନୂଆକଥା ନୁହେଁ। ବିଜୟଙ୍କ ପୂର୍ବରୁ ରଜନୀକାନ୍ତ ମଧ୍ୟ ଅନୁରୂପ ପ୍ରୟାସ କରି ବିଫଳ ହୋଇଛନ୍ତି। ସିନେତାରକା ନିଜର ଲୋକପ୍ରିୟତାକୁ ଆଧାର କରି କ୍ଷମତା ରାଜନୀତି ଦଖଲ ବା ଅକ୍ତିଆର କରିବା ଏତେ ସହଜ ନୁହେଁ। ତଥାପି କ୍ଷମତାର ପ୍ରଭୁତ୍ୱ ପ୍ରତି ସମସ୍ତଙ୍କ ଆକର୍ଷଣ ରହିଛି ଓ ଆଗକୁ ରହିବ। ●

## ଚାଷୀଙ୍କ ଦୁର୍ଦ୍ଦଶା

ମା' ଦୁର୍ଗାଙ୍କ ଆବାହନୀରେ ରାଜ୍ୟରେ ଉତ୍ସବମୁଖର ମୁହୂର୍ତ୍ତ ସହ ସାମିଲ ହୋଇପାରୁନି ଚାଷୀ। ଖରିଫ ଋତୁରେ ଆମ ଚାଷୀଙ୍କ ଧାନଚାଷ ଉପରେ ନିର୍ଭରଶୀଳତା ସବୁଠାରୁ ଅଧିକ। ବେଉଷଣ ପରେ ପାଗଯୋଗ ଠିକ୍ ରହିଲେ ସମ୍ଭାବନାର ଅଙ୍କ କଷି ଚାଷୀ ଦୁର୍ଗାପୂଜା ଓ ଗଜଲକ୍ଷ୍ମୀଙ୍କ ଆରାଧାନାରେ ସପରିବାର ବିଭୋର ହୋଇପଡ଼େ। ଧାନଚାଷ ଠିକ୍‌ଠାକ୍ ଉତୁରି ଯାଉ ଏବଂ ଘର ଧନଧାନ୍ୟରେ ଭରିଯାଉ କାମନା କରି ସେ ମାଆଙ୍କ ଆଶୀର୍ବାଦ କାମନା କରିଥାଏ। ଇଏ ହେଉଛି ଆମ ଚଳଣି ଓ ଜୀବନଧାରାର ଅଂଶବିଶେଷ। ଦିନ କେତୋଟି ନ ଯାଉଣୁ ଅକ୍ଟୋବର ୧୬ ରେ ଗର୍ଭଣା ସଂକ୍ରାନ୍ତି। ଚାଷ ଜମିରେ ଧାନ ଗଛ ଗର୍ଭଧାରଣ କରିବ। ଏସବୁ ଦୃଷ୍ଟିରୁ ବିଚାର କଲେ ଚାଷୀ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସମୟ। ସାମାନ୍ୟ ଓଲମବିଲମ ହୋଇଗଲେ ସବୁ ମେହନତ ଓ ଲଗାଣ ପାଣିରେ ପଡ଼ିଯିବ। ଅଥଚ ଚଳିତ ଖରିଫଋତୁରେ ବିଳମ୍ବିତ ମୌସୁମୀ ବର୍ଷା। ତା'ସାଙ୍ଗକୁ ଅଗଷ୍ଟ ଓ ସେପ୍ଟେମ୍ବରରେ କ୍ରମାଗତ ଏମିତି ବର୍ଷା ଓଜାଡ଼ିଲା ଯେ ଧାନ ଚାଷ ଶୃଙ୍ଖଳାକୁ ଭାଙ୍ଗିଦେଇ ଚାଷୀ ଆଗପଛ ନ ବିଚାରି କୌଣସି ପ୍ରକାରେ ଫସଲ ଉତାରିବାରେ ଲାଗିପଡ଼ିଛି। ହେଲେ ଗୋଟିକ ପରେ ଗୋଟିଏ ମନୁଷ୍ୟକୃତ ଓ ପ୍ରାକୃତିକ ଧକ୍କା ତା' ମନୋବଳକୁ ଭାଙ୍ଗିଦେଇଛି।

ଏସନ ଧାନ ଚାଷ ବିଳମ୍ବରେ ଆରମ୍ଭ ହୋଇଥିବାରୁ ଚାଷୀର ସାର ଉପରେ ନିର୍ଭରଶୀଳତା ଅପେକ୍ଷାକୃତ ଅଧିକ ହେବା ସ୍ୱାଭାବିକ। ହେଲେ ସରକାରଙ୍କ ପ୍ରତିଶ୍ରୁତି ପାଣିର ଗାର। ଚାହିଦା ଅନୁଯାୟୀ ରାଜ୍ୟରେ ଯଥେଷ୍ଟ ସାର ମହଜୁଦ ନଥିବା ବେଳେ ଚୋରା କାରବାରକୁ ରୋକିବାରେ ପ୍ରଶାସନର ଅକ୍ଷମତା ପାଇଁ ଚାଷୀ ଅତିରିକ୍ତ ବ୍ୟୟଭାର ବହନ କରିବାକୁ ବାଧ୍ୟ ହୋଇଛି। ସମସ୍ୟା ସେତିକିରେ ଶେଷ ହୋଇନାହିଁ। ସାରର ନିଅଣ୍ଟିଆ ସ୍ଥିତି ଅଧିକ ବିକଳ ଅବସ୍ଥା ସୃଷ୍ଟି କରିଛି। ଧାର ଉଧାରରେ ଅର୍ଥ ଯୋଗାଡ଼ କରି ମଧ୍ୟ ଚାଷୀ ସାର ଯୋଗାଡ଼ କରିବାକୁ ଅସମର୍ଥ ହୋଇଛି। ଚାଷ ପାଇଁ ସଂକୁଚିତ ସମୟରେ ଧାନଗଛକୁ ବଳ ଦେବାରେ ସାରର ଉପଯୋଗିତା କେବଳ ଚାଷୀ ହିଁ ବୁଝେ। ଏହି ଅସହାୟତା ଭିତରେ ପ୍ରତିକୂଳ ପାଣିପାଗ ପୁଣି ଦାଉସାଧିଛି। ଧାନ ଚାଷକୁ ବର୍ଷା ଭଳି ସମାନୁପାତିକ ଖରାର ମଧ୍ୟ ଆବଶ୍ୟକତା ରହିଛି। ବିଲରେ କ୍ରମାଗତ ପାଣି ଭରି ରହିଲେ ଧାନଗଛ ପିଲ ଦେଇ ବଢ଼ିବାରେ ବାଧକ ହୋଇଥାଏ। ଅନ୍ୟ ଦିଗଟି ହେଲା, ଫସଲକୁ ରୋଗ ଓ ପୋକ ଦାଉରୁ ରକ୍ଷା କରିଥାଏ ଖରା। ଆମ ରାଜ୍ୟରେ ଗୋଟିକ ପରେ ଗୋଟିଏ ଲଘୁଚାପ ସୃଷ୍ଟିର ପ୍ରଭାବରୁ ବର୍ଷା ଲାଗି ରହିଛି ଯେ ଛାଡ଼ିବାକୁ ନା ଧରୁନାହିଁ। ଏମିତିରେ ବିଳମ୍ବିତ ଚାଷ ପାଇଁ ଧାନ ଗଛ ହୃଷ୍ଟପୁଷ୍ଟ ହେବା ବା ପିଲଧରିବାରେ ପଛୁଆ ଥିବାବେଳେ ରୋଗ ଓ ପୋକ ଦାଉ ବଡ଼ ବିଷମ ପରିସ୍ଥିତି ସୃଷ୍ଟି କରିଛି। ପତ୍ରପୋଡ଼ା, ପତ୍ରମରା ଓ କାଣ୍ଡବିନ୍ଧା ରୋଗ ସଂକ୍ରମଣ ବ୍ୟାପିବାରେ ଲାଗିଛି। ବିଭିନ୍ନ ଅଞ୍ଚଳରେ ଏହା ପରିଲକ୍ଷିତ ହେଉଥିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ବଜାରରେ ଉପଲବ୍ଧ କୀଟନାଶକ ପ୍ରୟୋଗ ପରେ ପରେ ତୁହାକୁ ତୁହା ବର୍ଷା ହୋଇଯାଉଥିବାରୁ ତାହା ବଦଳ ପାଣିରେ ଭାସିଯାଉଛି। ତେଣୁ ପୋକଦାଉରୁ ଫସଲକୁ ରକ୍ଷା କରି ହେଉନି। କ୍ରମେ ଏହି ରୋଗ ବ୍ୟାପିବାରେ ଲାଗିଛି। ଚାଷୀଙ୍କ ମଧ୍ୟରେ ଏହା ହତାଶା ସୃଷ୍ଟି କରିଛି। ସତେ ଯେପରି ମନେ ହେଉଛି ପ୍ରକୃତିର କୋପକୁ ରୋକିବା ଏତେ ସହଜ ନୁହେଁ।

ନିଅଣ୍ଟିଆ ସାର ସ୍ଥିତି ବିଧାନସଭା ଅଧିବେଶନକୁ ଅଚଳ କରିଦେଇଥିଲେ ମଧ୍ୟ ଚାଷୀର ଦୁଃଖ ଦୂର ପାଇଁ ସରକାରୀ କଳ ସହାୟତାର ହାତ ବଢ଼ାଇବାକୁ ଯେ ଅସମର୍ଥ, ତାହା ଉପୁଜିଥିବା ପରିସ୍ଥିତିରୁ ଜଳଜଳ ହୋଇ ଦେଖାଯାଉଛି। ଚାଷ ଉଜୁଡ଼ି ଗଲେ ଚାଷୀର ସଂସାର ଭାସିଯିବ। ଜଗତ ଜନନୀ ମାଆ ଦୁର୍ଗା ହିଁ ଶେଷ ଭରସା। ଚାଷୀଙ୍କୁ ଏହି ଦୟନୀୟ ସ୍ଥିତିରୁ ସେ ହିଁ କେବଳ ଉଦ୍ଧାର କରିପାରିବେ। ଚଳିତ ଦଶହରାରେ ମାଆଙ୍କ ନିକଟରେ ଏତିକି ମାଗୁଣି। ●

# ଶୀତଳ-ମରୁଭୂମିରେ ରକ୍ତପାତ

ଲଦାଖ ନିବାସୀ ସ୍ୱନାମଧନ୍ୟ ବୈଜ୍ଞାନିକ, ଉଦ୍‌ଭାବକ ତଥା ପରିବେଶବିତ୍ ରମଣ ମାଗସେସେ ସମ୍ମାନ ବିଜେତା ସୋନମ ୱାଙ୍ଗଚୁକ୍‌ଙ୍କୁ ଜାତୀୟ ସୁରକ୍ଷା ଆଇନ(ଏନ୍‌ଏସ୍‌ଏ) ବଳରେ ଗିରଫ କରାଯାଇ ରାଜସ୍ଥାନର ଯୋଧପୁରଠାରେ ରଖାଯାଇଛି। ବୈଦେଶିକ ଅନୁଦାନ(ନିୟନ୍ତ୍ରଣ) ଆଇନ(ଏଫ୍‌ସିଆରଏ) ଅଧୀନରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ୱାଙ୍ଗଚୁକ୍‌ଙ୍କ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଅନୁମତି ପ୍ରତ୍ୟାହାର କରିନେଇଛି। ୱାଙ୍ଗଚୁକ୍‌ଙ୍କ ପାକିସ୍ତାନ ସହିତ ସମ୍ପର୍କ ଥିବା ସନ୍ଦେହରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଖୋଳତାଡ଼ ଆରମ୍ଭ କରିଛି। ଏବେ ପ୍ରଶ୍ନ ଉଠୁଛି, ଏଭଳି କ'ଣ ଓ କାହିଁକି ଘଟିଲା ଯେ ଜଣେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବୈଜ୍ଞାନିକ ଓ ପରିବେଶବିତ୍‌ଙ୍କ ଉପରେ ଦେଶଦ୍ରୋହର ଆରୋପ ଲାଗିଲା? ଦାବି ପୂରଣ ପାଇଁ ଗାନ୍ଧୀ ମାର୍ଗ ଅନୁସରଣ କରିଆସୁଥିବା ୱାଙ୍ଗଚୁକ୍ ହଠାତ୍ ଦେଶର ସୁରକ୍ଷା ପ୍ରତି ବିପଦ ବୋଲି ହୃଦ୍‌ବୋଧ ହେଲା କାହିଁକି? ଜଣେ ଉଦ୍‌ଭାବକ ବିଦ୍ରୋହୀର ଆଖ୍ୟା ପାଇବା ପଛର କାହାଣୀ ଆଧାରରେ ହୁଏତ ଭବିଷ୍ୟତରେ 'ଥ୍ରି ଇଡିଏଟ୍'ର ସିକ୍ୱେଲ୍‌ଟିଏ ତିଆରି ହେବ(ଥ୍ରି ଇଡିଏଟ୍‌ସ୍ ଚଳଚ୍ଚିତ୍ରରେ ଅମିର୍ ଖାନ୍‌ଙ୍କ ଅଭିନୀତି ଚରିତ୍ରଟି ୱାଙ୍ଗଚୁକ୍‌ଙ୍କ ଜୀବନୀ ଆଧାରିତ)। କିନ୍ତୁ ଏହି ସାମଗ୍ରିକ ଘଟଣାର ପୃଷ୍ଠଭୂମି ଜାଣିବା ପାଇଁ ଛଅ ବର୍ଷ ପଛକୁ ଯିବାକୁ ପଡ଼ିବ।

୧୯୪୭ ମସିହା ପରଠାରୁ ଲଦାଖ ଜାମ୍ମୁ-କାଶ୍ମୀର ରାଜ୍ୟର ଏକ ଅଂଶ ଥିବା ବେଳେ ୨୦୧୯ ଅଗଷ୍ଟ ୫ ତାରିଖରେ ସମ୍ବିଧାନର ଧାରା ୩୭୦ର ଉଚ୍ଛେଦ ପରେ କେନ୍ଦ୍ରଶାସିତ ଅଞ୍ଚଳର ମର୍ଯ୍ୟାଦା ପାଇଛି। ଗମନାଗମନ ଦୃଷ୍ଟିରୁ ଅତି ଦୁର୍ଗମ ଏହି ଅଞ୍ଚଳର ମୋଟ ଜନସଂଖ୍ୟା ପ୍ରାୟ ୩ଲକ୍ଷ। ସେମାନଙ୍କ ମଧ୍ୟରୁ ୪୬ ପ୍ରତିଶତ ସିହା ମୁସଲମାନ ସମ୍ପ୍ରଦାୟର ହୋଇଥିବା ବେଳେ ୪୦ ପ୍ରତିଶତ ତିବ୍ବତୀୟ ବୌଦ୍ଧ ଧର୍ମାବଲମ୍ବୀ। ୧୨ ପ୍ରତିଶତ ହିନ୍ଦୁ ଏବଂ ବାକି ୨% ଅନ୍ୟାନ୍ୟ ଧର୍ମାବଲମ୍ବୀ। ଲୋକଙ୍କ ମୁଖ୍ୟ ଜୀବିକା ହେଉଛି ବାଡ଼ି, ବଗିଚା, ଔଷଧୀୟ ବୃକ୍ଷରାଜି ଓ ପଶୁପାଳନ।

ବର୍ତ୍ତମାନ ଜାମ୍ମୁକାଶ୍ମୀରରେ ବିଧାନପାଳିକା ଥିବା ବେଳେ ଲଦାଖ୍‌ର ଶାସନ ସମ୍ପୂର୍ଣ୍ଣ ଭାବେ ଅମଲାତନ୍ତ୍ର ନିୟନ୍ତ୍ରଣରେ ରହିଛି। ୩୭୦ ଧାରା ଉଚ୍ଛେଦ ପରେ ଲଦାଖ୍‌ବାସୀ ସେମାନଙ୍କ ଜମି, ଜନସଂଖ୍ୟା ଓ ସଂସ୍କୃତିର ଭବିଷ୍ୟତକୁ ନେଇ ସନ୍ଦୀହାନ ହୋଇପଡ଼ିଛନ୍ତି। ଲଦାଖ୍‌ର ଦୁଇଟି ପାର୍ବତ୍ୟାଞ୍ଚଳ ପରିଷଦ ଲେହ ଓ କାର୍ଗିଲ୍ ଥିବା ବେଳେ କୌଣସିଟି ଷଷ୍ଠ ଅନୁଚ୍ଛେଦ ଭୁକ୍ତ ହୋଇନାହିଁ।

ହିମାଳୟ ପାର୍ବତ୍ୟ ପାଦଦେଶର ପରିବେଶକୁ ବିକାଶ ଆଳରେ ବିନାଶରୁ ସୁରକ୍ଷା ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଲଦାଖକୁ ସମ୍ବିଧାନର ଷଷ୍ଠ ଅନୁଚ୍ଛେଦ ଆଧାରରେ ଅନୁସୂଚିତ ଅଞ୍ଚଳ ମାନ୍ୟତା ପାଇଁ ୨୦୧୯ରୁ ସୋନମ୍ ୱାଙ୍ଗଚୁକ ଉଦ୍ୟମ କରି ଆସୁଛନ୍ତି। ସମ୍ବିଧାନର ୨୪୪ ଧାରା ଅନ୍ତର୍ଗତ ଷଷ୍ଠ ଅନୁଚ୍ଛେଦରେ ଦେଶର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳକୁ ସ୍ଥଳବିଶେଷରେ ସ୍ୱୟଂଶାସନ କ୍ଷମତା ବା ସ୍ୱୟଂଶାସିତ ଜିଲ୍ଲା ପରିଷଦ ଗଠନ ପାଇଁ ଅନୁମତି ଦେବାର ବ୍ୟବସ୍ଥା ରହିଛି। ୩୦ ସଦସ୍ୟ ବିଶିଷ୍ଟ ଏହି ପରିଷଦର କାର୍ଯ୍ୟକାଳ ୫ ବର୍ଷ ଥିବା ବେଳେ ସ୍ଥାନୀୟ ଅଞ୍ଚଳର ଜମି, ଜଙ୍ଗଲ, ଜଳ, କୃଷି, ଗ୍ରାମ୍ୟ ଓ ସହର ଉନ୍ନୟନ, ସ୍ୱାସ୍ଥ୍ୟ, ପରିମଳ ଆଦି ପାଇଁ ନୀତି ନିର୍ଦ୍ଧାରଣ, ଆଇନ ପ୍ରଣୟନ ଓ କଟକଣା ଜାରି କରିବାର ସ୍ୱୟଂଶାସିତ ଓ ପ୍ରଭୂତ କ୍ଷମତା ପରିଷଦ ହାତରେ ରହିବ। ବର୍ତ୍ତମାନ ଆସାମ, ମେଘାଳୟ, ମିଜୋରାମ୍‌ରେ ତିନିଟି ଲେଖାଏଁ ଏବଂ ତ୍ରିପୁରାରେ ଗୋଟିଏ ସ୍ୱୟଂଶାସନ ବିକାଶ ପରିଷଦ ରହିଛି।

ବିଡ଼ମ୍ବନା ହେଉଛି ଲଦାଖ୍‌କୁ ଅନୁସୂଚିତ ଅଞ୍ଚଳ ମାନ୍ୟତା ଦେବାକୁ ବିଜେପି ୨୦୧୯ ସାଧାରଣ ନିର୍ବାଚନ ବେଳେ ଯେଉଁ ପ୍ରତିଶ୍ରୁତି ଦେଇଥିଲା ତାହା ହିଁ ଏବେ ୱାଙ୍ଗଚୁକ୍‌ଙ୍କ ସ୍ୱରରେ ପ୍ରତିଧ୍ୱନିତ ହେଉଛି, ଅଥଚ କେନ୍ଦ୍ର ସରକାର ଚିରାଚରିତ ଢଙ୍ଗରେ ସେହି ପ୍ରତିଶ୍ରୁତି ପାଳନରୁ ଓହରି ଆସିଛନ୍ତି। ୨୦୧୯ ସେପ୍ଟେମ୍ବର ମାସରେ ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ୯୭% ଆଦିବାସୀ ଅଧ୍ୟୁଷିତ ଲଦାଖ୍‌କୁ ଷଷ୍ଠ ଅନୁଚ୍ଛେଦରେ ସାମିଲ୍ କରିବା ପାଇଁ ସୁପାରିସ କରିଛି। ତେଣୁ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ୱାଙ୍ଗଚୁକ୍ ଦାବି କରିଆସୁଛନ୍ତି। ଦାବି ସମ୍ପର୍କରେ ୱାଙ୍ଗଚୁକ୍ ପତ୍ର ଲେଖି ଜଣାଇବା ସତ୍ତ୍ୱେ କେନ୍ଦ୍ର ସରକାରଙ୍କ ସମ୍ବେଦନଶୂନ୍ୟତା ଯୋଗୁଁ ଗତ ଛଅବର୍ଷ ଭିତରେ ତିନିଥର ଅନଶନ କରିଛନ୍ତି। ଲଦାଖ୍‌ବାସୀଙ୍କ ଏହି ଦାବି ଏବେ 'ଗଣଦାବି'ରେ ପରିଣତ ହୋଇଛି। ସେଥିରେ ଲଦାଖ୍ ପାଇଁ ସ୍ୱତନ୍ତ୍ର ଲୋକସେବା ଆୟୋଗ, ଲେହ ଓ କାର୍ଗିଲ୍ ପାଇଁ ପୃଥକ ସଂସଦୀୟ ମଣ୍ଡଳୀ ଗଠନ, ଲାଇନ ଅଫ୍ କଣ୍ଟ୍ରୋଲ୍‌ରେ ଚୀନ୍‌ର କାର୍ଯ୍ୟକଳାପ ଓ ପଶୁମାନଙ୍କର ଅନୁପ୍ରବେଶ ସମସ୍ୟା ନିରାକରଣ ଆଦି ଦାବି ମଧ୍ୟ ସାମିଲ୍ ହୋଇଛି। ଲଦାଖର ମହିଳାମାନେ ଦାବି ପୂରଣ ପାଇଁ ଆଗେଇ ଆସିବା ପରେ 'ଗଣଦାବି'ର ଗୁରୁତ୍ୱ ଆହୁରି ବଢ଼ିଯାଇଛି। ଏଥିପୂର୍ବରୁ ୨୦୧୯ରେ 'ଲେହ ଆପେକ୍ସ ବଡି'ର ପ୍ରତିଷ୍ଠାତା ତଥା ପୂର୍ବତନ ସାଂସଦ ଟି ଚେୱାଙ୍ଗଙ୍କ ସମର୍ଥନରେ ସେଠାରେ ଯେଉଁ ଛାତ୍ର ଆନ୍ଦୋଳନ ତେଜିଥିଲା, ତାହାକୁ କାରଗିଲ୍‌ର କେତେକ ନାଗରିକ ଓ ସାମାଜିକ ସଂଗଠନ ସମର୍ଥନ ଜଣାଇଥିଲେ। ଏହା ପରବର୍ତ୍ତୀ ସମୟରେ 'କାର୍ଗିଲ୍ ଡେମୋକ୍ରେଟିକ୍ ଆଲାଏନ୍ସ' ଗଠନର ମୂଳଦୁଆ ପକାଇଥିଲା।

ଭୂରାଜନୈତିକ ସ୍ଥିତି ଦୃଷ୍ଟିରୁ ଲଦାଖ ଭାରତର ଉତ୍ତର-ସୀମାନ୍ତର ଚୀନ୍ ସଂଲଗ୍ନ ଏକ ସମ୍ବେଦନଶୀଳ ଅଞ୍ଚଳ। ବିଶ୍ୱର ଏହି ଅନ୍ୟତମ ସର୍ବୋଚ୍ଚସ୍ଥାନକୁ ଏକ 'ଶୀତଳ ମରୁଭୂମି' କହିଲେ ଅତ୍ୟୁକ୍ତି ହେବ ନାହିଁ। ଅପରପକ୍ଷରେ ଏହି ଅଞ୍ଚଳର ତୁଷାର ସ୍ରୋତ ଭାରତ, ପାକିସ୍ତାନ, ଚୀନ୍, ନେପାଳ ସମେତ ବିଭିନ୍ନ ଦେଶକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଆସୁଛି। ସେଥିପାଇଁ ଏହାକୁ ଏସିଆର 'ୱାଟର ଟାୱାର' ବା 'ଜଳ ମୀନାର' ବୋଲି ମଧ୍ୟ କୁହାଯାଏ। ଏହା କେନ୍ଦ୍ର-ଏସିଆର ପ୍ରବେଶ ପଥ ଏବଂ ପାକିସ୍ତାନ, ଚୀନ ଓ ମଧ୍ୟ-ଏସୀୟ ରାଷ୍ଟ୍ରମାନଙ୍କର ମିଳନ ସ୍ଥଳ। ଏହା ମଧ୍ୟ ଏସିଆର ପ୍ରମୁଖ ପ୍ରାଚୀନ ବାଣିଜ୍ୟ ପଥର ଅନ୍ୟତମ କେନ୍ଦ୍ର।

ଏବେ ସେଠାରେ କେତେକ ଅତି ଦୁର୍ମୂଲ୍ୟ ଓ ଦୁଷ୍ପ୍ରାପ୍ୟ ଖଣିଜ ସମ୍ପଦର ସନ୍ଧାନ ମିଳିଛି, ଯାହା ଭାରତର ବହୁ ଆକାଂକ୍ଷିତ ସେମିକଣ୍ଡକ୍ଟର ଶିଳ୍ପାୟନ ପାଇଁ ଅତୀବ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ପରିବେଶ ସୁରକ୍ଷା ଦୃଷ୍ଟିରୁ ସ୍ଥାନୀୟ ଲୋକେ ସେଠାରେ ଖଣିଜ ଖନନକୁ ବିରୋଧ କରୁଛନ୍ତି। ବିଶେଷକରି ଖଣିଜ ଓ ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମରୁ ପରିବେଶକୁ ସୁରକ୍ଷା ଦେବା ପାଇଁ ଲଦାଖକୁ ସ୍ୱୟଂଶାସିତ ବା ଅନୁସୂଚିତ ରାଜ୍ୟ ମାନ୍ୟତା ଦିଆଯାଉ ବୋଲି ୱାଙ୍ଗଚୁକ୍ ଦାବି କରି ଆସୁଛନ୍ତି। ଅପରପକ୍ଷରେ ଲଦାଖବାସୀଙ୍କ ଦାବି ପୂରଣ ହେଲେ କେନ୍ଦ୍ର ସରକାର ସେଠାରେ ବସ୍ତୁତଃ କର୍ତ୍ତୃତ୍ୱହୀନ ହୋଇଯିବେ। ଫଳରେ ସେଠାରେ ଖଣିଜ ବିକାଶ ବାଧାପ୍ରାପ୍ତ ହେବ। ସେମିକଣ୍ଡକ୍ଟର ଶିଳ୍ପରେ ଭାରତ ଆତ୍ମନିର୍ଭରଶୀଳ ହେବାକୁ ଯେଉଁ ଲକ୍ଷ୍ୟ ରଖିଛି ତାହା ମଧ୍ୟ ସୁଦୂର ପରାହତ ହେବ। ଲଦାଖ୍‌ର ସ୍ୱତନ୍ତ୍ର ମାନ୍ୟତା ପ୍ରସଙ୍ଗ କେନ୍ଦ୍ର ସରକାରଙ୍କ ସ୍ୱାର୍ଥ ବନାମ ଲଦାଖର ପରିବେଶର ସୁରକ୍ଷା ଭଳି ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ଏହି ପୃଷ୍ଠଭୂମିରେ କେନ୍ଦ୍ର ସରକାର ନିଜ ସ୍ୱାର୍ଥକୁ ଅଗ୍ରାଧିକାର ଦେବା ସ୍ୱାଭାବିକ।

ଏବେ କେନ୍ଦ୍ର ସରକାରଙ୍କ ପାଇଁ ଲଦାଖ ଏଭଳି ଏକ କଣ୍ଟା ଭାବେ ଗଳାରେ ଅଟକି ରହିଛି, ଯାହା ଢୋକି ହେଉ ନାହିଁ କି ବାହାର କରି ହେଉନାହିଁ। ୩୭୦ ଧାରା ଉଚ୍ଛେଦ ପରେ କାଶ୍ମୀର ଓ ଲଦାଖ ଉପତ୍ୟକାରେ ଶାନ୍ତି ଫେରିଛି ଏବଂ ସମଗ୍ର ଅଞ୍ଚଳବାସୀ ବିକାଶର ସୁଫଳ ଅନୁଭବ କରୁଛନ୍ତି ବୋଲି କେନ୍ଦ୍ର ସରକାରଙ୍କ ଘୋଷଣାକୁ ୱାଙ୍ଗଚୁକ୍‌ଙ୍କ ଆନ୍ଦୋଳନ ସ୍ୱାଭାବିକ ଭାବେ ଫିକା କରିଚାଲିଛି। ତେଣୁ ୱାଙ୍ଗଚୁକ୍ ରୂପୀ କଣ୍ଟାକୁ କେନ୍ଦ୍ର ସରକାର ହଟାଇବାକୁ ଯତ୍‌ପରୋନାସ୍ତି ଉଦ୍ୟମ କରିବା ସ୍ୱାଭାବିକ। ୱାଙ୍ଗଚୁକ୍‌ଙ୍କ ସଦ୍ୟତମ ଅନଶନ ସମୟରେ ଜେନ୍ ଜେଡ୍ ବର୍ଗର କେତେକ ତତ୍ତ୍ୱ ହିଂସାକାଣ୍ଡ ଭିଆଇବା ପରେ ତାଙ୍କ ଉପରକୁ ବିପଦ ମାଡ଼ିଆସୁଥିବା ଅନୁମାନ କରାଯାଉଥିଲା। ଏବେ ତାହା ହିଁ ଘଟିଛି।

ଭାରତର ସଂଘୀୟ ବ୍ୟବସ୍ଥାରେ କୌଣସି ଅଞ୍ଚଳ ରାଜନୈତିକ ଓ ସାମ୍ବିଧାନିକ ଅଧିକାର ପାଇଁ ଦାବି କରିବା ଅନୈତିକ ନୁହେଁ। କିନ୍ତୁ ଏହା ହିଂସାତ୍ମକ ହେବା ଆଦୌ ଉଚିତ ନୁହେଁ। ଏବେ ସରକାରଙ୍କ ଆଗରେ ସବୁଠାରୁ ବଡ଼ ଆହ୍ୱାନ ହେଉଛି ନିର୍ବାଚନୀ ପ୍ରତିଶ୍ରୁତି ରକ୍ଷା କରି ଲଦାଖ୍‌ବାସୀଙ୍କ ଦାବି ପୂରଣ କରନ୍ତି ତେବେ ତାହା ଆଉ ଏକ ୩୭୦ ଧାରା ଅନୁରୂପ ବ୍ୟବସ୍ଥାକୁ ଜନ୍ମ ଦେଇପାରେ। ଯଦି ୱାଙ୍ଗଚୁକଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କିମ୍ବା କାଳକ୍ଷେପଣ ନୀତି ଅବଲମ୍ବନ କରନ୍ତି ତେବେ ଲଦାଖବାସୀଙ୍କ ଅସନ୍ତୋଷର ଫାଇଦା ବିଦେଶୀ ବିଚ୍ଛିନ୍ନତାବାଦୀ ନେବାର ଆଶଙ୍କାକୁ ଏଡ଼ାଇ ଦେଇହେବ ନାହିଁ। ●

(ସକାଳ ମିଡିଆ ସର୍ଭିସ୍)

# ଉତ୍କଳ ଓ ଆୟୁର୍ବେଦ

ବାବାଜୀ ସନତ୍ ସୁଜାତାନନ୍ଦ ଦାସ

ଆୟୁର୍ବେଦର ଉତ୍ସ ଅଥର୍ବବେଦର ପ୍ରାଚୀନତମ ପୋଥି ମିଳିଥିଲା ଓଡ଼ିଶାରୁ। ଆୟୁର୍ବେଦ ଅଧ୍ୟୟନ କରୁଥିଲେ ଯେଉଁ ଅଥର୍ବବେଦୀୟ ବ୍ରାହ୍ମଣ, ସେମାନଙ୍କ ସଂଖ୍ୟା ମଧ୍ୟ ଓଡ଼ିଶାରେ ଥିଲା ସର୍ବାଧିକ। ଆୟୁର୍ବେଦ ବାଙ୍ମୟର ପ୍ରାଣସ୍ୱରୂପ ଆଚାର୍ଯ୍ୟ ଚରକଙ୍କୁ ଏହି ଉତ୍କଳର ଅଧୀଶ୍ୱର ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ଅବତାର ବୋଲି କୁହାଯାଏ। କାକଟପୁରରେ ପ୍ରାଚୀନଦୀ କୂଳରୁ ମିଳିଥିଲା ସୁପ୍ରାଚୀନ ପୋଥି, 'ଚରକ ମହାର୍ଣ୍ଣବ ତନ୍ତ୍ର'। 'ଭାବପ୍ରକାଶ', 'ମାଧବନିଦାନ', 'ବୀରସିଂହାବଲୋକ', 'ଭୈଷଜ୍ୟ ସାରସଂଗ୍ରହ' ଓ 'ଭୈଷଜ୍ୟରତ୍ନାବଳୀ' ପରି ଜାତୀୟସ୍ତରର ଶ୍ରେଷ୍ଠ ଆୟୁର୍ବେଦ ଗ୍ରନ୍ଥମାନଙ୍କର ଖ୍ୟାତନାମା ରଚୟିତାମାନେ ଯଥାକ୍ରମେ ଆଚାର୍ଯ୍ୟ ଭାବ ମିଶ୍ର, ମାଧବ କର, ବୀର ସିଂହ, ଲୋକନାଥ ବିଦ୍ୟାଭୂଷଣ ଓ ଗୋବିନ୍ଦ ଦାସ - ଏ ସମସ୍ତେ ଥିଲେ ଉତ୍କଳୀୟ। ପୁନଶ୍ଚ ବିଜୟ ରକ୍ଷିତଙ୍କ 'ମଧୁକୋଷ' ଠାରୁ ଆରମ୍ଭ କରି ନାରାୟଣ ଷଡ଼ଙ୍ଗୀଙ୍କ 'ବାଳବୋଧିନୀ' ପର୍ଯ୍ୟନ୍ତ ମାଧବଙ୍କ 'ନିଦାନ ଗ୍ରନ୍ଥ'ର ପ୍ରାୟ ସମସ୍ତ ଟୀକା ଏହି ଉତ୍କଳ ଭୂମିରେ ହିଁ ମିଳିଛି।

ଅତୁଳନୀୟ ଓ ଆଶ୍ଚର୍ଯ୍ୟଜନକ 'ରସଶାସ୍ତ୍ର' ପ୍ରଦାନ କରି ଆୟୁର୍ବେଦକୁ ଋଦ୍ଧିମନ୍ତ କଲା ଯେଉଁ ମହାନ୍ କୌଳ ପରମ୍ପରା, ଏକଦା ଉଡ୍ଡୀୟାନ ମହାପୀଠ ଏହି ଉତ୍କଳ ଥିଲା ସେହି କୌଳ ନାଥ ଯୋଗୀମାନଙ୍କର ବିହାରଭୂମି। ତନ୍ମଧ୍ୟରୁ ଅନ୍ୟତମ ଥିଲେ ସିଦ୍ଧ ନାଗାର୍ଜୁନ, ଯାହାଙ୍କ ଲିଖିତ 'ରସରତ୍ନ ସମୁଚ୍ଚୟ' ଆଜି ଆୟୁର୍ବେଦୀୟ ରସୌଷଧି ଚିକିତ୍ସା ଓ ନାନାବିଧ ଗବେଷଣାର ଆଧାରଭୂତ ସନ୍ଦର୍ଭ। 'ସିଦ୍ଧେଃ ରସୈଃ କରିଷ୍ୟାମି ନିର୍ଦାରିଦ୍ର୍ୟମିଦଂ ଜଗତ୍। ଅର୍ଥାତ୍ 'ଧାତୁସିଦ୍ଧି ଦ୍ୱାରା ମୁଁ ଏ ଜଗତକୁ ଦାରିଦ୍ର୍ୟମୁକ୍ତ କରି ଦେଇପାରେ'। ଏତାଦୃଶ ଧ୍ୱନି ଦେଇଥିବା ନାଗାର୍ଜୁନ ପ୍ରାପ୍ତି କରିଥିଲେ ଯେକୌଣସି ନିକୃଷ୍ଟଧାତୁରୁ ସ୍ୱର୍ଣ୍ଣ ପ୍ରସ୍ତୁତ କରିବାର ବୈଜ୍ଞାନିକ ସୂତ୍ର। ଐତିହାସିକ ନବୀନ ଚନ୍ଦ୍ର ସାହୁଙ୍କ ତଥ୍ୟ ଅନୁଯାୟୀ ଉତ୍କଳର ଔଷଧିପର୍ବତ ଗନ୍ଧମାର୍ଦ୍ଦନର ଶୀର୍ଷରେ ଥିଲା ନାଗାର୍ଜୁନଙ୍କ ନିକାଞ୍ଚନ ଆଶ୍ରମ ଏବଂ ତଳେ ଥିଲା ତାଙ୍କର ଆରୋଗ୍ୟଶାଳା। 'ଆରୋଗ୍ୟ ଭାରତୀ' ନାମରେ ଆଉ ଏକ ହସ୍ପିଟାଲ ଧଉଳିଗିରି ତଳେ ଥିଲା ଏବଂ ତାହାର ସଞ୍ଚାଳନ 'ଭଟ୍ଟ' ଉପାଧିଧାରୀ ଯାଜପୁରୀୟ ବୈଦ୍ୟ ଥିଲେ ବୋଲି ସେହି ଧଉଳିଗିରିର ଏକ ଶିଳାଲେଖରେ ସୂଚିତ ଅଛି। ଭୌମକର ବଂଶୀୟ ରାଜାମାନଙ୍କ ଶାସନାଧୀନ ଉତ୍କଳରେ ୮/୯ମ ଶତାବ୍ଦୀ କାଳରେ ନନ୍ନଟ, ଭୀମଟ ଓ ଲୟମକ ଆଦି ଭଟ୍ଟ ଉପାଧିଧାରୀ ବୈଦ୍ୟମାନେ ବଂଶାନୁକ୍ରମେ ସେମାନଙ୍କର ରାଜବୈଦ୍ୟ ଥିଲେ ବୋଲି ଗବେଷକ ଡ. ସତ୍ୟନାରାୟଣ ରାଜଗୁରୁ ଉଲ୍ଲେଖ କରିଛନ୍ତି।

ଆଜିର ଆରୋମାଥେରାପି ଅଳ୍ପକେତୋଟି ସୁଗନ୍ଧକୁ ଘେନି ଚାଲୁଥିଲା ବେଳେ ଓଡ଼ିଶାର ଭୌମକର ବଂଶୀୟା ରାଣୀ ଦଣ୍ଡୀ ମହାଦେବୀଙ୍କ ସନ୍ଧିବିଗ୍ରହ ଜୈନାଚାର୍ଯ୍ୟ ଉଗ୍ରାଦିତ୍ୟ ଏଇ ଓଡ଼ିଶାର ରାମଗିରି (କୋରାପୁଟ) ଆଶ୍ରମରେ ବସି ରଚନା କରିଥିଲେ ଅନେକ ଫୁଲର ସୁଗନ୍ଧଚିକିତ୍ସା ସମ୍ବଳିତ ଆପଣାର ମହାନ୍ ଗ୍ରନ୍ଥ 'କଲ୍ୟାଣକାରକ'। ସେଥିରେ ସେ ଫୁଲମାନଙ୍କର କେବଳ 'ଦର୍ଶନ'କୁ ମଧ୍ୟ ଏକପ୍ରକାର ଚିକିତ୍ସା ପଦ୍ଧତି କହିଥିବା ବେଳେ ପଣ୍ଡିଚେରୀ ଆଶ୍ରମର ଶ୍ରୀମା ଫୁଲମାନଙ୍କର ଅଧ୍ୟାତ୍ମିକ ସ୍ପନ୍ଦନର ବାର୍ତ୍ତାଟି ମାନ ପ୍ରକାଶ କରି ସେଥିରେ ସିଦ୍ଧିର ମୋହର ଲଗାଇ ଦେଇଛନ୍ତି। ଅବିଶ୍ୱାସ୍ୟ ଲାଗୁଥିଲେ ହେଁ ଏହା ସତ୍ୟ ଯେ, ଆଜିର ବିଶ୍ୱବିଖ୍ୟାତ ତିବ୍ବତୀୟ ଭେଷଜର ମୌଳିକ ଉତ୍ସ ଉତ୍କଳୀୟ ଆୟୁର୍ବେଦ। ତିବ୍ବତର ପ୍ରଥମ ଧର୍ମଗୁରୁ ରିମ୍ପୋଚେ ଓଡ଼ିଶାର ସମ୍ବଳକ ରାଜ୍ୟର ଯୁବରାଜ ପଦ୍ମସମ୍ଭବ ଏବଂ ସେ ନିଜ ସହିତ ତିବ୍ବତକୁ ଘେନି ଯାଇଥିଲେ ଓଡ଼ିଶାର ଧାନ ଏବଂ ବୌଦ୍ଧ, ତନ୍ତ୍ର ଓ ଚିକିତ୍ସାର ବିପୁଳ ପୋଥିରାଶି। ସମଗ୍ର ଭାରତବର୍ଷର ବୈଦ୍ୟକୁଳ-ଅନୁସୃତ ଦୁଇଟି ମାତ୍ର ଓଜନ ପଦ୍ଧତି ମଧ୍ୟରେ 'ମାଗଧ ମାନ' ପ୍ରଥମ ଥିଲା ବେଳେ ଦ୍ୱିତୀୟ ଥିଲା କଳିଙ୍ଗର ବିଦ୍ୱାନ୍‌ମାନଙ୍କ ପ୍ରଣୀତ 'କାଳିଙ୍ଗ ମାନ'।

ଉତ୍କଳ ବିଶ୍ୱବିଦ୍ୟାଳୟର ପରିଜା ଲାଇବ୍ରେରୀରେ ଶତାଧିକ ଓ ରାଜ୍ୟ ସଂଗ୍ରହାଳୟରେ ୧୮୦୦ରୁ ଊର୍ଦ୍ଧ୍ୱ ସଂଖ୍ୟକ ଆୟୁର୍ବେଦ ପୋଥି ଗଚ୍ଛିତ ଅଛି। ତନ୍ମଧ୍ୟରୁ ରଘୁନାଥ ଦାଶଙ୍କ 'ଆୟୁର୍ବେଦ ଲୀଳାବତୀ', ଚକ୍ରପାଣି ଦାସଙ୍କ 'ଅଭିନବ ଚିନ୍ତାମଣି', ଜଗନ୍ନାଥ ଦାଶଙ୍କ 'ଚିକିତ୍ସାମଞ୍ଜରୀ', ମୁରାରି ଦାସଙ୍କ 'ରୋଗ ବିନିଶ୍ଚୟ', ନରହରି ପଣ୍ଡିତଙ୍କ 'ନିଘଣ୍ଟୁ ରାଜାଭିଧାନ ଚୂଡ଼ାମଣି' ଆଦି କେତୋଟି ଉଦାହରଣ ନିଆ ଯାଇପାରେ। ନିକଟରେ ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ଆୟୁର୍ବେଦ ଓ ସିଦ୍ଧ ଅନୁସନ୍ଧାନ ପରିଷଦ ଗଜପତି ମୁକୁନ୍ଦଦେବ (୧୫୫୭-୧୫୬୮)ଙ୍କ ରାଜବୈଦ୍ୟ ମହାମହୋପାଧ୍ୟାୟ ବିଶ୍ୱନାଥ ସେଣଙ୍କ ରଚିତ 'ଚିକିତ୍ସାର୍ଣ୍ଣବ' ପୋଥି ଏବଂ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଉତ୍କଳ ପ୍ରଦେଶର ସାଧାରଣ ସମ୍ପାଦକ ଡ. ସନ୍ତୋଷ କୁମାର ମହାପାତ୍ର, ଗୋପୀନାଥ ଷଡ଼ଙ୍ଗୀଙ୍କ 'ଚିକିତ୍ସାମଞ୍ଜରୀ' ପୋଥିର ପାଠୋଦ୍ଧାର କରି ପୁସ୍ତକ ରୂପେ ପ୍ରକାଶ କରିଛନ୍ତି। ତା'ଛଡ଼ା ପଶୁପକ୍ଷୀଙ୍କ ଚିକିତ୍ସାର ସନ୍ଦର୍ଭ ଯଥାକ୍ରମେ 'ଗୋଚିକିତ୍ସା', 'ପାଳକାପ୍ୟ ସଂହିତା' ଓ 'ଶାଳୀହୋତ୍ର ସଂହିତା' ପୋଥିମାନ ମଧ୍ୟ ମିଳିଛି। ଏପରିକି କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ପରି କବିମାନଙ୍କ ଦ୍ୱାରା ରସମୟ ଗୀତିକବିତା ଆକାରରେ ଭଣିତା ଆୟୁର୍ବେଦ ପୋଥି ମଧ୍ୟ ରହିଛି। ଭାରତର କବିମାନେ ସୁଦ୍ଧା ବୈଜ୍ଞାନିକ, ଯାହା ଭାରତବର୍ଷରେ ବିରଳ। କିନ୍ତୁ ବିଡ଼ମ୍ବନାର ବିଷୟ ଯେ ଅଦ୍ୟାବଧି ଏ ଅମୂଲ୍ୟନିଧି ସବୁ ଗ୍ରନ୍ଥରୂପ ନପାଇ ସଂଗ୍ରହାଳୟରେ ପଡ଼ିରହିଛି। ଅନେକ ପ୍ରକାଶିତ ଗ୍ରନ୍ଥ ମଧ୍ୟ ଅଧୁନା ଦୁଷ୍ପ୍ରାପ୍ୟ।

ଆୟୁର୍ବେଦ ବୋଇଲେ ଜୀବନର ବେଦ (ଜ୍ଞାନ)। ଅନ୍ନବ୍ୟଞ୍ଜନ ପିଠାପଣାଦି ଖାଦ୍ୟପେୟଠାରୁ ଆରମ୍ଭ କରି ସ୍ନାନନିଦ୍ରାଦି ଦିନଚର୍ଯ୍ୟା, ଗ୍ରୀଷ୍ମବର୍ଷାଦି ଋତୁଚର୍ଯ୍ୟା ଓ ବିବାହ-ବ୍ରହ୍ମଚର୍ଯ୍ୟ-ବାନପ୍ରସ୍ଥ-ବୈରାଗ୍ୟାଦି ଜୀବନଚର୍ଯ୍ୟା ସହିତ ସାହିତ୍ୟ, ସଂସ୍କୃତି, ପର୍ବପର୍ବାଣି ଇତ୍ୟାଦି ଜୀବନର ସକଳ ବିଭବକୁ ସମସ୍ତଙ୍କ ଆଗୋଚରରେ ଅତ୍ୟନ୍ତ କଳାତ୍ମକ ଢଙ୍ଗରେ ଆବୋରି ରହି ଆୟୁର୍ବେଦର ଏହି ସୁସମୃଦ୍ଧ ବୈଜ୍ଞାନିକ ପରମ୍ପରାଟି ଉତ୍କଳବାସୀଙ୍କୁ ଦେଇ ଆସିଛି ଅନାବିଳ ଏକ ମହତ୍ତର ଜୀବନବୋଧ। ଆଉ ସେ ବୋଧର ଲାଳିତ୍ୟରେ ବାନ୍ଧି ହୋଇ ସ୍ୱୟଂ ପରବ୍ରହ୍ମ ପରମେଶ୍ୱର ଶ୍ରୀଜଗନ୍ନାଥ ମହାପ୍ରଭୁ ସୁଦ୍ଧା ସ୍ୱୀକାର କରିଛନ୍ତି ରୋଗ, ତାହାର ମାନବୀୟ ଔଷଧ ଉପଚାର ଏବଂ 'ରୋଗ'କୁ 'ବିଷାଦ'ର ତାମସିକ ସ୍ତରରେ ଛାଡ଼ି ନଦେଇ କରିଛନ୍ତି ତା'ର ଉତ୍ସବାୟନ। ସେ ଉତ୍ସବ ମାର୍ଗରେ ନିରନ୍ତର ଧାବମାନ ଭାରତ ବର୍ଷର ଆତ୍ମା। ●

ଗୌରାଙ୍ଗ ମଠ, ପୁରୀ, ମୋ: ୭୦୦୮୦୩୮୦୪୭

# କର୍କଟରୋଗ ନିରୋଧୀ ଟିକା

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ବର୍ତ୍ତମାନ ବିଶ୍ୱରେ ସବୁଠାରୁ ଭୟାନକ ତଥା ଘାତକ ବ୍ୟାଧି ରୂପେ ପରିଗଣିତ ହେଉଛି କର୍କଟରୋଗ। ଦୀର୍ଘଦିନ ଧରି ଏହି ଭୟାବହ ରୋଗ କବଳରୁ ସୁରକ୍ଷା ଦେବା ପାଇଁ ନାନାଦିଗରୁ ଗବେଷଣା ଚାଲି ଆସିଛି ସମଗ୍ର ବିଶ୍ୱରେ। ତେବେ ରୁଷିଆର ବୈଜ୍ଞାନିକ ଏଥିରେ ପ୍ରଥମ ସଫଳତା ହାସଲ କରିବାର ସୂଚନା ଗତ ଅଗଷ୍ଟ ମାସ ପ୍ରଥମ ସପ୍ତାହରେ (୨୦୨୫ ମସିହା) ମିଳିଛି। ସେମାନେ ଏହାର ପ୍ରତିରୋଧୀ ଟିକାଟିଏ ଉଦ୍ଭାବନ କରିବାକୁ ସମର୍ଥ ହୋଇପାରିଛନ୍ତି। ଏମ୍-ଆର୍‌ଏନ୍‌ଏ (ମେସେଂଜର-ଆର୍‌ଏନ୍‌ଏ) ଭିତ୍ତିକ ଏହି ଟିକା ଏଣ୍ଟେରୋମିକ୍ସ ନିଦାନୀୟ ପରୀକ୍ଷାରେ ଶହେ ଶତାଂଶ ସଫଳତା ପ୍ରଦର୍ଶନ କରିବା ସହିତ ସଂପୂର୍ଣ୍ଣ ନିରାପଦ ବୋଲି ଜଣାପଡ଼ିଛି।

ଏମ୍-ଆର୍‌ଏନ୍‌ଏ ଜୀବକୋଷ ମଧ୍ୟରେ ସୃଷ୍ଟି ହୁଏ 'ଟ୍ରାନ୍ସକ୍ରିପସନ' (ନକଲ) ବୋଲି କୁହାଯାଉଥିବା ଏକ ପଦ୍ଧତିରେ। ଏଥିରେ ଆର୍‌ଏନ୍‌ଏ ପଲିମରେଜ୍ ଏଞ୍ଜାଇମ ନାଭିକ ମଧ୍ୟରେ ଥିବା ଜିନୀୟ ସଂକେତଧାରୀ ଡିଏନ୍‌ଏର ଏକ ଖିଅକୁ 'ଟେମ୍ପଲେଟ୍' (ଛାଞ୍ଚ) ରୂପେ ବ୍ୟବହାର କରି ଏହାର ଅନୁପୂରକ 'ପ୍ରି-ଏମ୍ ଆର୍‌ଏନ୍‌ଏ ସଂଶ୍ଳେଷଣ କରାଏ। ତାହାର ପ୍ରକ୍ରିୟାକରଣରୁ ଏମ୍-ଆର୍‌ଏନ୍‌ଏ ସୃଷ୍ଟି ହୁଏ, ଯାହାକି ଏକ ଜିନୀୟ ବାର୍ତ୍ତାବହ ରୂପେ ଡିଏନ୍‌ଏର ସୂଚନା ବହନ କରି ଜୀବକୋଷର ନାଭିକ ମଧ୍ୟରୁ 'ରାଇବୋଜମ୍'କୁ ଆସେ। ସେଠାରେ ତଦନୁଯାୟୀ ପ୍ରୋଟିନ୍ ସଂଶ୍ଳେଷଣ ହୁଏ।

ଉପରୋକ୍ତ ଏମ୍-ଆର୍‌ଏନ୍‌ଏ ଭିତ୍ତିକ 'ଏଣ୍ଟେରୋମିକ୍ସ' କର୍କଟରୋଗ ନିରୋଧୀ ଟିକା ନିଦାନୀୟ ବ୍ୟବହାର ପାଇଁ ପ୍ରସ୍ତୁତ ହୋଇଗଲାଣି ବୋଲି ଘୋଷଣା କରିଛି ସେ ଦେଶର 'ଫେଡେରାଲ୍ ମେଡିକାଲ୍ ଆଣ୍ଡ୍ ବାଇଓଲୋଜିକାଲ୍ ଏଜେନ୍ସି'। ଏହାର ମୁଖ୍ୟଙ୍କ ସୂଚନା ଅନୁସାରେ ଏହା ପ୍ରାକ୍‌ନିଦାନୀୟ ପରୀକ୍ଷାଗୁଡ଼ିକରେ ସଫଳତା ପ୍ରଦର୍ଶନ କରିସାରିଛି। ଯାହାକି ଏହାକୁ ସଂପୂର୍ଣ୍ଣ ନିରାପଦ ଏବଂ ଅତ୍ୟନ୍ତ ଫଳପ୍ରଦ ବୋଲି ପ୍ରମାଣିତ କରିପାରିଛି। ଦୀର୍ଘକାଳୀନ ଭିତ୍ତିରେ ୪୮ ଜଣ ସ୍ୱେଚ୍ଛାସେବୀଙ୍କ ଉପରେ ଏହି ପରୀକ୍ଷଣ ହେଲା ପରେ ଏହାର ନିଦାନୀୟ ସଫଳତା ସଂପର୍କରେ ଗତ ଜୁନ୍ ୧୮ ରୁ ୨୧ ତାରିଖ (୨୦୨୫) ମଧ୍ୟରେ 'ସେଣ୍ଟ୍ ପିଟରସ୍‌ବର୍ଗ ଇଣ୍ଟରନ୍ୟାସନାଲ୍ ଇକୋନୋମିକ ଫୋରମ୍'ର ସମ୍ମିଳନୀ ଅବସରରେ ଘୋଷଣା କରାଯାଇଥିଲା। ଟିକାଟି କର୍କଟରୋଗ ଜନିତ ଅର୍ବୁଦର ବୃଦ୍ଧିକୁ ରୋକିବା ଏବଂ ତାକୁ ସଂକୁଚିତ କରିବାକୁ ସମର୍ଥ ବୋଲି ସେଥିରେ ସୂଚନା ପ୍ରଦାନ କରାଯାଇଥିଲା।

ଏ ଟିକାକୁ କ୍ରମେ ପ୍ରତ୍ୟେକ ରୋଗୀ ଲାଗି ବ୍ୟକ୍ତିଗତ ଭାବେ ତା'ର ଆର୍‌ଏନ୍‌ଏ ଅନୁରୂପ କରିବା ପାଇଁ ଏବେ ଉଦ୍ୟମ ଚାଲିଛି। ବର୍ତ୍ତମାନ ପ୍ରସ୍ତୁତ ହୋଇଥିବା ପ୍ରଥମ ଟିକା ବୃହଦନ୍ତ୍ର ନଳୀର କର୍କଟରୋଗ ଲାଗି ବ୍ୟବହାର କରାଯାଇ ପାରିବ। ତପୂରେ ମସ୍ତିଷ୍କ ଅର୍ବୁଦ ଏବଂ ବିଭିନ୍ନ ପ୍ରକାର ଚର୍ମକର୍କଟ ରୋଗ ଲାଗି ତାହା ବିକଶିତ କରାଯିବ। ରାସାୟନିକ ଚିକିତ୍ସା (କେମୋଥେରାପି) କିମ୍ବା ରଶ୍ମିଚିକିତ୍ସା (ରେଡିଏସନ ଥେରାପି) ଭଳି ଏହାର ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯିବ ନାହିଁ ଏବଂ ରୋଗୀକୁ ଏହା ସହ୍ୟ କରିବା ସହଜ ହେବ।

ଏକ୍ସଟେରୋମିକସି ଟିକାରେ ଏବେ ବ୍ୟବହାର କରାଯାଇଛି ଚାରୋଟି କ୍ଷତିକାରକ ହୋଇନଥିବା ଭୂତାଣୁ। ଏହା କର୍କଟରୋଗ ଜନିତ ଅର୍ବୁଦକୁ ଆକ୍ରମଣ କରି ନଷ୍ଟ କରିଦେବା ସହିତ ରୋଗ ସହ ସଂଗ୍ରାମ କରିବାକୁ ରୋଗ ପ୍ରତିରୋଧ ବ୍ୟବସ୍ଥାକୁ ପ୍ରରୋଚିତ କରିବା ଲାଗି ଅଭିପ୍ରେତ। ଏଥିରେ କର୍କଟରୋଗ ନିରାକରଣ ଲାଗି 'ଆଣ୍ଟିଜେନ୍' ବୋଲି କୁହାଯାଉଥିବା ଏକ ନିର୍ଦ୍ଦିଷ୍ଟ ପ୍ରୋଟିନ୍ ପ୍ରସ୍ତୁତ କରିବାକୁ ଜୀବକୋଷମାନଙ୍କୁ ବ୍ରତୀ କରାଯାଏ। ତପୂରେ ଏହି 'ଆଣ୍ଟିଜେନ୍'ଗୁଡ଼ିକୁ ଡେନ୍‌ଡ୍ରାଇଟିକ୍ ଜୀବକୋଷ ବୋଲି କୁହାଯାଉଥିବା ରୋଗ ପ୍ରତିରୋଧକାରୀ ଜୀବକୋଷମାନଙ୍କ ମାଧ୍ୟମରେ 'ଟି-ଜୀବକୋଷ'ଙ୍କୁ ପ୍ରଦାନ କରାଯାଏ, ଯାହାକି ସେହି ଅନୁରୂପ 'ଆଣ୍ଟିଜେନ୍' ପ୍ରଦର୍ଶନ କରୁଥିବା କର୍କଟରୋଗ ଜୀବକୋଷଗୁଡ଼ିକୁ ଚିହ୍ନଟ କରି ତା'କୁ ଧ୍ୱଂସ କରିଦିଅନ୍ତି। ଅତଏବ ଏପ୍ରକ୍ରିୟା ମୁଖ୍ୟତଃ ଶରୀରର ରୋଗପ୍ରତିରୋଧ ପ୍ରକ୍ରିୟାକୁ କର୍କଟରୋଗ ଜୀବକୋଷ ବିରୁଦ୍ଧ ଅତ୍ୟନ୍ତ ଫଳପ୍ରଦ ଅସ୍ତ୍ରରେ ରୂପାନ୍ତରିତ କରେ। ଅତଏବ ଏହା ସେଗୁଡ଼ିକୁ ଚିହ୍ନଟ କରି ଧ୍ୱଂସ କରିଦିଏ। ବର୍ତ୍ତମାନ ଏ ଟିକାର ଦକ୍ଷତା ଆଶାନୁରୂପେ ପ୍ରମାଣିତ ହୋଇସାରିଛି ଏବଂ କେବଳ ବାକି ରହିଛି ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ଅନୁମତି। ତାହା ମିଳିସାରିଲେ ଖୁବ୍‌ଶୀଘ୍ର ଏହା ସର୍ବସାଧାରଣଙ୍କ ପାଇଁ ଉପଲବ୍ଧ ହୋଇପାରିବ। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com
ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପୃଥକ୍ ଦୁର୍ଘଟଣାରେ ୨୦ ଆହତ, ୨ ଗୁରୁତର





ମୋହନା, ୨୯।୯ (ସମିସ): ଗଜପତି ଜିଲ୍ଲା ଅଡ଼ବା ଓ ଆର୍. ଉଦୟଗିରି ଥାନା ଅଞ୍ଚଳରେ ପୃଥକ୍ ଦୁର୍ଘଟଣାରେ ୨୦ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଜିଲ୍ଲାର ଅଡ଼ବା ଥାନା ଢେପାଗୁଡ଼ା ଘାଟିରେ ଟ୍ରାକ୍ଟର

- ପିଡିଏସ ଚାଉଳ ଆଣିବାକୁ ଯାଇ ଓଲଟିଲା ଟ୍ରାକ୍ଟର
- ଗୋରୁ ବୋଝେଇ ପିକଅପ୍-ଅଟୋ ମୁହାଁମୁହିଁ

ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏଥିରେ ୧୫ଜଣ ବ୍ୟକ୍ତି ଆହତ ହୋଇଛନ୍ତି। ସୂଚନା ମୁତାବକ ଗରଡ଼ମା ପଞ୍ଚାୟତ କାର୍ଯ୍ୟାଳୟରୁ ରାସନ ଚାଉଳ ନେଇ ପାଖାପାଖି ୨୦ଜଣ ହିତାଧିକାରୀ ଏକ ଟ୍ରାକ୍ଟର ଯୋଗେ ଗମ୍ଭାରୀଗାଁ ଫେରିବା ବାଟରେ ଢେପାଗୁଡ଼ା ଘାଟିରେ ଟ୍ରାକ୍ଟର ଓଲଟି ଯାଇଥିଲା। ସମସ୍ତ ଆହତଙ୍କୁ କନ୍ଧମାଳ ଜିଲ୍ଲା ବ୍ରାହ୍ମଣୀଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେହିଭଳି ଆର.ଉଦୟଗିରି ଥାନା ଚଢ଼ିଆପଦା ଗ୍ରାମ ନିକଟରେ ଏକ ଗୋରୁ ବୋଝେଇ ପିକ୍ଅପ୍ ସହ ଅଟୋ ମୁହାଁମୁହିଁ ଧକ୍କା ହୋଇଛି। ଘଟଣାସ୍ଥଳରୁ ପିକ୍ଅପ୍ ଚାଳକ ଫେରାର୍ ହୋଇଯାଇଥିବା ବେଳେ ଦୁର୍ଘଟଣାରେ ଅଟୋରେ ବସିଥିବା ପାଞ୍ଚଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କୁ ଆର୍. ଉଦୟଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଛି। ଘଟଣାସ୍ଥଳରେ ଆର. ଉଦୟଗିରି ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ମିଳିଲାନି ମହାପ୍ରୟାଣ ଗାଡ଼ି

# କାନ୍ଧରେ ଧରି ଗାଁକୁ ଶବ ନେଲେ

ଶଗଡ଼ା, ୨୯।୯ (ସମିସ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଦହ୍ୟା ରକ୍ସା ପଞ୍ଚାୟତ ଅଧୀନ କରମାପଦର ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଶୌଚ ପାଇଁ ଯାଇଥିବା ବେଳେ ଜଣେ ବ୍ୟକ୍ତିଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଠାକୁର ମେହେର। ଖବର ପାଇ ପରିବାରଲୋକ ତାଙ୍କୁ ପୋଖରୀରୁ ଉଦ୍ଧାର କରି



ବାଉଁଶୁଣି ମେଡିକାଲରେ ଭର୍ତ୍ତି କରିଥିଲେ; ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ମେଡିକାଲ କର୍ତ୍ତୃପକ୍ଷ ପୁଲିସକୁ ଖବର ଦେଇଥିଲେ। ବହୁତ ସମୟ ଅପେକ୍ଷା କଲା ପରେ ବି ପୁଲିସ ଆସି ନ ଥିଲା। ଏଣୁ ମୃତକଙ୍କ ପରିବାର ଲୋକ ଶବକୁ କାନ୍ଧେଇ ୫୭ ନମ୍ବର ଜାତୀୟରାଜପଥ ଦେଇ ଗାଁକୁ ବାହାରିଥିଲେ। ତେବେ ଡାକ୍ତରଖାନାରେ ମହାପ୍ରୟାଣ ଗାଡ଼ି ଥିଲେ ସୁଦ୍ଧା ବ୍ୟବଚ୍ଛେଦ ହୋଇନଥିବାରୁ ଶବ ନେବାକୁ ଗାଡ଼ି ଚାଳକ ମନା କରି ଦେଇଥିଲେ। ଶେଷରେ ବାଧ୍ୟ ହୋଇ ପରିବାରଲୋକେ ପୁଲିସ ଆସିବାରେ ବିଳମ୍ବ ହେତୁ ଶବ ବ୍ୟବଚ୍ଛେଦ ନ କରି କାନ୍ଧରେ ଧରି ଗାଁକୁ ବାହାରିଥିଲେ। ରାସ୍ତାରେ ଏହି ଦୃଶ୍ୟ ଦେଖି ଜଣେ ବ୍ୟକ୍ତି ଭିଡିଓ କରିଥିଲେ। ଏହାପରେ ଘଟଣା ଭାଇରାଲ

- ଖବର ଦେବା ସତ୍ତ୍ୱେ ଆସିଲାନି ପୁଲିସ
- ପୁଲିସ ନ ଆସିବାରୁ ହୋଇପାରିଲାନି ଶବ ବ୍ୟବଚ୍ଛେଦ
- ଡାକ୍ତରଖାନାରୁ ଶବ ନେଇଗଲେ ପରିବାର ଲୋକ

ହୋଇଥିଲା। ଶେଷରେ ପୁଲିସ ଗାଁରେ ପହଞ୍ଚି ଥିଲା। ପରିବାରଲୋକଙ୍କୁ ବୁଝାଇ ବ୍ୟବଚ୍ଛେଦ ପାଇଁ ମନମୁଣ୍ଡା ଡାକ୍ତରଖାନା ନେଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ପୁଲିସ ପରିବାରଲୋକଙ୍କୁ ହସ୍ତାନ୍ତର କରିଥିଲା। ଏହାପରେ ପରିବାରଲୋକ ଶବ ନେଇ ଗାଁ ମଶାଣିରେ ସତ୍କାର କରିଛନ୍ତି। ତେବେ ଏହି ଘଟଣା ବୌଦ୍ଧ ଜିଲ୍ଲାରେ ଯେତିକି ଆଲୋଡ଼ନ ସୃଷ୍ଟି କରିଛି, ଜିଲ୍ଲାକୁ ସେତିକି ବଦନାମ କରିଛି। ଏହାଦ୍ୱାରା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବେପିଙ୍କର ମନୋଭାବ ପଦାରେ ପଡ଼ିଛି। ତଳୁ ଉପର ପର୍ଯ୍ୟନ୍ତ ସମସ୍ତେ ଦାୟିତ୍ୱହୀନ ବୋଲି ପ୍ରମାଣ ଦେଇଛନ୍ତି।

### ଓଡ଼ିଶା ସପ୍ ଆଣ୍ଡ କମର୍ସିଆଲ ଏଷ୍ଟାବ୍ଲିସମେଣ୍ଟ ଆକ୍ଟରେ ସଂଶୋଧନ ପ୍ରସଙ୍ଗ

# ଶ୍ରମିକ ଶୋଷଣର ବାଟ ଖୋଲିଲେ ସରକାର: ବିଜେଡି

ଭୁବନେଶ୍ୱର, ୨୯।୯ (ସମିସ): ରାଜ୍ୟ କ୍ୟାବିନେଟ୍ ଦ୍ୱାରା ଓଡ଼ିଶା ସପ୍ ଆଣ୍ଡ କମର୍ସିଆଲ ଏଷ୍ଟାବ୍ଲିସମେଣ୍ଟ ଆକ୍ଟ-୧୯୫୬ରେ ଆଜି ଅନୁମୋଦିତ ହୋଇଥିବା ଦୁଇଟି ସଂଶୋଧନ ଉପରେ ବିଜୁ ଜନତା ଦଳ ତୀବ୍ର ପ୍ରତିକ୍ରିୟା ରଖିଛି। ଏହା ରାଜ୍ୟର ଶ୍ରମିକମାନଙ୍କୁ ଅଧିକ ଶୋଷଣ କରିବାର ବାଟ ଖୋଲିଲା ବୋଲି



ଦଳ କହିଛି। ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତା ତଥା କଟକର ମେୟର୍ ସୁବାସ ସିଂ

### ହକ୍ ପାଇଁ ସ୍ୱର ଉତ୍ତୋଳନ କରିବାର କ୍ଷମତା ହରାଇବେ ଶ୍ରମିକ

କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ରାଜ୍ୟର ଶ୍ରମିକମାନଙ୍କ ଅଧିକାର ଉପରେ କୁଠାରଘାତ ସଦୃଶ୍ୟ।

ଶ୍ରୀ ସିଂ କହିଥିଲେ ଯେ ୧୯୫୬ ମେ' ମାସରେ ଶ୍ରମିକମାନଙ୍କ ଅଧିକାରକୁ ସୁରକ୍ଷିତ କରିବା ପାଇଁ ତିଆରି ହୋଇଥିବା ଆଇନରେ ଗୋଟିଏ ଦିନରେ ୮ ଘଣ୍ଟା କାର୍ଯ୍ୟ ସମୟ ନିର୍ଘଣ୍ଟ ହୋଇଥିଲା। କିନ୍ତୁ, ଆଜିର ଏହି ନିଷ୍ପତ୍ତି ବଳରେ, ଶ୍ରମିକମାନେ ସେମାନଙ୍କ ସ୍ୱୀକୃତି ଅନୁଯାୟୀ, ୮ ଘଣ୍ଟାରୁ ଅଧିକ କାର୍ଯ୍ୟ କରିବେ ଓ ସେଥିପାଇଁ ସେମାନେ ଓଭର-ଟାଇମ୍ ନିୟମ ଅନୁସାରେ ଅଧିକ ପାରିଶ୍ରମିକ ପାଇବେ। ସେହିପରି, ପୂର୍ବରୁ ସଂଧ୍ୟା ୬ଟା ପରେ ମହିଳା ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ନିୟମ ନଥିଲା। କିନ୍ତୁ, ଆଜିର ନିଷ୍ପତ୍ତି ଅନୁଯାୟୀ ମହିଳାମାନଙ୍କୁ ମଧ୍ୟ ସନ୍ଧ୍ୟା ପରେ ସେମାନଙ୍କ ସ୍ୱୀକୃତି ନେଇ କାମରେ ଲଗା ଯାଇପାରିବ। ତେବେ ପୂର୍ବରୁ ଓଭରଟାଇମ୍ ନିୟମ ଥିଲେ ମଧ୍ୟ ଏହାର ଉଲ୍ଲଂଘନ ହେଉଥିବା ପରିଲକ୍ଷିତ ହେଉଛି। କମ୍ପାନୀ କର୍ତ୍ତୃପକ୍ଷ ଅଧିକ ସମୟ ଖଟାଉଥିଲେ ହେଁ ଓଭରଟାଇମ୍ ଅର୍ଥ ଦେଉନାହାନ୍ତି। ସେହିପରି, ଇପିଏଫ, ଇଏସ୍ଆଇ ନିୟମ ରହିଥିଲେ ମଧ୍ୟ ଅଧିକାଂଶ ମାଲିକ ଏହାକୁ ପାଳନ କରୁନାହାନ୍ତି। ଏହି ପରିପ୍ରେକ୍ଷୀରେ କାର୍ଯ୍ୟ ସମୟ ବୃଦ୍ଧି ହୋଇପାରିବ ବୋଲି ସରକାର ନିଷ୍ପତ୍ତି ନେବା ଦ୍ୱାରା ଶ୍ରମିକମାନେ ଅଧିକ କାର୍ଯ୍ୟ କରିବେ କିନ୍ତୁ ତା ପାଇଁ ପରିଶ୍ରମିକ ପାଇବେ ନାହିଁ। ତେଣୁ, ସରକାରଙ୍କ ଏହି ନିଷ୍ପତ୍ତି ପାଇଁ ଶ୍ରମିକମାନଙ୍କୁ ମାଲିକ ଅଧିକ ଶୋଷଣ କରିବେ।

ସେହିପରି, ସନ୍ଧ୍ୟା ପରେ ମଧ୍ୟ ମହିଳାମାନେ କାର୍ଯ୍ୟରେ ନିୟୋଜିତ ହେବା ନିଷ୍ପତ୍ତି ମଧ୍ୟ ଗ୍ରହଣୀୟ ନୁହେଁ। ମହିଳାମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ ନକରି ଏପରି ନିଷ୍ପତ୍ତି କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ। ସନ୍ଧ୍ୟା ପରେ କାର୍ଯ୍ୟସ୍ଥଳୀରେ ମହିଳାଙ୍କ ସୁରକ୍ଷା ଏକ ଗୁରୁତ୍ୱର ପ୍ରସଙ୍ଗ। ଏହାଛଡ଼ା ଏହି ନିଷ୍ପତ୍ତି ଯୋଗୁଁ ଶ୍ରମିକମାନେ ତାଙ୍କର ହକ୍ ପାଇଁ ସ୍ୱର ଉତ୍ତୋଳନ କରିବା କ୍ଷମତା ମଧ୍ୟ ହରାଇବେ। ତେଣୁ ରାଜ୍ୟ ସରକାରଙ୍କ ଏହି ଦୁଇ ନିଷ୍ପତ୍ତି ଶ୍ରମିକ ସମାଜକୁ ଏକ ଭୟଙ୍କର ସ୍ଥିତିରେ ପକାଇବାକୁ ଯାଉଛି ବୋଲି ସେ ଚେତାଇ ଦେଇଛନ୍ତି।

# ଷଣ୍ଢ ଲଢ଼େଇରେ ଯୁବତୀ ମୃତ

ବାରିପଦା, ୨୯।୯(ସମିସ): ବାରିପଦା ସଦର ଥାନା ଅନ୍ତର୍ଗତ ୧୮ ନଂ ଜାତୀୟ ରାଜପଥର ମଞ୍ଚାବନ୍ଧାଠାରେ ଦୁଇ ଷଣ୍ଢ ମଧ୍ୟରେ ଲଢ଼େଇ ଯୋଗୁଁ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ମୃତ ଯୁବତୀଜଣଙ୍କ ହେଲେ, ବାରିପଦା ଟାଉନ ଥାନା ଅନ୍ତର୍ଗତ ମଧୁବନ ଅଞ୍ଚଳର ଊର୍ମି ସମ୍ପଦ (୧୭)। ସୋମବାର ସନ୍ଧ୍ୟାରେ ସେମାନେ ବାଇକ୍ ଯୋଗେ ଆସୁଥିବା ବେଳେ ମଞ୍ଚାବନ୍ଧା ନିକଟରେ ଦୁଇଟି ଷଣ୍ଢ ଲଢ଼େଇ ଲାଗି ଅତର୍କିତ ଭାବେ ତାଙ୍କ ଆଡ଼କୁ ମାଡ଼ି ଆସିଥିଲେ। ଜୋର୍‌ରେ ବାଇକକୁ ଧକ୍କା ଦେବାରୁ ଉଭୟ ବାଇକ ଆରୋହୀ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ପଡ଼ିଯାଇଥିଲେ। ପରେ ଯୁବତୀଙ୍କ ଉପରେ ଦୁଇ ଷଣ୍ଢ ମାଡ଼ି ଚାଲିଯିବାରୁ ଗୁରତର ଆହତ ହୋଇଥିଲେ। ରକ୍ତାକ୍ତ ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ପିଆରଏମ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ଯୁବତୀଙ୍କୁ ମୃତ ଘୋଷଣା କରିଥିଲେ।

### ■ ବାଣ ଓ ବିସ୍ଫୋରକ ବିରୋଧରେ ପୁଲିସର ଅଭିଯାନ

# ୧୫ ଦିନରେ ୧୮୪ ମାମଲା, ୧୩୩ ଗିରଫ

କଟକ,୨୯।୯ (ସମିସ): ଆଗାମୀ ଉତ୍ସବ ଋତୁକୁ ଦୃଷ୍ଟିରେ ରଖି ବେଆଇନ ଭାବେ ବାଣ ତଥା ବିସ୍ଫୋରକ ସାମଗ୍ରୀ ସଂରକ୍ଷଣ, ଅନଧିକୃତ ପରିବହନ ଓ ବିକ୍ରୟକୁ ରୋକିବା ପାଇଁ ପୁଲିସ ପକ୍ଷରୁ ରାଜ୍ୟବ୍ୟାପୀ ଏନଫୋର୍ସମେଣ୍ଟ କରାଯାଉଛି। ଡିଜିପିଙ୍କ ନିର୍ଦ୍ଦେଶକ୍ରମେ ଗତ୧୪ ତାରିଖରୁ ୨୭ ସେପ୍ଟେମ୍ବର ପର୍ଯ୍ୟନ୍ତ ଓଡ଼ିଶା "ଅଗ୍ନି" ନାମକ ଏହି ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ଡ୍ରାଇଭ୍ କରାଯାଇଥିଲା। ଉପରୋକ୍ତ ୧୫ ଦିନରେ ମୋଟ ୧୮୪ଟି ମାମଲା ପଞ୍ଜିକୃତ ହୋଇଥିବା ବେଳେ ୧୩୩ଜଣ ଗିରଫ ହୋଇଛନ୍ତି । ସେହିଭଳି ୮କୋଟି ୨୪ଲକ୍ଷ ୬୦ହଜାର ଟଙ୍କାର ସାମଗ୍ରୀ ଜବତ କରାଯାଇଥିବା ବେଳେ ୪୫ଜଣଙ୍କୁ ନୋଟିସ ଜାରି ହୋଇଛି। ଏହି ସଚେତନତା ଅଭିଯାନ ଜାରି ରହିବ। ସ୍ୱତନ୍ତ୍ର ଅଭିଯାନ ସମୟରେ ଅନୁଗୁଳ ଜିଲ୍ଲାରେ ୧୭ଟି ମାମଲାରେ ୧୩ଜଣଙ୍କୁ ଗିରଫ କରାଯାଇଛି। ୫୭୩୦ କିଲୋଗ୍ରାମ ବିସ୍ଫୋରକ ଜବତ ହୋଇଛି। କେନ୍ଦୁଝରରେ ୨୧ଟି ମାମଲାରେ ୨୧ଜଣ ଗିରଫ ହୋଇଛନ୍ତି। ଗଞ୍ଜାମରେ ୧୪ ଓ ବୌଦରେ ୧୦ଟି ମାମଲା ପଞ୍ଜିକତ ହୋଇଛି।

### ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମୂଳ ଦରମା...

ବୃଦ୍ଧି ପାଏ। ବର୍ତ୍ତମାନ ଡିଏ ମୂଳ ଦରମାର ୫୫% ରହିଛି। ଡିଏ ହଟାଇବା ପରେ ମୋଟ ବେତନ (ମୂଳ ଦରମା + ଡିଏ + ଏଚ୍ଆର୍ଏ) ରେ ବୃଦ୍ଧି ସାମାନ୍ୟ କମ୍ ଦେଖାଯାଇପାରେ, କାରଣ ୫୫% ଡିଏ ଉପାଦାନ ହଟାଇ ଦିଆଯିବ। ପ୍ରତ୍ୟେକ ବେତନ ଆୟୋଗ ସୁପାରିସ ଆରମ୍ଭରୁ କାର୍ଯ୍ୟକାରୀ ହେବା ପର୍ଯ୍ୟନ୍ତ ଦୁଇରୁ ତିନି ବର୍ଷ ସମୟ ଲାଗିଥାଏ। ବର୍ତ୍ତମାନ ବର୍ଷ ୨୦୨୫ ଶେଷ ହେବାକୁ ତିନି ମାସ ବାକି ଅଛି। ଯଦିଓ ବେତନ ଆୟୋଗ ଶୀଘ୍ର ଗଠନ ହୋଇଯାଏ, ତଥାପି ରିପୋର୍ଟ ପ୍ରସ୍ତୁତ କରିବା, ସରକାରୀ ଅନୁମୋଦନ ପାଇବା ଏବଂ ସବୁକିଛି ଚୂଡ଼ାନ୍ତ କରିବା ପାଇଁ କିଛି ସମୟ ଲାଗିଯିବ। ପୂର୍ବ ବେତନ ଆୟୋଗଗୁଡ଼ିକରେ ସମାନ ପ୍ରକାରର ଉଦାହରଣ ସ୍ପଷ୍ଟ। ୨୦୨୮ ସୁଦ୍ଧା ବେତନ ଆୟୋଗ ପୂର୍ଣ୍ଣ କାର୍ଯ୍ୟକାରୀ ହେବାର ଅର୍ଥ ଏହା ନୁହେଁ ଯେ ୨୦୨୮ ରୁ ସୁବିଧା ଉପଲବ୍ଧ ହେବ। ସୂଚନାଯୋଗ୍ୟ ଯେ, ପ୍ରତି ୧୦ ବର୍ଷରେ ବେତନ ଆୟୋଗ ଗଠନ କରାଯାଏ। ୭ମ ଆୟୋଗ ୨୦୧୬ରେ କାର୍ଯ୍ୟକାରୀ ହୋଇଥିଲା, ଯେତେବେଳେ କି ୮ମ ଆୟୋଗ ୨୦୨୬ ଜାନୁଆରୀ ପହିଲାରୁ ପ୍ରଭାବୀ ହେବ ବୋଲି ସମୟ ଧାର୍ଯ୍ୟ କରାଯାଇଛି। ଏହାର ଅର୍ଥ ହେଉଛି ଏହି ତାରିଖରୁ ଦରମା ଏବଂ ପେନସନ ବୃଦ୍ଧି ଗଣନା କରାଯିବ।

## ଦିନକୁ ୧୦ ଘଣ୍ଟା...

ନିୟୋଜିତ କରାଯାଇପାରିବ। ସେହିପରି ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଯୋଜନାରେ ଗ୍ରାମ ପଞ୍ଚାୟତସ୍ତରରେ ଆଦର୍ଶ ବିଦ୍ୟାଳୟର ବିକାଶ ପାଇଁ ପ୍ରସ୍ତାବକୁ ସୋମବାର ରାଜ୍ୟ କ୍ୟାବିନେଟରେ ଅନୁମୋଦନ ମିଳିଛି। ଏହି ଯୋଜନା ଅଧିନରେ ଆସନ୍ତା ତିନି ବର୍ଷ (୨୦୨୫-୨୬ ରୁ ୨୦୨୭-୨୮ ) ମଧ୍ୟରେ ପ୍ରଥମ ପର୍ଯ୍ୟାୟରେ ୨୨୦୦ ଗୋଟି ମଡେଲ ସ୍କୁଲ ନିର୍ମାଣ ହେବ। ଏଥିପାଇଁ ମୋଟ୧୨,୦୦୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ତେବେ ପ୍ରତ୍ୟେକ ସ୍କୁଲ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଆଧାରରେ ପ୍ରକୃତ ଖର୍ଚ୍ଚ ନିର୍ଣ୍ଣୟ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେହିପରି କେନ୍ଦୁଝରର ଘଟଗାଁ ଠାରେ ଥିବା ମା ତାରିଣୀ ମନ୍ଦିର ପରିସରର ପାରିପାଶ୍ୱିକ ବିକାଶ ଉପରେ ଓଡ଼ିଶା ସରକାର ଗୁରୁତ୍ୱାରୋପ କରିଛନ୍ତି। ରାଜ୍ୟ କ୍ୟାବିନେଟ୍ ଏଥିପାଇଁ ୧୪୬ କୋଟି ଟଙ୍କା ମୂଲ୍ୟର ସର୍ବନିମ୍ନ ଟେଣ୍ଡର (ଜିଏସ୍‌ଟିକୁ ବାଦ୍ ଦେଇ) ମେସର୍ସ ଦିଲ୍ଲୀପ କନଷ୍ଟ୍ରକସନ ପ୍ରାଇଭେଟ୍ ଲିମିଟେଡ୍ ସପକ୍ଷରେ ଅନୁମୋଦନ କରିଛନ୍ତି। ୫୯.୨୦୬ ଏକର ପରିମିତ ଅଞ୍ଚଳରେ ଏହି ବିକାଶ କାର୍ଯ୍ୟ ୨୪ ମାସ ଭିତରେ ସଂମ୍ପୂର୍ଣ୍ଣ କରିବାକୁ ଧାର୍ଯ୍ୟ କରାଯାଇଛି। ଏହି ବିକାଶ କାର୍ଯ୍ୟ ପାଇଁ ସମୁଦାୟ ୨୨୬ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

## ଆଜି ସୃଷ୍ଟିହେବ...

ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ମୟୂରଭଞ୍ଜ ଓ କେନ୍ଦୁଝରରେ ମଧ୍ୟ ବର୍ଷା ଆଶଙ୍କା ରହିଛି। ଦୁର୍ଗାପୂଜା ପାଇଁ ସାରା ରାଜ୍ୟ ବର୍ତ୍ତମାନ ଉତ୍ସବମୁଖର ହୋଇପଡ଼ିଥିବା ବେଳେ କଟକ-ଭୁବନେଶ୍ୱରରେ ପୂଜା ପାଇଁ ବ୍ୟାପକ ଆୟୋଜନ ହୋଇଛି। ମାତ୍ର ନବମୀ ଓ ଦଶମୀରେ ବର୍ଷା ଆଶଙ୍କା ରହିଥିବାରୁ ଏଥର ପୂଜା ପ୍ରଭାବିତ ହେବା ନେଇ ଯଥେଷ୍ଟ ଆଶଙ୍କା ରହିଛି। ଲଘୁଚାପ ଯୋଗୁଁ ବଡ଼ବର୍ଷା ନହେଲେ ମଧ୍ୟ ଝିପିଝିପି ବର୍ଷା ଲାଗି ରହିଲେ ବି ପୂଜା ବୁଲାରେ ସମସ୍ୟା ଉପୁଜିବ।ଅନ୍ୟପଟେ, ସମ୍ଭାବ୍ୟ ଲଘୁଚାପ ଯୋଗୁଁ ସମୁଦ୍ର ମଧ୍ୟରେ ୩୫ରୁ ୪୫କିମି ବେଗରେ ପବନ ବହିବ। ଏହାର ଝଟ୍‌କା ପବନ ୫୫ କିମି ଛୁଇଁବ। ତେଣୁ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ସତର୍କ ସୂଚନା ଦିଆଯାଇଛି। ଲଘୁଚାପକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ମଧ୍ୟ ସତର୍କ ରହିବାକୁ ଏସ୍ଆରସିଙ୍କ କାର୍ଯ୍ୟାଳୟରୁ ପରାମର୍ଶ ଦିଆଯାଇଛି।

## ଶିରୀଶ ମୁର୍ମୁ...

ଡିଗ୍ରୀ ହାସଲ କରିଥିଲେ। ୧୯୯୧ ମସିହାରେ ରିଜର୍ଭ ବ୍ୟାଙ୍କରେ ନିଜର ଚାକିରି ଜୀବନ ଆରମ୍ଭ କରିଥିବା ଶିରୀଶଚନ୍ଦ୍ର ମୁର୍ମୁ ବର୍ତ୍ତମାନ ରିଜର୍ଭ ବ୍ୟାଙ୍କରେ ଏକଜିକ୍ୟୁଟିଭ୍ ଡାଇରେକ୍ଟର ଭାବରେ କାର୍ଯ୍ୟରତ। ସଂପ୍ରତି ଆର୍‌ବିଆଇରେ ଡେପୁଟୀ ଗଭର୍ଣ୍ଣର ଭାବେ ନାଗେଶ୍ୱର ରାଓ, ଟି. ରବିଶଙ୍କର, ସ୍ୱାମୀନାଥନ ଜେ. ଏବଂ ପୁନମ୍ ଗୁପ୍ତା କାର୍ଯ୍ୟରତ। ବେତନଟୀର ବିଶିଷ୍ଟ ଅର୍ଥନୀତୀଜ୍ଞ ଦୀପକ ମିଶ୍ରଙ୍କ ଧର୍ମପତ୍ନୀ ପୁନମ ଗୁପ୍ତା ଚଳିତବର୍ଷ ରିଜର୍ଭ ବ୍ୟାଙ୍କର ଡେପୁଟୀ ଗଭର୍ଣ୍ଣର ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ଶିରୀଶ ଆସନ୍ତା ୯ ତାରିଖରେ ଡେପୁଟୀ ଗଭର୍ଣ୍ଣର ଭାବେ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି। ମୟୂରଭଞ୍ଜ ଜିଲ୍ଲା ବେତନଟୀର ଦୁଇଦୁଇ ଜଣ ବିଶିଷ୍ଟ ବ୍ୟକ୍ତିବିଶେଷ ରିଜର୍ଭ ବ୍ୟାଙ୍କର ଡେପୁଟୀ ଗଭର୍ଣ୍ଣର ଭଳି ମର୍ଯ୍ୟାଦାଜନକ ପଦବୀରେ ଅବସ୍ଥାପିତ ହେବା ସମଗ୍ର ଓଡ଼ିଶା ଏବଂ ମୟୂରଭଞ୍ଜ ପାଇଁ ଗର୍ବ ଏବଂ ଗୌରବ ଆଣିଦେଇଛି।

# ବାଇକ୍‌କୁ ପିଟିଲା କାର୍: ଦୁଇ ଭାଇ ମୃତ

ଆଳି, ୨୯।୯(ସମିସ): କଟକ-ଚାନ୍ଦବାଲି ରାସ୍ତାର ଗୋପୀନାଥପୁର ଶାସନ ଛକରେ ଆଜି ଏକ ଦୁଃଖଦ ଘଟଣା ଘଟିଛି। ଏକ କାର୍ ଓ ବାଇକ୍ ମଧ୍ୟରେ ଧକ୍କା ହେବାରୁ ଦୁଇ ଭାଇଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ପଟ୍ଟାମୁଣ୍ଡାଇ ଅରଡ଼ପଲ୍ଲୀ ଗ୍ରାମର ନରେନ୍ଦ୍ର ଦାସ (୨୬) ଓ ଅଜିତ ନାୟକ (୩୬)। ସୂଚନା ମୁତାବକ, ରାଜକନିକା ଥାନା ବରାଡ଼ିଆ ପଞ୍ଚାୟତ ଶିକୁଡି



ଗ୍ରାମର ହରିଶ୍ଚନ୍ଦ୍ର ରାଉତ (୬୭) ଓ ତାଙ୍କ ପତ୍ନୀ ଶାନ୍ତିଲତା ରାଉତ (୫୨) କାର୍‌ରେ କଟକରୁ ଫେରୁଥିଲେ। ଗୋପୀନାଥପୁର ଛକ ନିକଟରେ ଆଳି ପଟୁ ବାଇକ୍‌ରେ ଆସୁଥିବା ଦୁଇ ଭାଇ ନରେନ୍ଦ୍ର ଓ ଅଜିତଙ୍କୁ କାର୍‌ଟି ଧକ୍କା ଦେଇଥିଲା। ଏଥିରେ ସମସ୍ତେ ଆହତ ହୋଇଥିଲେ। ଅଗ୍ନିଶମବାହିନୀ ଘଟଣାସ୍ଥଳରୁ ସମସ୍ତଙ୍କୁ ଉଦ୍ଧାର କରି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। କିନ୍ତୁ ଡାକ୍ତର ସେଠାରେ ନରେନ୍ଦ୍ର ଓ ଅଜିତଙ୍କୁ ମୃତ ଘୋଷଣା କରିଥିଲେ। ହରିଶ୍ଚନ୍ଦ୍ର ଓ ଶାନ୍ତିଲତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ୧୯୩ଟି ମଣ୍ଡପରେ ଜଗିବେ ୬୧ ପ୍ଲାଟୁନ୍ ଫୋର୍ସ

ଭୁବନେଶ୍ୱର, ୨୯।୯(ସମିସ): ଦୁର୍ଗାପୂଜା ପାଇଁ କମିସନରେଟ୍ ପୁଲିସ୍ ପକ୍ଷରୁ ରାଜଧାନୀରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ପୂରା ସହରରେ ୧୯୩ଟି ମଣ୍ଡପରେ ମା' ମହାମାୟୀ ବିରାଜିଥିବା ବେଳେ ଆଇନଶୃଙ୍ଖଳା ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ୩ଜଣ ଡିସିପି ରାଙ୍କ ଅଫିସର୍‌ଙ୍କୁ ଗୁରୁଦାୟିତ୍ୱ ଦିଆଯାଇଛି। ସେମାନଙ୍କ ଅଧୀନରେ ୬୧ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ। ଏହା ଭିତରେ ୩ ପ୍ଲାଟୁନ କେନ୍ଦ୍ରୀୟ ସଶସ୍ତ୍ର ବଳ ରହିଛନ୍ତି। ରାଜଧାନୀର ୨୪ଟି ମଣ୍ଡପରେ ମା'ଙ୍କ ମୂର୍ତ୍ତିରେ ସୁନା ଓ ରୁପା ଅଳଙ୍କାର ବ୍ୟବହାର ହୋଇଥିବାରୁ ସେଠାରେ ସୁରକ୍ଷା ବ୍ୟବସ୍ଥାକୁ ବ୍ୟାପକ କରାଯାଇଛି। ସେହିପରି କମିସନରେଟ ପୁଲିସର 'ହର୍' ଟିମ ମହିଳାଙ୍କ ସୁରକ୍ଷା ଦିଗରେ ନିୟୋଜିତ ହୋଇଛନ୍ତି। ମୋବାଇଲ ପାଟ୍ରୋଲିଂ ବ୍ୟାପକ ହୋଇଛି। ଷ୍ଟ୍ରାଇକିଂ ଫୋର୍ସ, ସ୍ପେଶାଲ ଟାକ୍ଟିକାଲ ୟୁନିଟ, ବମ୍ ଡିସ୍ପୋଜାଲ ସ୍କ୍ୱାଡ୍ ମଧ୍ୟ ମୁତୟନ ହୋଇଛନ୍ତି। ରାଜଧାନୀବାସୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ଯାଇ ଏଭଳି ବ୍ୟବସ୍ଥା ହୋଇଥିବା କହିଛନ୍ତି ପୁଲିସ କମିସନର୍। ପୂଜାରେ ପ୍ରବଳ ଭିଡ଼ ହେଉଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଲୋକେ ବୁଲାବୁଲି କରୁଛନ୍ତି। ଭିଡ଼ ପରିଚାଳନା କରିବାକୁ ଫୋର୍ସ ମୁତୟନ ହୋଇଥିବା କହିଛନ୍ତି ପୁଲିସ କମିସନର୍।

**AFFIDAVIT**

I, NAKAFODI OJHA AT/PO- INDIPUR, PS-SADAR, DHENKANAL-759025, ODISHA DECLARE BY THIS AFFIDAVIT NO- 1852, DATE- 24. 09.2025. THAT NOW ONWARDS, I SHALL BE KNOWN AS **NAKAPHODI OJHA** FOR ALL FUTURE PURPOSES.

**Antares Systems Ltd.**
Ph:080-45982100/033-46046611
e-mail: esale@etenderwizard.com
Tender Wizard

e-Auction for disposal of Burnt Oil, Old, Used & Unserviceable Items of Mahanadi Coalfields Limited, Sambalpur. Website: www.tenderwizard.com/ESALE.

Auction No's
1) ASL/MCL/DISPOSAL/25-26/05 Auction Date: 08-10-2025
2) ASL/MCL/DISPOSAL/ 25-26/06 Auction Date: 09-10-2025
3) ASL/MCL/DISPOSAL/ 25-26/07 Auction Date: 09-10-2025
4) ASL/MCL/DISPOSAL/25-26/08 Auction Date: 10-10-2025

For further information, contact Helpdesk at the above address. Refer Sale notice for further details.

**AFFIDAVIT**

By virtue of an affidavit CF No.121, dtd.25.09.2025 before the Executive Magistrate, Bhubaneswar, I, Ranjeeta Sahoo, W/o- Chitta Ranjan Sahoo, resident of Bhubaneswar, declare that in my daughter Bishnupriya Sahoo's school records my name has been wrongly mentioned as Ranjita Sahoo instead of Ranjeeta Sahoo. Both names refer to the same person i.e., myself. Hence, my correct name is **Ranjeeta Sahoo** for all future purposes.
Sd/-Ranjeeta Sahoo

**AFFIDAVIT**

I, Prasant Kumar Samantaray S/o -Benudhar Samantaray, Resident of Village -PDN Horizon, Flat No-107, PO/PS - Khandagiri, Dist - Khurdha, Odisha, declare by this affidavit No.26 dtd 13.08.2025 that now onwards I shall be known as **PRASANTA KUMAR SAMANTARAY** for all future purposes.

**AFFIDAVIT**

By an affidavit Before the Notary, Cuttack on Dt.29.09.2025 I, **Tapan Kumar Maulik,** S/o.: Late Birendra Nath Maulik, aged about 56 years, At: Netaji Nagar, PO.: Tulsipur, Dist.: Cuttack-753008 declare that in my actual name is Tapan Kumar Maulik which has been written in my aadhar card but my name which has been written in my Passport bearing No.: N0330673 as Tapan Maulik. Tapan Kumar Maulik and Tapan Maulik is one and same person. I shall be known as **Tapan Kumar Maulik** for all future purposes. That the facts stated above are true to the best of my knowledge and belief.

**AFFIDAVIT**

By virtue of an affidavit before the Executive Magistrate, Bhubaneswar, I, PRABHA VATI SHARMA, D/O- Rampukar Sharma, W/O- Shiv Shakti Sharma, resident of At- Plot No. 64/1631, Shree Kshetra Nagar, Kesura, PO- Bankual, PS-Saheednagar, Bhubaneswar, Dist.- Khordha, Odisha, Pin-751002, declare by this affidavit No.15AA274132 dated 22.09.2025 that now onwards I shall be known as **PRABHAWATI SHARMA** for all future purposes.

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 25.09.2025, I Dalimbo Bhatra, W/o- Late. Padman Bhatra, Vill.- Sindhiguda, Po.- Sindhiguda, Ps.- Nabarangpur, Dist.- Nabarangpur, Odisha, Pin - 764063, declare that I have changed the name of my Daughter from **BINATI BHATRA** to **JAMUNA BHATRA**. Henceforth, she shall be known as **JAMUNA BHATRA** for all purposes.
Sd/- Dalimbo Bhatra

**AFFIDAVIT**

By virtue of an affidavit sworn before the Sub-Divisional Magistrate/Assistant Collector/ Sub Collector, Nabarangpur, dated. 26.09.2025, I Namita Mohanty, W/o- Patnala Danteswar Achary, at- Hanuman Nagar, Back side Ram Mandir Nabarangpur, Post/Ps./Dist.- Nabarangpur, declare that, I have changed the name of my daughter from **P.Kiran Mohi** to **Patanala Kiran Mahi Achary**. Henceforth, she shall be known as **Patanala Kiran Mahi Achary** for all purposes.
Sd/- Dalimbo Bhatra

**AFFIDAVIT**

I, Pritendu Satapathy, S/o- Lingaraj Satapathy, resident of At-Achyutapur, Po-Garhrupas,Ps-Konark, Dist- Puri, Pin- 752111, Odisha declared by this affidavit No.795, dtd-29/09/2025 that now onwards I shall be known as **PRITINDU SATAPATHY** for all future purposes.

**IN THE COURT OF SRI S.K.DEO, ESTATE OFFICER UNDER THE PUBLIC PREMISES (EVICTION OF UNAUTHORISED OCCUPANTS) ACT, 1971, TOWN SERVICES BUILDING, SECTOR-2, ROURKELA-6.**
**P.P.Case No-300001/2020**

**FORM C**

**Notice under sub-section (1) of Section 6 of the Public Premises (Eviction of Unauthorised Occupants) Act, 1971**

Steel Authority of India Limited,
Rourkela Steel Plant,
Rourkela. ....................Applicant Company

-Vrs-

The General Secretary,
Adarsha Pathagara (Bhanja Bhawan),
Sector 5, P.S. Sector 7, P.O. Rourkela – 2,
Dist.: Sundargarh. ....................Opp. party

Whereas on 12.09.2025 you were evicted from the public premises described in the Schedule below which was unauthorisedly occupied by you;

Now further to the notice dated 15.09.2025, and in exercise of the powers conferred on me by sub-section (1) of Section 6 of the Act, I hereby give you notice that after fourteen days of publication of this notice in this newspaper, the property (materials) remaining on the said premises will be liable to be removed or disposed of by public auction or to be acquired by the Applicant Company to realize arrears of rent/damages/costs due from the Opp. Party. In case you desire to take possession of your property (materials) and to remove the same from the said premises, you will be permitted to do so on written authority from the undersigned provided the arrears of rent/damages/costs due from you are paid within the said period of fourteen days. The detailed seizure list has been sent to you by speed post to your last known postal address. Nevertheless, if you desire, you can collect the seizure list as well as arrears of rent/damages/costs due from you from office of the undersigned within the stipulated period.

**Schedule**

In the District of Sundargarh, Sub Division and Munsif: Panposh at Uditnagar in the Industrial Township of Adarsha Pathagara(Bhanja Bhawan), Sector-5, P.S. Sector-7, P.O. Rourkela-2, Dist.: Sundargarh with fittings and fixtures and along with electrical installations.

Date: 27.09.2025

Sd/- Signature and seal of the Estate Officer

Phone No. (06854) 241159 / 232714
Email: ceo@koraputccb.com

**KORAPUT CENTRAL CO-OPERATIVE BANK LTD.,**
HEAD OFFICE: N.K.T. ROAD, JEYPORE – 764003: DIST: KORAPUT (ODISHA)

Letter No. 2409/P&S/2025-26 Date 24.09.2025

**QUOTATION CALL NOTICE**

Sealed quotations are invited from the intending registered firm for making a Glow sign board for branch banks of the Koraput Central Cooperative Bank Ltd., Jeypore along with supported valid GST & PAN are requested to submit their sealed quotations before the undersigned on or before **Dt.04.10.2025** by **5.30 P.M** latest as per following specification along with 2% security deposit of quotation value in favour of Secretary, Koraput Central Cooperative Bank Ltd., Jeypore at the time of submission of tender. The sealed tender notice should be highlighted as a Glow sign board on envelop.

The tender will be opened on Dtd. **06.10.2025** at **11.30 A.M** in presence of the authorized representative and if no agency or their representative shall remain present at the time of opening of quotations then the same shall be opened by the Purchase Committee members.

| Sl. No. | Particulars | Qty. required approximately | Proposed installation Site/Places in the KCCB Ltd., Branch & ATMs |
|---|---|---|---|
| 1. | Glow Sign Board: Fixing Acrylic LED 3D Letters with 48mm Thickness On ACP Background with Frame (Odiya letters with the KCC Bank logo) along with standard Led lights fitting charges. Glow sign Board size approximately: 10" feet Length x 4 feet width" Note: The above size may vary from branch to branch. | 23 Nos. of Branches & 1 No. at Head Office | KCCB Ltd., H.O, Main, Mahila, Bazar, Sadar, Borigumma, Koraput, Semiliguda, Nandapur, Laxmipur, Narayanapatna Nabarangpur, Papadahandi, Kosagumuda, Umerkote, Malkangiri, Mathili, M.V 79 Branch at Kalimela, Balimela, Rayagada, Tikiri, Muniguda, Gunupur & Padmapur Branch bank. |
| | | 9 Nos. of ATM | KCCB Ltd., Main, Borigumma, Koraput, Semiliguda, Laxmipur, Nabarangpur, Mathili, Gunupur & Padmapur ATMs |

The above items should be quoted including GST, Transportation, Delivery/Supply at the above Branch Bank & ATMs of the Koraput Central Cooperative Bank Ltd., Jeypore (within undivided Koraput District) including installation charges. The quotation received incomplete or after the scheduled date shall be rejected and will not be entertained by the Bank.

The short list shall be made basing upon the rates offered by the firms/agencies. The authority reserves the right to reject all or any quotations without assigning any reason thereof. Taxes will be deducted as applicable at the time of payment of Bill amount.

For any queries, please contact to Sri Jaya Pradeep Patnaik, Manager, P&S, KCC Bank Ltd., Head Office, Jeypore. Mobile No.: 9777519964.

Secretary,
Koraput Central Cooperative Bank Ltd.,
Jeypore.

# ମହାସପ୍ତମୀ ପୂଜାରେ ଦର୍ଶନ ଦେଲେ ଜଗତ୍ ଜନନୀ ମାଁ ଦୁର୍ଗା

ରିଆମାଳ,୨୯।୯(ସମିସ):



ରିଆମାଳ ଶାରଦୀୟ ଦୁର୍ଗାପୂଜା ମଣ୍ଡପରେ ସୋମବାର ଜଗତ୍ ଜନନୀ ମାଁ ଦୁର୍ଗା ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ଏହି ଅବସରରେ ମହାସପ୍ତମୀ ପୂଜା ଓ ଭାଇ ଜିଉନ୍ତିଆ ପୂଜା ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ୭୫ ବର୍ଷ ପାଳନ ଅବସରରେ ପ୍ଲାଟିନମ ଜୁବୁଲି ପାଳନ କରୁଥିବା ବେଳେ ପୂଜା ମଣ୍ଡପରେ ପୂଜକ ଚନ୍ଦ୍ରମଣି ଶତପଥୀ ମାଁଙ୍କ ପୂଜା ବିଧି ଅନୁଯାୟୀ ପରିଚାଳନା କରୁଛନ୍ତି। ପ୍ରଥମେ ମାଁଙ୍କ ଚକ୍ଷୁ ଦାନ କରାଯାଇ ଥିଲା। ତତ୍ ପରେ ହୋମ ଆରମ୍ଭ ହୋଇଥିଲା। ସହଯୋଗୀ ପୂଜକ ଧ୍ରୁବେଇଧର ନନ୍ଦ, କର୍ତ୍ତା ଭାବେ ସଦାନନ୍ଦ ସାହୁ ହୋମ କାର୍ଯ୍ୟ ନିର୍ବାହ କରୁଛନ୍ତି। ସପ୍ତମୀ ପୂଜା ପରେ ଭାଇ ଜିଉନ୍ତିଆ ପୂଜା ହୋଇଥିଲା। ଅଞ୍ଚଳର ବହୁ ଭଉଣୀ ମଣ୍ଡପରେ ଭାଇର ଶୁଭ ମନାସୀ ରଖିଥିବା ମାନସିକ ପୂରଣ ପାଇଁ ପୂଜା କରିଥିଲେ। ସେହିପରି ପୂଜା ମଣ୍ଡପ ନିକଟରେ ମନ ମୋହୁଛି କଳାକୁଞ୍ଜ। ଏଥିରେ କୋଟି ଓଡ଼ିଆଙ୍କ ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର, ଦେବୀ ମା ସୁଭଦ୍ରାଙ୍କ ମୂର୍ତ୍ତି ରହିଛି। ପୁଣି ପ୍ରଭୁ ଶ୍ରୀରାମଚନ୍ଦ୍ର, ପ୍ରଭୁ କୃଷ୍ଣଙ୍କ ଲହୁଣି ଚୋରି ଓ ମାତା ଯଶୋଦାଙ୍କ ତାଗିଦ, ପ୍ରଭୁରାମ ଚନ୍ଦ୍ରଙ୍କ ବାଲୁକା ଶିବଲିଙ୍ଗ ପୂଜାର ମୂର୍ତ୍ତି ପୂଜା ମଣ୍ଡପର ଆକର୍ଷଣ ସାଜିଛି। କମିଟି ସଭାପତି ପ୍ରମୋଦ ନନ୍ଦ, ସମ୍ପାଦକ ନାରାୟଣ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଏବଂ ସଦସ୍ୟ ମାନଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହେଉଛି।

ସେହିପରି ରାବଣର ରାଜଦରବାରେ ଆଜି ରାବଣଙ୍କ ଦିଗବିଜୟ ହୋଇଛି। ଏଥିସହ ପାତ୍ରମନ୍ତ୍ରୀଙ୍କ ସହ ଆଲୋଚନା, ସୀତା ସ୍ୱୟମ୍ବର, ପର୍ଶୁରାମଙ୍କ ଗର୍ବ ଗଞ୍ଜନ ଆଦି ଦୃଶ୍ୟ ନିଖୁଣ ଭାବେ ଏହି ଖୋଲା ରଙ୍ଗମଞ୍ଚରେ ପ୍ରଦର୍ଶିତ ହୋଇଯାଇଛି। ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିଥିବା ଭୁବନେଶ୍ୱର ପ୍ରଧାନ ରାବଣ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ତାଙ୍କ ସହ ଅନ୍ୟ କଳାକାର ମାନେ ମଧ୍ୟ ନିଜର ନିଖୁଣ ଅଭିନୟରେ ଦର୍ଶକଙ୍କୁ ବାନ୍ଧି ରଖିଛନ୍ତି। ମହାମନ୍ତ୍ରୀ ଭୂମିକାରେ ରବିନ୍ଦ୍ର ଭୋଇ, ସେନାପତି ଭାବେ ଅନିଲ ପଟେଲ, ଘାସିରାମ ତାଣ୍ଡିଆ ଓ ଦିଲେଶ କୁମ୍ଭାର, ବିରବାହୁ ଭାବେ ଜଗବନ୍ଧୁ ମହାଲିଙ୍ଗ, ଡଗର ହରିହର ଭୋଇ, ଶ୍ରୀରାମ ରୂପେ ଜଗନ୍ନାଥ ସାହୁ, ଲକ୍ଷ୍ମଣ ଭୂମିକାରେ ସାଗର ସାହୁ, ମାଁ ସୀତା ଭାବେ ରାକ୍ଷୀ ସିଂ, ଜନକରାଜା ନାରାୟଣ ମାଝୀ, ମନ୍ତ୍ରୀ ଭୋଳାନାଥ ପ୍ରଧାନ, ପର୍ଶୁରାମ ଚରିତ୍ରରେ ପବିତ୍ର ମାଝୀ, ବିଶ୍ୱାମିତ୍ର ଚରିତ୍ରରେ ଗଙ୍ଗାଧର ସାହୁ ପ୍ରମୁଖ ବରଗଡ଼ ଧନୁଯାତ୍ରାର କଳାକାର ଦର୍ଶକଙ୍କୁ ନିଜର ଅଭିନୟରେ ବିମୋହିତ କରୁଛନ୍ତି। ପୂଜାରେ ରାବଣ ଦରବାର ଏକ ମୁଖ୍ୟ ଆକର୍ଷଣ ହୋଇଥିବା ବେଳେ ବହୁ ଦର୍ଶକଙ୍କ ଜନସମାଗମ ହେଉଛି।

# ସମ୍ପୂର୍ଣ୍ଣ ବୈଦିକ ରୀତିନୀତିରେ ହେବ ମାଁଙ୍କ ପୂଜା

**କୋଲାବିରା,୨୯।୯(ସମିସ):** ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ୍ ଅଧୀନ ସମାସିଂହା ଠାରେ ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ଶାରଦୀୟ ଦୁର୍ଗାପୂଜା ୪୪ ବର୍ଷରେ ପହଞ୍ଚିଛି। ଚଳିତ ବର୍ଷ ନିଆରା ଢଙ୍ଗରେ ଉତ୍ସବ ପାଳନ ପାଳନ କରାଯିବାକୁ କମିଟି ନିଷ୍ପତ୍ତି ନେଇଛି। ଅନ୍ୟ ବର୍ଷ ମାନଙ୍କ ପରି ଅତ୍ୟାଧୁନିକ ନାଚଗୀତର କାର୍ଯ୍ୟକ୍ରମ ନ କରି ଭକ୍ତିପୂର୍ଣ୍ଣ ପରିବେଶରେ ଶାନ୍ତି ଶୃଙ୍ଖଳା ସହିତ ପୂଜା ପାଳନ କରାଯିବାକୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଏହି ବର୍ଷ ଆଧ୍ୟାତ୍ମିକତା ଓ ଭକ୍ତି ଭାବରେ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ସମ୍ପୂର୍ଣ୍ଣ ବୈଦିକ ରୀତିନୀତି ଅନୁଯାୟୀ ମାଁଙ୍କ ପୂଜାବିଧି କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ପର୍ଯ୍ୟାୟକ୍ରମେ ମାଁଙ୍କ ମଙ୍ଗଳ ଆଳତି, ମହାସ୍ନାନ, ପୀଠ ପୂଜା, ପାଶ୍ୱର୍ ଦେବଦେବୀ, ମୁଖ୍ୟ ଦେବୀ, ଷୋଡଶ ଉପଚାର ପୂଜା, ଚଣ୍ଡିପାଠ, ହୋମ, ମହା ଆଳତି, ଶୟନ ଆଳତି, ସନ୍ଧିପୂଜା, ଚଣ୍ଡିହୋମ, ଅପରାଜିତା ପୂଜା, ବଳି ପୂଜାବିଧି ହେବ। ଆଚାର୍ଯ୍ୟ କ୍ଷୀରୋଦ ଚନ୍ଦ୍ର ପୂଜାରୀ ମାଁଙ୍କ ପୂଜାବିଧି କାର୍ଯ୍ୟ ସମ୍ପାଦନା କରିବେ। ତାଙ୍କର ଦୁଇ ସହଯୋଗୀ ଆଶିଷ ପୂଜାରୀ ଓ ଅଙ୍କୁଶ ପାଣିଗ୍ରାହୀ ସହାୟତା କରିବେ। ବିଭିନ୍ନ ସ୍କୁଲ କଲେଜ, ମହାବିଦ୍ୟାଳୟ ବିଭିନ୍ନ କ୍ଲବ୍ ଓ ଗୋଷ୍ଠୀ ମାନଙ୍କ ସାମାଜିକ ଅଧ୍ୟାତ୍ମିକ ଦେଶ ଓ ମାତୃ ବନ୍ଦନା, ଓଡ଼ିଶୀ, ଦଶାବତାର, ଲୋକ ସଂସ୍କୃତି, ଲୋକଗୀତ, ପାରମ୍ପରିକ ନୃତ୍ୟଗୀତ, ସାମାଜିକ ବାର୍ତ୍ତା ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମକୁ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ପଞ୍ଚାୟତିରାଜ ଓ ପାନୀୟ ଜଳ



ମନ୍ତ୍ରୀ ରବିନାରାୟଣ ନାଏକ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ପୂର୍ବତନ ବିଧାୟିକା ଦିପାଳୀ ଦାସ, ବ୍ରଜରାଜନଗର ପୂର୍ବତନ ବିଧାୟିକା ଅଲକା ମହାନ୍ତି, ଯୁବନେତା ଦୁର୍ଗେଶ ମହାନ୍ତିଙ୍କ ଭଳି ବହୁ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ନିମନ୍ତ୍ରଣ କରାଯାଇଛି। ଚଳିତ ବର୍ଷ ଢାଞ୍ଚାରେ ପରିବର୍ତ୍ତନ ହୋଇଥିଲେ ମଧ୍ୟ ପୂର୍ବବର୍ଷ ମାନଙ୍କ ପରି ଦଶମୀ ତିଥିରେ ରାବଣପୋଡି କରାଯିବ। ଅନ୍ୟାନ୍ୟ କାର୍ଯ୍ୟକ୍ରମ ବିଷୟରେ ସଭାପତି ରିତେଶ ସାହୁ, ସମ୍ପାଦକ ଆଶିଷ ନାଏକ, ବଳରାମ ପରୁଆ, ସଦାନନ୍ଦ କିଶାନ, ଭୁବନ ପାଣ୍ଡେ, ଗୌର ଚନ୍ଦ୍ର ପଣ୍ଡା ପ୍ରମୁଖ ସୂଚନା ଦେଇଛନ୍ତି। ଚଳିତ ବର୍ଷ ପୂଜା କାର୍ଯ୍ୟରେ କର୍ତ୍ତା ଭାବେ ଗାଁର ବିଜୟ ନାଏକ ଓ ତାଙ୍କ ଧର୍ମପତ୍ନୀ ନନ୍ଦିତା ନାଏକ କାର୍ଯ୍ୟଭାର ତୁଲାଉଛନ୍ତି। ପ୍ରଗତୀ ସଂଘର ସଭାପତି ମନୋଜ କାଲୋ, ସମ୍ପାଦକ ପ୍ରକାଶ ସାହୁ, ଯୋଗେଶ୍ୱର ସେନାପତି ଭୀଷ୍ମଦେବ ପଟେଲ, ରଞ୍ଜିତ ପଟେଲ, ସୁରେଶ ସାହୁ, ଅଜିତ ସେନାପତି, ଓଁକାରମଲ ସାହୁ, ପ୍ରକାଶ ସାହୁ, ମୋହନ ସାହୁ, ଚୁଡାମଣୀ ବଗାର, ନିଖିଲ ସାହୁ, ଯୁଗେଶ୍ୱର ପଟେଲ, ହିମାଂସୁ ସାହୁ, ମନୋଜ ପଟେଲ, ମାନସ ପଟେଲ, ମୋତିଲାଲ ସାହୁ ପ୍ରମୁଖ ସଦସ୍ୟ କାର୍ଯ୍ୟକ୍ରମ ସୂଚାରୁ ପରିଚାଳନାର ଦାୟିତ୍ୱରେ ରହିଛନ୍ତି।

# ଚଳିତଥର ଧନୁଯାତ୍ରା ପାଇଁ ନଡ଼ିଆ ଫୁଟା

**ଇବଥର୍ମାଲ,୨୯।୯(ସମିସ):** ଝାରସୁଗୁଡ଼ା ଜିଲ୍ଲାରେ ପ୍ରସିଦ୍ଧି ଲାଭ କରିଥିବା ଆଞ୍ଚଳିକ ଧନୁଯାତ୍ରା କମିଟି ବନ୍ଧବାହାଲ ପକ୍ଷରୁ ଚଳିତଥର ଧନୁଯାତ୍ରା କରିବାକୁ କମିଟି ପକ୍ଷରୁ ଅନୁକୂଳ କରାଯାଇଛି। ୧୯ ବର୍ଷରେ ପଦାର୍ପଣ କରିବାକୁ ଥିବା ଧନୁଯାତ୍ରାର ପ୍ରଥମ ବର୍ଷରେ କିଛି ସ୍ଥାନୀୟ ଉଦ୍ୟୋକ୍ତା ଦଶହରା ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ନଡ଼ିଆ ଫଟାଇ ପୂଜାର୍ଚ୍ଚନା



କରି ଧନୁଯାତ୍ରା କରିବାକୁ ସଂକଳ୍ପ ନେଇଥିଲେ। ସେହି ପରମ୍ପରା ଅନୁସାରେ ପ୍ରତ୍ୟେକ ବର୍ଷ ଭଳି ଆଜି ଧନୁଯାତ୍ରା ମଣ୍ଡପରେ ଏକ ସଭା ଡକା ଯାଇଥିଲା। ଧନୁଯାତ୍ରା କମିଟିର ସଭାପତି ବେଣୁଧର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଚଳିତ ଥର ମଧ୍ୟ ଆଞ୍ଚଳିକ ଧନୁଯାତ୍ରା କମିଟି ଆନୁକୂଲ୍ୟରେ ବନ୍ଧବାହାଲରେ ଆଡମ୍ବର ସହକାରେ ଧନୁଯାତ୍ରା କରାଯିବାର ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ପରେ ବିଧି ଅନୁସାରେ ଝାଙ୍କର ଟଙ୍କଧର ନେଟି ମାଁଙ୍କ ଉଦ୍ଦେଶ୍ୟରେ ପୂଜାର୍ଚ୍ଚନା କରିଥିଲେ। ଏଥିରେ ବନ୍ଧବାହାଲ ଜମିଦାର ବଂଶଜ ସଞ୍ଜୟ ସିଂହ ପ୍ରମୁଖ ଦାୟିତ୍ୱ ଗ୍ରହଣ କରି ନଡିଆ ପଠାଇଥିଲେ। ଆଜି ସଭାରେ ବିଶେଷ ଅତିଥିଭାବେ ବନ୍ଧବାହାଲ ଫାଣ୍ଡି ଅଧିକାରୀ ଗଣେଶ କଲେତ ଯୋଗ ଦେଇଥିଲେ। ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ପ୍ରେମାନନ୍ଦ ସାହୁ, ପେଟ୍ରନ ସୌକ ପ୍ରଧାନ, ବିରଞ୍ଚି ପ୍ରଧାନ, ମନୋରଞ୍ଜନ କଣ୍ଟା ତଥା ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ରହି ନିଜ ମତ ପ୍ରଦାନ କରିଥିଲେ।

# ମନ୍ତ୍ରୀଙ୍କ ଗାଡ଼ିକୁ ଧକ୍କା ଦେଇ ୨ ବାଇକ୍ ଆରୋହୀ ଗୁରୁତର

## ■ ଦୁର୍ଘଟଣା ପରେ ମନ୍ତ୍ରୀଙ୍କ ଗାଡ଼ିକୁ ଖସାଇ ଦେଲା ପୁଲିସ

**ଦେବଗଡ଼,୨୯।୯(ସମିସ):** ବଳମ ଗାଁ ସ୍ଥିତ ଜାଗୃତି କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଦୁର୍ଗାପୂଜା ରୌପ୍ୟ ଜୟନ୍ତୀ କାର୍ଯ୍ୟକ୍ରମରେ ସୋମବାର ଯୋଗ ଦେବାକୁ ଆସିଥିବା ପୂର୍ତ୍ତ ବିଭାଗ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ଇନୋଭାକୁ ଦୁଇ ବାଇକ ଆରୋହୀ ଧକ୍କା ଦେଇଛନ୍ତି। ଏଥିରେ ସେମାନେ ଆହତ ହେବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଗୁରୁତର ଯୁବକ ଦ୍ୱୟ ଭାଲୁମୁଣ୍ଡା ଗାଁର ପ୍ରଦୀପ ପଲେଇ ଓ ଦିଗାମ୍ବର ପ୍ରଧାନ ବୋଲି ଜଣାପଡ଼ିଛି। ଅବସ୍ଥା ଶଙ୍କଟାପନ୍ନ ହେବାରୁ ଦିଗାମ୍ବରଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ଆହତ ଯୁବକ ଦ୍ୱୟଙ୍କୁ ପୁଲିସ ଗାଡିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ମନ୍ତ୍ରୀ ଶ୍ରୀ ନାଏକ କାର୍ଯ୍ୟକ୍ରମ



ସ୍ଥଳୀକୁ ଯାଇ ଦୁର୍ଗାପୂଜାରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ କାଣ୍ଟଛାଣ୍ଟ କରି ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ସେଠାରେ ଡାକ୍ତରଙ୍କ ସହ ଆଲୋଚନା କରିବା ସହ ମନ୍ତ୍ରୀ ଯୁବକ ଦ୍ୱୟଙ୍କୁ ଉତ୍ତମ ଚିକିତ୍ସା ଯୋଗାଇବାକୁ ନିର୍ଦ୍ଦେଶ ଦେଇ ଚାଲିଯାଇଥିଲେ। ତେବେ ଦୁର୍ଘଟଣା ପରେ ସମ୍ଭାବ୍ୟ ଉତ୍ତେଜନାକୁ ଆଶଙ୍କା କରି ଉପସ୍ଥିତ ପୁଲିସ ଅଧିକାରୀମାନେ ମନ୍ତ୍ରୀଙ୍କ ଦୁର୍ଘଟଣା ଗ୍ରସ୍ତ ଗାଡିକୁ ସେଠାରୁ ଅନ୍ୟତ୍ର ପଠାଇ ମାମଲାକୁ ଚପାଇ ଦେବାର ଉଦ୍ୟମ କରିଥିବା ଜଣା ପଡିଛି। ଖବର ଲେଖାଯିବା ପର୍ଯ୍ୟନ୍ତ ଦୁର୍ଘଟଣା ସମ୍ପର୍କିତ କୌଣସି ମାମଲା ଥାନାରେ ରୁଜୁ ହୋଇ ନଥିବା ଜଣାପଡିଛି।

# କୁଷ୍ଠାଶ୍ରମରେ ନୂଆଁଖାଇ ଭେଟ୍‌ଘାଟ୍

**ବରଗଡ,୨୯।୯(ସମିସ):** ବିଗତ ୧୮ ବର୍ଷ ଧରି ବରଗଡ଼ ଜିଲ୍ଲା ସାମ୍ବାଦିକ ସଂଘ ନିଜ ବାର୍ଷିକ ଉତ୍ସବକୁ ନୂଆଁଖାଇ ଭେଟଘାଟ ଭାବେ ବିଭିନ୍ନ କୁଷ୍ଠାଶ୍ରମ ଅନ୍ତେବାସୀଙ୍କ ସହ ପାଳନ କରି ଆସୁଛି।



ଚଳିତ ବର୍ଷ ବରଗଡ଼ ଜିରା ନଦୀ କୂଳ ସ୍ଥିତ କୁଷ୍ଠାଶ୍ରମ ଠାରେ ସଂଘ ପକ୍ଷରୁ ଏହି ଅନନ୍ୟ ପର୍ବ ପାଳନ କରାଯାଇଛି। ସାମ୍ବାଦିକ ସଂଘ ପକ୍ଷରୁ ଅବହେଳିତ ବର୍ଗଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଅଭିନବ ପ୍ରୟାସ ହୋଇଛି। ଏହି ଅବସରରେ ଉଲ୍ଲେଖନୀୟ ପ୍ରତିଭା ସମ୍ପନ୍ନଙ୍କୁ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ସଂଘ ସଭାପତି ନାସିର ଖାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମାଜସେବୀ ଏବଂ ଶ୍ରମିକ ନେତା ସରଦାର ପ୍ରୀତମ ସିଂ ମୁଖ୍ୟ ଅତିଥି ଏବଂ ସମାଜସେବୀ ସନାତନ ପ୍ରଧାନ, ସମାଜସେବୀ ଚନ୍ଦ୍ର ଶେଖର ବାଗ, ବରଗଡ଼ର ସୁନାମଧନ୍ୟ ଅସ୍ଥିଶଲ୍ୟ ବିଶେଷଜ୍ଞ ଡ.ଅଶ୍ୱିନୀ ଭୋଇ, ଯୁବ ସମାଜସେବୀ ରିଙ୍କେଶ ମିଶ୍ର, ସାମ୍ବାଦିକ ତୁଳସୀ ଚରଣ ଦାଶ, ଜାତୀୟ ବୃଦ୍ଧ ମହାସଭାର ରାଜ୍ୟ ସଭାପତି ଜଗଦୀଶ ଲୁହା, ଲାୟନ୍ସ କ୍ଲବ୍ ସମ୍ପାଦକ ଅଭୟ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମାଜର ସାମର୍ଥ ବର୍ଗକୁ ଅବହେଳିତ ବର୍ଗ ପାଇଁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ରୋହିଣିଆର ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସୋହେଲାର ସୁଦୟ ନାଏକ, ପାଣିମୋରା ଗାଁର ରମାକାନ୍ତ ପଟେଲ, ବରଗଡ଼ର ବୁଧରାମ ସାହୁ, ବିଜେପୁର ବାଉଁଶପୁଳାର ଯୋଗେଶ୍ୱର ସାହୁ, ସାମ୍ବାଦିକ ଯୋଗେନ୍ଦ୍ର ସାହୁ, କଳାକାର ସୁନ୍ଦରମଣୀ ସାହୁ, ନୃତ୍ୟ ନିର୍ଦ୍ଦେଶିକା ପ୍ରତିମା ସେଠଙ୍କୁ ନିଜ ନିଜ କ୍ଷେତ୍ରରେ ଉତ୍କୃଷ୍ଟ ସେବାକାର୍ଯ୍ୟ ପାଇଁ ସମ୍ମାନଫଳକ ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଏମଡି ନିଜାମ, ଉମାକାନ୍ତ ପାଣିଗ୍ରାହୀ, ଛୋଟେ ପାଣିଗ୍ରାହୀ, ଶୈଳେଶ ଶତପଥୀ, ସରୋଜ ନାୟକ, ଏମଡି ସାଜିଦ, କୃଷ୍ଣ ପଧାନ, ବୁଦ୍ଧଦେବ ପଧାନ, ସମ୍ପଦ କଲେତ, ଖବରକାଗଜ ବିତରକ ସଂଘ ଉପ ସଭାପତି ହରି ମୁଗରୀ, ଯତିରଞ୍ଜନ ପୂଜାରୀ, ମନୋଜ ରାୟ, ଦେବୀ ପ୍ରସାଦ ପଟ୍ଟନାୟକ, ତାନସେନ ସରାଫ, ଲଳିତ ବିଶି, ସନ୍ତୋଷ କର, ମଲ୍ଲେଶରାଓ, ଭୋଗୀରାଜ ରାଉତ, ରିତୁ ପୂଜାରୀ, ପ୍ରତିମା ତ୍ରିପାଠୀ, ମୁକେଶ ଆଚାର୍ଯ୍ୟ, ସୁନୀଲ ଅଗ୍ରୱାଲ, ପ୍ରଣତି ମଲ୍ଲିକ, ଜିତେନ୍ ସାହୁ, ପ୍ରତୀକ୍ଷା ସାହୁ, ଅଲିଭା ବାରିକ, ସୁରେଶ ସାହୁ, ସୁଦାମ ମଲ୍ଲିକ, ଅରୁଣା ପର୍ଡିଆ, କାର୍ତ୍ତିକ ପ୍ରଧାନ, ନିର୍ମଳ ଭୋଇ, ମଣ୍ଟୁ ପ୍ରଧାନ, ଯୋଗେଶ୍ୱର ମେହେର, ଅସିତ ପଟେଲ, ଚିତ୍ରସେନ ବିଶ୍ୱାଲ, ସୁମତି ବାଙ୍କ, କୁଳମଣି ନାଏକ, ମଧୁସୂଦନ ବର୍ଗେ, କୁଳମଣି ବାଗ ପ୍ରମୁଖ ସମ୍ବର୍ଦ୍ଧିତ ହୋଇଥିଲେ। କୁଷ୍ଠାଶ୍ରମ ଅନ୍ତେବାସୀଙ୍କୁ କମ୍ବଳ, ବେଡସିଟ, ଲୁଙ୍ଗି, ସାଢ଼ୀ, ସାୟା, ବ୍ଲାଉଜ, ଗଞ୍ଜି, ଗାମୁଛା ଇତ୍ୟାଦି ବଣ୍ଟନ ସହ ଉପଯୁକ୍ତ ଖାଦ୍ୟ ବ୍ୟବସ୍ଥା କରାଯାଇଥିଲା। ଶେଷରେ ଟି.ଗଣ୍ଡପାଲି, ପାଣିମୋରା, ବହଳବାହାଲର ଶିଶୁ ନୃତ୍ୟ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ ଗୀତ ପରିବେଷଣ କରା ଯାଇଥିଲା। ସଂଘ ସମ୍ପାଦକ ବିପିନ ବିହାରୀ ଦାଶ ସଭା ପରିଚାଳନା କରିଥିବା ବେଳେ ଉପାଧ୍ୟକ୍ଷ ମହମ୍ମଦ ଅସଲମ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଇରାଲ ମିଡିଆ ଗ୍ରୁପ ପକ୍ଷରୁ ଗର୍ବା ଗୁଞ୍ଜ ସିଜନ୍-୨

**ଝାରସୁଗୁଡ଼ା,୨୯।୯(ସମିସ):** ଝାରସୁଗୁଡ଼ା ସହରର ସରବାହାଲ ଅପର୍ଣ୍ଣା ବଗିଚା ଠାରେ ଭାଇରାଲ ମିଡିଆ ଗ୍ରୁପ ପକ୍ଷରୁ ଗର୍ବା ଗୁଞ୍ଜ ସିଜନ୍-୨ ଧୁମ୍‌ଧାମରେ ଅନୁଷ୍ଠିତ ହୋଇଯାଇଛି। ପାର୍ବଣର ପବିତ୍ର ପରିବେଶରେ ମାଁ ଦୁର୍ଗାଙ୍କୁ ସମର୍ପିତ କରି ଗତ ୨୭ ତାରିଖରେ ଗର୍ବା ଗୁଞ୍ଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭାଇରାଲ୍ ମିଡିଆ ଗ୍ରୁପ୍ ପକ୍ଷରୁ ସହରରେ ଦ୍ୱିତୀୟ ଥର ପାଇଁ ଆନନ୍ଦ ଉଲ୍ଲାସରେ ଗର୍ବା ଗୁଞ୍ଜ ସିଜନ୍-୨ ଅନୁଷ୍ଠିତ ହୋଇଥିଲା। ନବରାତ୍ର ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶତାଧିକ ସଂଖ୍ୟାରେ ଜନସାଧାରଣ ଯୋଗ ଦେଇ ଗର୍ବା ନୃତ୍ୟ କରିଥିଲେ। ପାରମ୍ପରିକ ଗର୍ବା ନୃତ୍ୟକରି ଆସୁରିକ ଶକ୍ତି ଉପରେ ମାଁ ଦୁର୍ଗାଙ୍କ ବିଜୟ ଗାଥା ବର୍ଣ୍ଣନା କରାଯାଇଥିଲା। ଏହି ଗର୍ବା



ଗୁଞ୍ଜ କାର୍ଯ୍ୟକ୍ରମ ଭାଇରାଲ୍ ମିଡିଆ ଗ୍ରୁପର ଡାଇରେକ୍ଟର ରବିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଦିପାଳି ଦାସ ଯୋଗ ଦେଇଥିଲେ। ଟେଲିଭିଜନ ଅଭିନେତା ସୌରଭରାଜ୍ ଜୈନ ଏହି ଗର୍ବା ଗୁଞ୍ଜରେ ମୁଖ୍ୟ ଆକର୍ଷକ ସାଜିଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେଇ ସହରବାସୀଙ୍କ ସହିତ ଗର୍ବା ନୃତ୍ୟ କରିଥିଲେ। ଶହ ଶହ ଲୋକ ତାଙ୍କୁ ଦେଖିବା ପାଇଁ କାର୍ଯ୍ୟକ୍ରମରେ ଯୋଗ ଦେଇ ବେଶ୍ ଉତ୍ସାହର ସହିତ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

# ଶବଦାହ ଗୃହରେ କାଠ ବିକ୍ରି ବ୍ୟବସ୍ଥା ଦାବି

**କୋଲାବିରା,୨୯।୯(ସମିସ):** କୋଲାବିରା ବ୍ଲକ୍‌ର ମୁଖ୍ୟାଳୟଠାରେ ଥିବା ନୂତନ ଶବଦାହ ଗୃହ ପରିସରରେ ଏକ କାଠ ଗୋଦାମ ଖୋଲିବା ପାଇଁ ଜନସାଧାରଣରେ ଦାବି ହୋଇଛି। ତେଲେନ ନଦୀ ତୀର୍ଥଘାଟ ଶବ ସତ୍କାର ପାଇଁ ପବିତ୍ର ସ୍ଥଳ ବୋଲି ମାନ୍ୟତା ଅଛି। ତେଣୁ ତେଲେନ ନଦୀ କୂଳରେ ଶବଦାହ କରି ତୀର୍ଥଘାଟରେ ସମର୍ପଣ କରାଯାଇଥାଏ। ଶବଦାହ ଗୃହରେ ଶବ ସତ୍କାର ହେବା ଯୋଗୁଁ ଅଞ୍ଚଳର ସମସ୍ତ ଜନସାଧାରଣ ଉପକୃତ ହୋଇଥାନ୍ତି। ଶବଦାହ ଗୃହର ରକ୍ଷଣାବେକ୍ଷଣ ସହିତ ସମସ୍ତ କାର୍ଯ୍ୟ ସୂଚାରୁରୂପେ ତୁଲାଇବା ପାଇଁ ପଞ୍ଚାୟତର ଦାୟିତ୍ୱ ରହିଛି। ତେବେ ଏଠାରେ ଦାହ ସଂସ୍କାର କରିବା ପାଇଁ କାଠର ଘୋର ଅଭାବ ଦେଖାଦେଉଛି। ଲୋକେ ଏଠୁ ସେଠୁ କାଠ ସଂଗ୍ରହ କରି ଶବଦାହ କରିଥାନ୍ତି। ତେଣୁ ଶବଦାହ ସକାଶେ କାଠର ଅଭାବ ଦୂର କରିବା ନିମନ୍ତେ ଏକ କାଠ ଗୋଦମ କରାଯାଇ ଦାହ ସଂସ୍କାର ପାଇଁ କାଠ ବିକ୍ରିର ବ୍ୟବସ୍ଥା ହେଉ ବୋଲି ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ଇବ୍ ନଦୀରୁ ନିଖୋଜ ମହିଳାଙ୍କ ମୃତଦେହ ଉଦ୍ଧାର

**ଝାରସୁଗୁଡ଼ା,୨୯।୯(ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଅଧୀନ ଓପିଏମ କଲୋନୀ ଜି ଲାଇନ୍‌ରେ ରହୁଥିବା ବିଜୟ ରାଉଳଙ୍କ ନିଖୋଜ ପତ୍ନୀ ରେଣୁକା ରାଉଳ (୪୮)ଙ୍କ ମୃତଦେହକୁ ଇବ ନଦୀର ପେପର ମିଲ ଘାଟ ନିକଟରୁ ଉଦ୍ଧାର କରାଯାଇଛି। ମହିଳା ଜଣକ ଶନିବାର ସକାଳୁ ନିଖୋଜ ଥିବା ନେଇ ବ୍ରଜରାଜନଗର ଥାନାରେ ଏକ ଲିଖିତ ଅଭିଯୋଗ ହୋଇଥିଲା। ରେଣୁକା ନିତ୍ୟକର୍ମ ସାରି ସକାଳ ୭ଟା ସମୟରୁ କେଉଁଆଡେ ଚାଲି ଯାଇଥିଲେ। ପରିବାର ଲୋକେ ବିଭିନ୍ନ ଜାଗାରେ ଖୋଜା ଖୋଜି କରିଥିଲେ ମଧ୍ୟ ସନ୍ଧାନ ପାଇ ନଥିଲେ। ତେବେ ଶନିବାର ସକାଳ ପ୍ରାୟ ୮ଟା ବେଳକୁ କିଛି ପଥଚାରୀ ଜାତୀୟ ରାଜପଥ ବରଘାଟ ନିକଟରେ ଇବ ନଦୀ ଉପରେ ଥିବା ବ୍ରିଜ୍ ଉପରୁ ଜଣେ ମହିଳା ନଦୀକୁ ଡେଇଁ ପଡିବା ନେଇ ୧୧୨ ନମ୍ବରରେ ଜଣାଇଥିଲେ। ଖବର ପାଇ ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଗାନ୍ଧୀ ଛକ ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ଅଗ୍ନିଶମ ଓ ଓଡ୍ରାଫ ଟିମ୍ ପହଞ୍ଚି ଇବ ନଦୀରେ ଖୋଜା ଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇ ନଥିଲେ। ରବିବାର ମଧ୍ୟ ସନ୍ଧାନ କାର୍ଯ୍ୟ ହୋଇଥିଲା। ଶେଷରେ ସନ୍ଧ୍ୟାରେ ମହିଳାଙ୍କ ମୃତଦେହ ଇବ ନଦୀ ପେପର ମିଲ ଘାଟ ନିକଟରେ ଭାସୁଥିବାର ଦେଖି ଓଡ୍ରାଫ ଟିମ୍ ଉଦ୍ଧାର କରିଥିଲେ। ମହିଳାଙ୍କ ମୃତଦେହକୁ ଗାନ୍ଧୀ ଛକ ପୁଲିସକୁ ହସ୍ତାନ୍ତର କରାଯିବା ପରେ ପୁଲିସ ପରିବାର ଲୋକଙ୍କୁ ଜଣାଇଥିଲା। ସୋମବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ନେଇ ଗାନ୍ଧୀ ଛକ ଫାଣ୍ଡି ଅଧିକାରୀ ମଦନ ମୋହନ ନାୟକ ସୂଚନା ଦେଇଛନ୍ତି।

# ଫୁଟବଲ୍ ପ୍ରତିଯୋଗିତାରେ ଗୁଦୁରାପଡା ଚାମ୍ପିଅନ୍



ଦେବଗଡ,୨୯।୯(ସମିସ):

ତିଳେଇବଣି ବ୍ଲକ୍ ଟାଇଁସର ପଞ୍ଚାୟତ କୈଳାଶ ଫୁଟବଲ କମିଟି ପକ୍ଷରୁ ରବିବାର ଠାରୁ ଆରମ୍ଭ ହୋଇଥିବା ୧୮ ତମ ଦ୍ୱିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ୧୬ଟି ଦଳକୁ ନେଇ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ସାହୁ ଏଫସି ଗୁଦୁରାପଡା ଦଳ ଓ ମାଁ ତାରିଣୀ ଏଫସି କଣ୍ଡାପାଲି ଦଳ ମଧ୍ୟରେ ହୋଇଥିଲା। ଏଥିଲେ ଗୁଦୁରାପଡା ଦଳ ଚାମ୍ପିଅନ ହୋଇଛି। ରେଫରୀ ଭାବେ ସୁଜିତ ବାରିକ, ରାଜୀବ ନାଏକ, ତନ୍ମୟ କିଶାନ ଏବଂ ରାଜେଶ ଜୟପୁରୀୟା ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ। ଆୟୋଜକ ଅନୁଷ୍ଠାନର ସଭାପତି ସହଦେବ ସାହୁ ଏବଂ ସମ୍ପାଦକ ସୁବିତ ସାହୁଙ୍କ ତତ୍ତ୍ୱାବଧାନରେ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଦଳକୁ ଟ୍ରଫି ସହିତ ୨୩ ହଜାର ଟଙ୍କା ଏବଂ ଉପବିଜେତା ଦଳକୁ ଟ୍ରଫି ସହିତ ୧୮ ହଜାର ଟଙ୍କା ଅର୍ଥରାଶି ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସଦସ୍ୟ ପ୍ରଶାନ୍ତ ପ୍ରଧାନ ପବିତ୍ର ମୋହନ ବେହେରା ଏବଂ ବାରକୋଟ ବ୍ଲକ୍ ବିଜେଡି ସଭାପତି ହୀରାଲାଲ ସାହୁ ମଞ୍ଚାସୀନ ଥିଲେ। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ଆୟୋଜକ ଅନୁଷ୍ଠାନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ବନ୍ଧବାହାଲ ଶିଶୁ ମନ୍ଦିରରେ ପୂର୍ବ ଛାତ୍ର ସମ୍ମିଳନୀ

**ଇବଥର୍ମାଲ,୨୯।୯(ସମିସ):** ବନ୍ଧବାହାଲ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିକ୍ଷା ବିକାଶ ସମିତି ଓଡ଼ିଶାର ଯୋଜନା ଅନୁଯାୟୀ ପ୍ରଧାନଆଚାର୍ଯ୍ୟ ଅରୁଣ ସାହୁଙ୍କ ଅଧ୍ୟକ୍ଷତାରେ 'ପୂର୍ବ ଛାତ୍ର ସମ୍ମିଳନୀ' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପରିଚାଳନା କମିଟିର ସଦସ୍ୟା ପୁଷ୍ପାଞ୍ଜଳୀ ବାରିକ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟାନ୍ୟ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ କମିଟିର କୋଷାଧ୍ୟକ୍ଷ ଯଶୋବନ୍ତ ପାଲ, ଯୁଗ୍ମ ସମ୍ପାଦକ ଆଦିତ୍ୟ ସିଂଦେଓ, ସଦସ୍ୟା ମଞ୍ଜୁଲତା ଭୂମିଜ, ସୁମିତ୍ରା ଦାସ ଓ ସ୍ଥାନୀୟ ସହ ସମ୍ପାଦକ ଆଦିତ୍ୟ ସିଂଦେଓ ଯୋଗ ଦେଇଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅଜୟ ବିଶ୍ୱାଳ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ସାମାଜିକ ସମରସତା, ପର୍ଯ୍ୟାବରଣ, ସ୍ୱବୋଧ ତଥା ସ୍ୱଦେଶୀ ଅପଣାନ୍ତୁ ଭାରତକୁ ସଶକ୍ତ କରନ୍ତୁ, ନାଗରିକ କର୍ତ୍ତବ୍ୟ ଓ ବିକଶିତ ଭାରତ ନିର୍ମାଣରେ ପୂର୍ବ ଛାତ୍ର ମାନଙ୍କ ଭୂମିକା ଆଦି ବିଷୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଗୁରୁଜୀ ରାକେଶ ପଣ୍ଡା ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହାପରେ ଛାତ୍ରଛାତ୍ରୀ ମଧ୍ୟ ନିଜ ନିଜର ମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମର ପରିଚାଳନା ଗୁରୁମା ପଙ୍କଜୀନି ସା କରିଥିଲେ। ଶେଷରେ ବରିଷ୍ଠ ଗୁରୁଜୀ ପାଣ୍ଡବ ସା ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀଟି କାର୍ଯ୍ୟକ୍ରମ ପ୍ରମୁଖ ଗୁରୁମା ଆଲୋକମୟୀ ଦାଶ ଓ ସମସ୍ତ ଗୁରୁଜୀ ଗୁରୁମାଙ୍କ ସହଯୋଗରେ ସଫଳ ହୋଇଥିଲା।



## ରସମୁଣ୍ଡା ଅଙ୍ଗନବାଡ଼ି କେନ୍ଦ୍ରରେ ଅଣ୍ଡା ପାଇଁ ଗଣ୍ଡଗୋଳ

**ପାଇକମାଳ, ୨୯।୯ (ସମିସ):** ପାଇକମାଳ ବ୍ଲକ ଭେଙ୍ଗରାଜପୁର ପଞ୍ଚାୟତରେ ରସମୁଣ୍ଡା ଅଙ୍ଗନବାଡି କେନ୍ଦ୍ରରେ ଅଣ୍ଡା ଦିଆ ନିଆକୁ ନେଇ ଗଣ୍ଡଗୋଳ ହୋଇ ଉଭୟ ପକ୍ଷରୁ ଥାନାରେ ମାମଲା ରୁଜୁ ହୋଇଛି । ଗାଁର ଅଙ୍ଗନବାଡି କର୍ମୀ ପଦ୍ମିନୀ ପ୍ରଧାନ ଗାଁର ବାଜୁବନ ନାୟକଙ୍କ ଝିଅକୁ ଅଣ୍ଡା ନେବା ପାଇଁ ଡକାଇଥିଲେ । ତାଙ୍କ ଝିଅ ଅଣ୍ଡା ଆଣିବା ପାଇଁ ଅଙ୍ଗନବାଡି କେନ୍ଦ୍ରରେ ପହଞ୍ଚିବା ପରେ ୪ଟି ଅଣ୍ଡା ତାଙ୍କ ଝିଅ ଉପରେ ଫିଙ୍ଗି ଦେବାରୁ ଅଣ୍ଡା ଗୁଡିକୁ ଚଟାଣରେ ପଡ଼ି ଫାଟି ଯାଇଥିଲା । କାହିଁକି ଫିଙ୍ଗିଲ ବୋଲି ପଚାରିବାରୁ ଅଙ୍ଗନବାଡି କର୍ମୀ ଓ ତାଙ୍କ ସ୍ୱାମୀ ପୂର୍ଣ୍ଣାନନ୍ଦ ନାଏକ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ମାରପିଟ୍ କରିଛନ୍ତି ବୋଲି ପାଇକମାଳ ଥାନାରେ ଅଭିଯୋଗ ହୋଇଛି । ଏନେଇ ଶ୍ରୀ ନାୟକ ପ୍ରତିବାଦ କରିବାରୁ ମଧ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ ସହ ମାରପିଟ୍ କରିଛନ୍ତି ବୋଲି ମଧ ଅଭିଯୋଗ କରିଛନ୍ତି । ଏନେଇ ସିଡିପିଓ ବାସନ୍ତୀ ଫୁର୍ତ୍ତୀଙ୍କୁ ପଚାରିବାରୁ ଏନେଇ ଅଭିଯୋଗ ଆସିଛି ଘଟଣା ତଦନ୍ତ କଲେ ପ୍ରକୃତ ସତ୍ୟ ଜଣା ପଡ଼ିବ ବୋଲି କହିଛନ୍ତି ।

## ତୈଳିକ ବୈଶ୍ୟ ସମାଜ ଜିଲ୍ଲା କମିଟିର ସଭା

**ପଦ୍ମପୁର, ୨୯।୯ (ସମିସ):** ବରଗଡ଼ ଓ ସୁବର୍ଣ୍ଣପୁର ଜିଲ୍ଲା ତୈଳିକ ବୈଶ୍ୟ ସମାଜର ଜିଲ୍ଲା କମିଟିର ମିଳିତ ସଭା ପଦ୍ମପୁର ସ୍ଥିତ ମୁକ୍ତା ହୋଟେଲର ସଭା କକ୍ଷରେ ଅନୁଷ୍ଠିତ ହୋଇଛି । ସଭାପତି ଭିକାରି ଚରଣ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ । ସଭାରେ ସୁବର୍ଣ୍ଣପୁର ଜିଲ୍ଲା ସଭାପତି ଧନଞ୍ଜୟ ସାହୁ, ରାମଶଙ୍କର ସାହୁ, ଦୁଃଖିଶ୍ୟାମ ସାହୁ, ସୁରୁ ସାହୁ, ରାଜକିଶୋର ସାହୁ, ତୋଷବନ୍ତ ସାହୁ, ସ୍ୱର୍ଣ୍ଣକାନ୍ତି ସାହୁ, ଡ.ଭକ୍ତପୂରଣ ସାହୁ, ସାର୍ତ୍ତିକ ସାହୁ, ବଳରାମ ସାହୁ, ଦିନେଶ୍ୱର ସାହୁ, ବିଶେଶ୍ୱର ସାହୁ, ପ୍ରେମରାଜ ସାହୁ, ନବକିଶୋର ମେହେର, ପିତାମ୍ବର ସାହୁ, ମୁକୁନ୍ଦଦେବ ସାହୁ, ବସୁଧା ସାହୁ, ଦୁଷ୍ମନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ପ୍ରତିଷ୍ଠା ଦିବସ

**ପଦ୍ମପୁର, ୨୯।୯ (ସମିସ):** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ପ୍ରତିଷ୍ଠା ଦିବସ ମେଲଛାମୁଣ୍ଡାରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଜୟନ୍ତ ଭୋଇ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଥବିର ସାମଲ, ସମ୍ମାନିତ ଅତିଥି ଭାବେ ଜୟଦେବ ଭୋଇ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମକୁ କମଳାକାନ୍ତ ମହଲା, ବିଶ୍ୱଜିତ୍ ବରିହା, ରାହୁଲ ବେହେରା, କେଶବ ପ୍ରଧାନ ଓ ସରସ୍ୱତୀ ଶିଶୁ ମନ୍ଦିରର ସମ୍ପାଦକ ପରିଚାଳନା କରିଥିଲେ । ସେହିପରି ଦେଉଳି ଠାରେ ଭେଡେଁରିଆ ମଣ୍ଡଳ ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଭକ୍ତଚରଣ ସାହୁ, ମୁଖ୍ୟ ଅତିଥି ଭାବେ ଚିତ୍ତରଞ୍ଜନ ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂଘ ସଞ୍ଚାଳକ ରୋହିତ ମେହେର ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ମଣ୍ଡଳ କାର୍ଯ୍ୟନିର୍ବାହୀ ଲୋକନାଥ ପଟେଲ ପରିଚାଳନା କରୁଥିଲେ । ଗୁଣ ପଟେଲ, ଲକ୍ଷ୍ମଣ ସାହୁ ଶରତ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ସୋହେଲା ମହାବିଦ୍ୟାଳୟ ଶିକ୍ଷା ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା

**ସୋହେଲା, ୨୯।୯ (ସମିସ):** ସୋହେଲା କଲେଜ ଯୁକ୍ତ ୩ ପ୍ରଥମ ବର୍ଷ ଶିକ୍ଷା ବିଭାଗର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ଅଧ୍ୟକ୍ଷ ଡ.ରବୀନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ସ୍ୱାଗତ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି । ସ୍ୱାଗତ ସଙ୍ଗୀତ ଗାନ ସହିତ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇଥିଲେ ୨ୟ ଓ ୩ୟ ବର୍ଷର ଛାତ୍ରଛାତ୍ରୀ । ଶିକ୍ଷା ବିଭାଗର ମୁଖ୍ୟ ଡ.ରମେଶ ଚନ୍ଦ୍ର ସୂପକାର ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଅଧ୍ୟାପିକା ଡ.ସୁନିତୀ ଦାଶ, ଅଧ୍ୟାପକ ସୁରେନ୍ଦ୍ର ସାହୁ ବକ୍ତବ୍ୟ ରଖିଥିଲେ । ନବାଗତଙ୍କ ସ୍ୱାଗତରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା । ଶେଷରେ ଅନ୍ତିମ ବର୍ଷ ଛାତ୍ର ମସିମ୍ ରେହମାନ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ମାଣ୍ଡୋସିଲ ଆଞ୍ଚଳିକ କୃଷକ ମହାସଂଘର ପ୍ରତିଷ୍ଠା ଦିବସ

**ପାଇକମାଳ, ୨୯।୯ (ସମିସ):** ପାଇକମାଳ ବ୍ଲକ ମାଣ୍ଡୋସିଲ ସାର୍ବଜନୀନ ଦୁର୍ଗାପୂଜା କମିଟି କାଦୋଘୁଚା ତରଫରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମାଣ୍ଡୋସିଲ କୃଷକ ମହାସଂଘର ୨୬ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଅତିଥି ଭାବେ ଗୁପତରାମ ବାରିକ, ଜୟସିଂ ପୁଝାରୀ, ଅଭିରାମ ଭୋଇ, ବିରଞ୍ଚି ବରିହା, ଅଲେଖ ଡନସନା ଉପସ୍ଥିତ ଥିଲେ । ସଭାରେ ଚାଷୀ ପଞ୍ଜୀକରଣ ନହେଲେ ଆଗାମୀ ଦିନରେ ଚାଷୀ ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଥିଲା । ଗନ୍ଧମାର୍ଦ୍ଦନ ସୁରକ୍ଷା ଉପରେ ଆଇନ ପ୍ରଣୟନ କରିବାକୁ ଦାବି ହୋଇଛି । ଏହି ଅବସରରେ ୩୨ ଜଣ ବାଲକୋ ହଟାଓ ଗନ୍ଧମାର୍ଦ୍ଦନ ବଚାଓ ଆନ୍ଦୋଳନକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ସଭାରେ ବ୍ଲକର ୧୦ଟି ପଞ୍ଚାୟତ ତଥା ଅଞ୍ଚଳର ଚାଷୀ ଉପସ୍ଥିତ ଥିଲେ । ଗିରୀଶ ଡନସନା, ସୁଧାଂଶୁ ଶେଖର ବାରିକ, ଡାଏମନ ଭୂଏ, ଯଦୁମଣି ଡନସନା, ରାଧେ ସାନ୍ତ, ଗିରିଧାରୀ ସରଜାଲ ସମେତ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

# ମାଁଙ୍କ ଆଗମନରେ ଚଳଚଞ୍ଚଳ ବରଗଡ଼

### କଳସ ଶୋଭାଯାତ୍ରାରୁ ଦୁର୍ଗାପୂଜା ଆରମ୍ଭ

ଦହିତା, ୨୯।୯ (ସମିସ)

ଦହିତା ଦୁର୍ଗାପୂଜା ପାଇଁ ଭବ୍ୟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଶତାଧିକ ମହିଳା ବିଭିନ୍ନ ପାରମ୍ପରିକ ବାଦ୍ୟର ତାଳେ ତାଳେ ଶୋଭାଯାତ୍ରାରେ ବାହାରି ଗାଁ ପରିକ୍ରମା କରିଥିଲେ । ସ୍ଥାନୀୟ ବନ୍ଦେଶ୍ୱରୀ ନଦୀ ପଠାରୁ ଜଳ ପୂର୍ଣ୍ଣ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ । ଏହାପରେ ମହାସପ୍ତମୀ ପୂଜା ମୁଖ୍ୟ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଷଡଙ୍ଗୀଙ୍କ ଦ୍ୱାରା



ଆରମ୍ଭ ହୋଇଛି । ତାଙ୍କୁ ଜୟ ମାଝୀ, ଧ୍ରୁବ ହୋତା, କାଳା ବଡମାଳୀ, ବିଷ୍ଣୁ ପଟେଲ, ନଟୁ ବାରିକ ପୂଜା କାର୍ଯ୍ୟରେ ସହଯୋଗ କରୁଛନ୍ତି । ଗୌନ୍ତିଆ ଗଜାନାନ କମାତୀ, ସହଧର୍ମିଣୀ ହରିପ୍ରିୟା କମାତୀ ପୂଜା କର୍ତ୍ତା ଭାବେ ଦାୟିତ୍ୱ ସମ୍ପାଦନ କରୁଛନ୍ତି । ମନ୍ତ୍ର ଉଚ୍ଚାରଣ, ଝିଲମିଲ ରଙ୍ଗିନ ଆଲୁଅରେ ପୂଜା ପରିସର ଭକ୍ତିମୟ ହେବା ସହ ଝଲସି ଉଠିଛି । ସେହିପରି ବୁଡେନ ଏବଂ ସିଲେଟପାଲି ବୁକାଝୁଲା ପୂଜା କମିଟି ପକ୍ଷରୁ କଳସ ଶୋଭାଯାତ୍ରା ସହ ଦୁର୍ଗାପୂଜା ଆରମ୍ଭ ହୋଇଛି । ମାଁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଛି । ବିଭିନ୍ନ ଗାଁର ଦୁର୍ଗା କୁଠୀ ମାନଙ୍କରେ ଭାଇ ଜିଉଁନ୍ତିଆ ଓଷା ପାଇଁ ଭଉଣୀ ମାନଙ୍କ ଉତ୍ସାହ ଦେଖିବାକୁ ମିଳିଥିଲା ।

### ମହାଗୌରୀ ରୂପରେ ମାଁଙ୍କ ପୂଜାର୍ଚ୍ଚନା ଓ ଭାଇ ଜିଉଁନ୍ତିଆ ଓଷା

**ବରପାଲି:** ବରପାଲି ତଥା ଗ୍ରାମାଞ୍ଚଳରେ ମାଁ ଦୁର୍ଗାଙ୍କ ମଣ୍ଡପରେ ଆଶ୍ୱିନ ଶୁକ୍ଳ ସପ୍ତମୀ ଯୁକ୍ତ ଅଷ୍ଟମୀ ତିଥିରେ ତ୍ରିଦିନାତ୍ମକ ନିତିକାନ୍ତି ସହ ପୂଜାର୍ଚ୍ଚନା ଆରମ୍ଭ ହୋଇଛି । ସେହିପରି ମାଁ ସମଲେଶ୍ୱରୀ ଓ ମାଁ ବରଦା ଦୁର୍ଗାଙ୍କ ସମେତ ନବଦିନାତ୍ମକ ପୂଜା ନିମନ୍ତେ ଦୁର୍ଗାମଣ୍ଡପରେ ମହାଗୌରୀ ବେଶ ବିଧି ଅନୁସାରେ ହୋଇଯାଇଛି । ନିଶାର୍ଦ୍ଧ ମଧ୍ୟେ ଦୁର୍ଗାଷ୍ଟମୀ ପଡୁଥିବାରୁ ସୋମବାର ପାରମ୍ପରିକ ନୀତିରେ ଭଉଣୀ ମାନେ ଭାଇ ଜିଉଁନ୍ତିଆ ଓଷାରେ ଭାଇର ମଙ୍ଗଳ କାମନା ମନାସୀ ମାଁ ଦୁର୍ଗାଙ୍କ ବ୍ରତ ପାଳନ କରିଛନ୍ତି । ଦେବୀ ପୀଠ ଓ ମନ୍ଦିରରେ ମାଁଙ୍କର ମହାଷ୍ଟମୀ ପୂଜା ଅନୁଷ୍ଠିତ ହେଉଥିବା ବେଳେ ମଣ୍ଡପରେ ମାଁଙ୍କ ସପ୍ତମୀ ପୂଜାର୍ଚ୍ଚନା ଚାଲିଛି ।

### ଜାମସେଠରେ ନବରାତ୍ରୀ

**ପାଇକମାଳ:** ପାଇକମାଳ ବ୍ଲକ ଜାମସେଠ ସ୍ଥିତ ମାଁ କାଳୀ ମନ୍ଦିର ଓ ଶିବ ମନ୍ଦିର ପରିସରରେ ଦୁର୍ଗାପୂଜା ପାଇଁ ନବରାତ୍ରି ଅନୁଷ୍ଠିତ ହୋଇଯାଇଛି । ପୂଜକ ଭାବେ ଶେଷାନ ପୂଜା କାର୍ଯ୍ୟ



ସମ୍ପାଦନା କରୁଛନ୍ତି । ପୂଜାରେ ଦାମୋଦର ରଣା, ହେମନ୍ତ ପ୍ରଧାନ, ସରୋଜ ପଟ୍ଟନାୟକ, ବିନନ୍ଦ ସାହୁ, ସରୋଜ ପଟ୍ଟନାୟକ, ତରଣୀ ସାହୁ, ଯଶୋବନ୍ତ ପ୍ରଧାନ, ଅମୀୟ ରଣା, ଶୁଶାନ୍ତ ସାହୁ, ବିଜୟାନନ୍ଦ ପଟ୍ଟନାୟକ, ମଳୟ ସାହୁ, ରତିକାନ୍ତ ସାହୁ, ଶିବ ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

### ମାଣ୍ଡୋସିଲରେ କଳସ ଯାତ୍ରା ଓ ରାବଣ ଦରବାର

**ପାଇକମାଳ:** ପାଇକମାଳ ବ୍ଲକ ମାଣ୍ଡୋସିଲରେ ୭୪ ତମ ସାର୍ବଜନୀନ ଦୁର୍ଗାପୂଜା ପାଇଁ ସୋମବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଭବ୍ୟ କଳସ ଶୋଭାଯାତ୍ରା ବାହାରି ସ୍ଥାନୀୟ ପୋଖରୀରେ ପୂଜାର୍ଚ୍ଚନା କରି ପୂର୍ଣ୍ଣ ଜଳ କଳସ ଆଣି ଦେବୀ ମଣ୍ଡପରେ ସ୍ଥାପନ କରିଥିଲେ । ପୂଜାରେ କର୍ତ୍ତା ଭାବେ ଉପେନ୍ଦ୍ର ସାହୁ ଓ ଲାବଣ୍ୟବତୀ ସାହୁ ଥିବା ବେଳେ ମୁଖ୍ୟ ପୂଜକ ଭାବେ ସୁବଳ ପଣ୍ଡା ଓ ସହ ପୂଜକ ଭାବେ ଘନଶ୍ୟାମ ପାଢ଼ୀ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ । କଳସ ଯାତ୍ରା ସମୟରେ ପୂଜା କମିଟି ସଭାପତି ମହେନ୍ଦ୍ର ଖୁଣ୍ଟିଆ, ସମ୍ପାଦକ ଗୋପାଳ ପ୍ରସାଦ ବେହେରା, ଗ୍ରାମ୍ୟ କମିଟି ସଭାପତି ଜଗନ୍ନାଥ ପୁଟା, ସମ୍ପାଦକ ରାଧେଶ୍ୟାମ ପଟେଲ, ଧନସିଂ ପଟେଲ, ଭୀମସେନ ଖୁଣ୍ଟିଆ, ତପନ ବହିଦାର, ହେମନ୍ତ ଖୁଣ୍ଟିଆ ସମେତ ପୂଜା କମିଟି ଉପଦେଷ୍ଟା, ସଦସ୍ୟ ତଥା ଗ୍ରାମବାସୀ ଉପସ୍ଥିତ ଥିଲେ ।

ସେହିପରି ଦୁର୍ଗାପୂଜାରେ ରାବଣ ଦରବାର ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ ଯୋଗ ଦେଇଥିଲେ । ଶରତ ଚନ୍ଦ୍ର ହଂସ ସଭା ପରିଚାଳନା କରିଥିଲେ । ରାବଣ ଦରବାର ରବିବାର ଠାରୁ ଆରମ୍ଭ ହୋଇ ଦଶମୀ ପର୍ଯ୍ୟନ୍ତ ହେବ । ଶେଷରେ ରାବଣପୋଡି କାର୍ଯ୍ୟକ୍ରମ କରାଯିବ । ଏଥିରେ ପୂଜା କମିଟି ତଥା ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ ।

### ଝରାପାଲି ମାର୍କେଟ ଦୁର୍ଗାପୂଜା ଆରମ୍ଭ

**ଥୁଆପାଲି:** ବରଗଡ଼ ଜିଲ୍ଲା ଭେଡେନ ଝରାପାଲି ମାର୍କେଟ ଠାରେ ଶାରଦୀୟ ଦୁର୍ଗାପୂଜା ଆରମ୍ଭ ହୋଇଯାଇଛି । ରବିବାର ଏହି ଉପଲକ୍ଷେ କଳସ ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି । ଏଥିରେ ଶଙ୍ଖ ଘଣ୍ଟ, ବାଜା ସହିତ ଶହଶହ ସଂଖ୍ୟାରେ ମହିଳା ପୁରୁଷ ଓ ବାଳକ, ବାଳିକା ସମେତ ଥୁଆପାଲି କେନାଲ ଛଟପୂଜା ଘାଟ ଠାରୁ ପୂର୍ଣ୍ଣ କଳସ ଆଣି ଦୁର୍ଗା ମଣ୍ଡପ ଠାରେ କଳସ ସ୍ଥାପନ କରାଯାଇଥିଲା । ତାପରେ ବିଲ୍ୱବରଣ, କଳସ ଅଧିବାସ, ସପ୍ତମୀ ବିହିତ ଦେବୀଙ୍କ ପ୍ରାଣ ପ୍ରତିଷ୍ଠା ଓ ଚକ୍ଷୁ ଦାନ ହୋଇଥିଲା ।ମୁଖ୍ୟ ପଣ୍ଡିତ ଭାବେ ପଣ୍ଡିତ ବୁଦ୍ଧଦେବ ମିଶ୍ର, ଦିବାକର ତ୍ରିପାଠୀ ଓ ହରିହର ମିଶ୍ର ରୀତିନୀତି ଅନୁସାରେ ହୋମଯଜ୍ଞ, ପୂଜାର୍ଚ୍ଚନା କରିଥିଲେ । ରଶ୍ମିରଞ୍ଜନ ପାଢ଼ୀ ଓ ତାଙ୍କ ଧର୍ମପତ୍ନୀ ରଶ୍ମିରେଖା ପଣ୍ଡା କର୍ତ୍ତା ଭାବେ ଦାୟିତ୍ୱ ତୁଲାଉଛନ୍ତି । କମିଟିର ସଭାପତି ହରି ପ୍ରଧାନ, ସମ୍ପାଦକ ଯତୀନ୍ଦ୍ର ତ୍ରିପାଠୀ (ପେଟୁ) କୋଷାଧକ୍ଷ ଭାବେ ସନ୍ତୋଷ ଅଗ୍ରୱାଲ ଓ ଦୁର୍ଗାପୂଜା କମିଟିର ସମସ୍ତ ସଦସ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି ।



### ଖଣ୍ଡା ଧୁଆରୁ ଦୁର୍ଗାପୂଜା ଆରମ୍ଭ

**ପଦ୍ମପୁର:** ପଦ୍ମପୁର ସାର୍ବଜନୀନ ଦୁର୍ଗାପୂଜା ରବିବାରରୁ ଆରମ୍ଭ ହୋଇଥିବା ବେଳେ ଶୁକ୍ରବାର ଏହାର ସମାପନ ହେବ । ଚଳିତବର୍ଷ ସାର୍ବଜନୀନ ଦୁର୍ଗାପୂଜାର ପ୍ରଥମ ପର୍ବ ଖଣ୍ଡାଧୁଆ କାର୍ଯ୍ୟକ୍ରମ ରାଜବାଟୀରୁ ବାହାରି ନଗର ପରିକ୍ରମା କରିବ । ଏହାପରେ ରଜାପଡ଼ା ସ୍ଥିତ ରାଜଘାଟ ଠାରେ ଖଣ୍ଡାଧୁଆ ପରମ୍ପରା ନୀତି ଅନୁଷ୍ଠିତ ହୋଇ ରାଜବାଟୀକୁ ଫେରିବ । ସେପ୍ଟେମ୍ବର ୨୯ ରୁ ଅକ୍ଟୋବର ୨ ଯାଏଁ ବରଗଡ଼ ପ୍ରସିଦ୍ଧ ହୃଷିକେଶ ଭୋଇ ଓ ସାଥିଙ୍କ ଅଭିନୀତ ରାମଲୀଳା ଅନୁଷ୍ଠିତ ହେବ । ବିଭିନ୍ନ ଦିନରେ ଅର୍କେଷ୍ଟ୍ରା ଉମାକାନ୍ତ ବାରିକ ଓ ଗ୍ରୁପ, ପଦ୍ମଶ୍ରୀ ଖଟେଇ କଳାଜୀବୀ ବରଗଡ଼, ସରଗମ ସୀତାରା ଆଶିଷ କୁମ୍ଭାର ଗ୍ରୁପ, କୃଷଗୁରୁ, ସୋନପୁର ମହିଳା ଦଣ୍ଡ ନୃତ୍ୟ, ଜଟଲା ଗଣେଶ ଅପେରା ଏବଂ ରାବଣପୋଡ଼ି କାର୍ଯ୍ୟକ୍ରମ ରହିଛି । ଅଶୋକ ପଡ଼ିଆରେ ମୀନାବଜାର ହେବ ।

### ବରଗଡ଼ବାସୀଙ୍କୁ ବିଧାୟକଙ୍କ ଦଶହରା ଭେଟି -ବିଭିନ୍ନ ସ୍ଥାନରେ ଆଲୋକୀକରଣ

**ବରଗଡ଼:** ବିଗତ ଦୁଇ ଦିନ ଭିତରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ବରଗଡ଼ ବାସୀଙ୍କୁ ଖୁବ୍ ସୁନ୍ଦର ଭେଟି ଦେଇଛନ୍ତି । ଗତକାଲି ଭଟଲି ଛକ ଠୁ ଖେଦାପାଲି ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ଅଲୋକୀକରଣର ଶୁଭାରମ୍ଭ କରିଥିଲେ । ସୋମବାର ପୁଣି ଅଗ୍ରସେନ ଛକ ଠାରୁ ଅମ୍ବାପାଲି ଛକ ପର୍ଯ୍ୟନ୍ତ ନୂତନ ଆଲୋକୀକରଣ ବ୍ୟବସ୍ଥାର ଉଦ୍‌ଘାଟନ କରିଛନ୍ତି । ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହା କରାଯାଉଥିବା ଜଣା ପଡ଼ିଛି । ଏହି ଅବସରରେ ବରଗଡ଼ ପୌର ପରିଷଦ ଅଧକ୍ଷା କଳ୍ପନା ମାଝୀ, ପୌର ପରିଷଦ ନିର୍ବାହୀ ଅଧିକାରୀ ଦେବାନନ୍ ସାହୁ, ଦିଲୀପ ସାୱାଡିଆ, ଆଇନଜୀବୀ ଅଶୋକ ପଣ୍ଡା, ଆଇନଜୀବୀ ଈଶ୍ୱର ବାଗ, କିଶୋର ଅଗ୍ରୱାଲ, ରାଜୁ ଝା, ବିଭୂତି ଭୂଷଣ ଦାଶ, ଯୁଧିଷ୍ଠିର ମେହେର ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ଲଗାଣ ବର୍ଷାରେ ଘର ଭାଙ୍ଗିଲା

**ପାଇକମାଳ, ୨୯।୯ (ସମିସ):** କିଛି ଦିନ ପାଇକମାଳ ବ୍ଲକରେ ଲଗାଣ ବର୍ଷା ସାଙ୍ଗକୁ ଝିପିଝିପି ବର୍ଷା ସାଙ୍ଗକୁ ଜନଜୀବନ ପ୍ରଭାବିତ ହୋଇଛି । ମାଣ୍ଡୋସିଲ ଅଞ୍ଚଳରେ ସ୍ଥାନେ ସ୍ଥାନେ ଡୁମ୍ବେରବାହାଲ, ଭୁତମୁଣ୍ଡା ଓ ପତ୍ରାଗୁଡା ଉପରେ ପାଣି ଯାଉଥିବାରୁ ଗମନାଗମନ ବାଧାପ୍ରାପ୍ତ ହୋଇଥିଲା । ଏଥିସହ ଗାଁ ଗୁଡିକର ମଧ ଲଗାଣ ବର୍ଷା ଦ୍ୱାରା ଘରଦ୍ୱାର ଭାଙ୍ଗି ଯାଇଥିବା ସୂଚନା ମିଳିଛି ।



କଂସଢ଼ାରେ ରୁଦନା ଭୋଇଙ୍କ ରୋଷେଇ ଘର ଭାଙ୍ଗି ଯାଇଛି । ସେହିପରି ବିକ୍ରମ ଭୋଇ, ରୁକ୍ମଣୀ ଭୋଇ, ଲଳିତ ସିଣ୍ଟ ଘରଗୁଡିକ ଭାଙ୍ଗି ଯିବାରୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଖବର ପାଇ ମାଣ୍ଡୋସିଲ ଆରଆଇ ହିମାଂଶୁ ଶେଖର ବିଶିଙ୍କ ତତ୍ତ୍ୱାବଧାନରେ ଅଧିକାରୀମାନେ କଂସଢ଼ାକୁ ଯାଇ ଘର ପୀଡିତ ପରିବାରକୁ ପଚାରି ବୁଝିଥିଲେ । ସରକାରୀ ନିୟମ ଅନୁସାରେ ସେମାନଙ୍କୁ ସହାୟତା ଯୋଗାଇ ଦିଆଯିବ ବୋଲି ଶ୍ରୀ ବିଶି କହିଛନ୍ତି ।

## ଜାତୀୟ ସ୍ତରରେ ବୈଦିକ ସ୍କୁଲର କୃତିତ୍ୱ

**ବରଗଡ଼, ୨୯।୯ (ସମିସ):** ପୁଣି ଥରେ ବୈଦିକ ସ୍କୁଲ ଜାତୀୟ ସ୍ତରରେ କୃତିତ୍ୱ ହାସଲ କରି ବରଗଡ଼ ପାଇଁ ଗୌରବ ଆଣିଛି । କର୍ଣ୍ଣାଟକର କୋପ୍ପଳ ଠାରେ ଚଳିତ ମାସ ୨୬ ରୁ ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ୧୩ତମ ଜାତୀୟ ପେନଚାକ ସିଲଟ ପ୍ରତିଯୋଗିତାରେ ବୈଦିକ ସ୍କୁଲର ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଏଥିରେ ସେମାନେ ଦୁଇଟି ବ୍ରୋଞ୍ଜ ଓ ଗୋଟିଏ ରୌପ୍ୟ ପଦକ ହାସଲ କରିଛନ୍ତି । ସବ୍‌ଜୁନିଅର ବର୍ଗରେ ସୌମ୍ୟ ଶ୍ରୀମୟ ଶତପଥୀ ରୌପ୍ୟ ଓ ସ୍ୱର୍ଣ୍ଣ କୁମାରୀ ବରାଡ଼ ବ୍ରୋଞ୍ଜ ପଦକ ପାଇଥିବା ବେଳେ ଜୁନିଅର ବର୍ଗରେ ଆଲୋକ ମହାପାତ୍ରଙ୍କ ସହ ଯୋଗ ଦେଇ ଇତିଶ୍ରୀ ନନ୍ଦ ବ୍ରୋଞ୍ଜ ପଦକ ପାଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ଏହି ସଫଳତା ପାଇଁ ବୈଦିକ ବିଦ୍ୟାଳୟ ସମୂହର ଚେୟାରମ୍ୟାନ ଆନନ୍ଦ ଅଗ୍ରୱାଲ ଓ ବରଗଡ଼ କ୍ୟାମ୍ପସର ଅଧକ୍ଷା ଗାର୍ଗୀ ଚଟର୍ଜୀ କୃତୀ ପ୍ରତିଯୋଗୀ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।




## ଝାରବନ୍ଧ ବ୍ଲକ୍ କୁଳତା ସମାଜର ନୂଆଁଖାଇ ଭେଟ୍‌ଘାଟ୍

**ଝାରବନ୍ଧ, ୨୯।୯ (ସମିସ):** ଝାରବନ୍ଧ ବ୍ଲକ୍‌ସ୍ତରୀୟ କୁଳତା ସମାଜର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଗୌଡମାଳ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ କଳସ ଶୋଭାଯାତ୍ରାରେ ପୋଖରୀରୁ ପାଣି ଆଣି ଗାଁ ପରିକ୍ରମା କରିଥିଲେ । ପରେ ଯୁଗାର ଯାତ୍ରାରେ ବହୁ ଜନସାଧାରଣଙ୍କ ସହିତ ସମ୍ପ୍ରଦା ଲୋକନୃତ୍ୟରେ ଗାଁ ମୁଖରିତ ହୋଇଥିଲା । କୁଳତା ଜାତିର ରଣେଶ୍ୱର ବାବା ଓ ଇଷ୍ଟଦେବୀ ରାମଚଣ୍ଡୀଙ୍କ ଠାରେ କଳସ ସ୍ଥାପନ କରି ପୂଜାର୍ଚ୍ଚନା କରି ଭୋଗ ଅର୍ପଣ କରାଯାଇଥିଲା । ପୂଜକ ଭାବେ ଅଶୋକ ପ୍ରଧାନ, ଗଣେଶ ଭୋଇ ପୂଜା କାର୍ଯ୍ୟ ତୁଲାଇ ଥିଲେ । ପ୍ରସାଦ ବଣ୍ଟନ ପରେ ସାନମାନେ ବଡମାନଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ଗ୍ରହଣ କରିଥିଲେ । ସଭାରେ ମୁଖ୍ୟ ଅତିଥି ଭାବେ ପଦ୍ମପୁର କାର୍ଯ୍ୟକାରିଣୀ ସଭାପତି ଯୋଗେନ୍ଦ୍ର ଭୋଇ ଯୋଗ ଦେଇଥିଲେ । ଝାରବନ୍ଧ ବ୍ଲକ ସଭାପତି ବାସୁଦେବ ପ୍ରଧାନଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ମୁକ୍ତା ସାହୁ, ତୁଳସୀରାମ ପ୍ରଧାନ, ସୁରେନ୍ଦ୍ର ଗଡ଼ତିଆ, ହାରାଧନ ପ୍ରଧାନ, ତୁଳାରାମ ଭୋଇ, ଟାଇଲ ଚନ୍ଦ୍ର ଭୋଇ, ବାସୁଦେବ ପ୍ରଧାନ ପ୍ରମୁଖ ଯୋଗଦେଇ ଥିଲେ । ଛତିଶଗଡ଼ ରାଜ୍ୟ, ପାଇକମାଳ ବ୍ଲକ, ପଦ୍ମପୁର, ବରଗଡ଼ ଅଞ୍ଚଳର ସଭାପତିଙ୍କ ସହିତ କାର୍ଯ୍ୟକର୍ତ୍ତା ବୃନ୍ଦ ବକ୍ତବ୍ୟ ପ୍ରଦାନ କରିଥିଲେ । ଝାରବନ୍ଧ ବ୍ଲକ କୁଳତା ସମାଜ ବ୍ଲକ ସମ୍ପାଦକ ଶ୍ୟାମ ସୁନ୍ଦର ବେହେରା ମଞ୍ଚ ପରିଚାଳନା କରିଥିଲେ । ଶେଷରେ ଗୌଡମାଳ କେନ୍ଦ୍ର ସଭାପତି ଗୋପବନ୍ଧୁ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ଆଞ୍ଚଳିକ ରାଜପୁତ କ୍ଷତ୍ରୀୟ ସମାଜ ତରଫରୁ ନୂଆଁଖାଇ ଭେଟ୍‌ଘାଟ୍

**ପଦ୍ମପୁର, ୨୯।୯ (ସମିସ):** ପଦ୍ମପୁର ସିଦ୍ଧି ବିନାୟକ କଲ୍ୟାଣ ମଣ୍ଡପ ଠାରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଆଞ୍ଚଳିକ ରାଜପୁତ କ୍ଷତ୍ରୀୟ ସମାଜର ସଭାପତି ବିପିନ ବିହାରୀ ଠାକୁର ଏଥିରେ ଅଧକ୍ଷତା କରିଥିଲେ । ଆଗଲପୁର୍ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଜୟନ୍ତ ସିଂହ ଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପଦ୍ମପୁର ବନଖଣ୍ଡ ଅଧିକାରୀ ରଣଜିତ ସିଂ ବାବୁ ଓ ବିଦ୍ୟାଧର ସିଂ ଦେଓ ଓ ସୁନ୍ଦରଗଡ଼ ରାଜପୁତ ସମାଜର ସଭାପତି ରାଜୁ ସିଂହ ଯୋଗ ଦେଇଥିଲେ । ପଦ୍ମପୁର ରାଜପୁତ କ୍ଷତ୍ରୀୟ ସମାଜର ଯଶୋବନ୍ତ ନାରାୟଣ ସିଂହ ରାଜପୁତ ସମାଜର ଐତିହ୍ୟ ଉପରେ ଆଲୋକପାତ କରିଥିଲେ । ସମ୍ପାଦକ ହରିଶଙ୍କର ସିଂହ ମଞ୍ଚ ପରିଚାଳନା କରିଥିବା ବେଳେ ସନ୍ତୋଷ ସିଂହ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ । ଆନନ୍ଦ ସିଂହ, ଦିଲ୍ଲୀପ ସିଂହ, ଭୂପେଶ ସିଂହ, ବୁଲୁ ଠାକୁର, ରୁପେଶ ସିଂହ, ସଞ୍ଜୀବ ଠାକୁର ପ୍ରମୁଖ ସହଯୋଗ କରିଥିଲେ ।

### ସୁପ୍ରିୟା ସ୍ମାରକୀ ଜିଲ୍ଲା ଆନ୍ତଃ କ୍ଲବ୍ ନକ୍‌ଆଉଟ୍ ଫୁଟବଲ ପ୍ରତିଯୋଗିତା

## ତ୍ରୟୋଦଶ ଦିନରେ ଲହଣ୍ଡା ଓ ମହୁଲେ ବିଜୟୀ

ବରଗଡ଼, ୨୯।୯ (ସମିସ)

ବରଗଡ଼ ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ସୁପ୍ରିୟା ସ୍ମାରକୀ ଜିଲ୍ଲା ଆନ୍ତଃ କ୍ଲବ୍ ନକଆଉଟ୍ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ସୋମବାର ତ୍ରୟୋଦଶ ଦିବସରେ ଅନୁଷ୍ଠିତ ଦୁଇଟି ମ୍ୟାଚ୍‌ରେ ଲହଣ୍ଡା ଦଳ ଓ ମହୁଲେ ଦଳ ବିଜୟୀ ହୋଇଛନ୍ତି । ଆଜି ସାଇପାଲି ଦଳ ଓ ଲହଣ୍ଡା ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଲହଣ୍ଡା ଦଳ ୩-୧ ଗୋଲରେ ବିଜୟୀ ହୋଇଥିଲା । ମ୍ୟାଚ୍‌ଟି ନିର୍ଦ୍ଧାରିତ ସମୟରେ ଗୋଲ ଶୂନ୍ୟ ଭାବେ ଶେଷ ହୋଇଥିବାରୁ ଟାଇବ୍ରେକରର ସାହାଯ୍ୟ ନିଆଯାଇଥିଲା । ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଲହଣ୍ଡା ଦଳର ରିକୁ ମହାପାତ୍ରଙ୍କୁ ମଞ୍ଜିତ ମିର୍ଦ୍ଧା ଓ ପ୍ରଦୀପ ନନ୍ଦ ଅତିଥି ଭାବେ ଯୋଗଦେଇ ପୁରସ୍କୃତ କରିଥିଲେ । ପ୍ରଥମ ଖେଳକୁ ଗୋପାଳ ନାୟକ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସୁଦାମ ବାରିକ, ଶଙ୍କର୍ଷଣ ପ୍ରଧାନ



ସହଯୋଗ କରିଥିଲେ । ନିରଞ୍ଜନ ପଣ୍ଡା ଚତୁର୍ଥ ରେଫରୀ ଭାବେ କାର୍ଯ୍ୟ ତୁଲାଇଥିଲେ ।

ଦ୍ୱିତୀୟ ମ୍ୟାଚ୍‌ଟି ଲୁରୁପାଲି ଦଳ ଓ ମହଲେ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମହଲେ ଦଳ ୨-୦ ଗୋଲରେ ମ୍ୟାଚ୍‌କୁ ଜିତି ନେଇଥିଲା । ଏଥିରେ ଦଳ ପକ୍ଷରୁ କରନ ଡଂସନା ଓ ମନୋଜ ମହାନନ୍ଦ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ । ମନୋଜ ମହାନନ୍ଦଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ବାବଲୁ ପ୍ରଧାନ ଓ ରବୀନ୍ଦ୍ର କନାନଚି ଅତିଥି ଭାବେ ପୁରସ୍କୃତ କରିଥିଲେ । ଦ୍ୱିତୀୟ ଖେଳକୁ ଦୀପେଶ ପ୍ରଧାନ ପରିଚାଳନା କରିଥିବା ବେଳେ, ଅନିଲ ବାଗ, ପିଣ୍ଟୁ ସାହୁ ତାଙ୍କୁ ଲାଇନରେ ସହଯୋଗ କରିଥିଲେ । ଚତୁର୍ଥ ରେଫରୀ ଥିଲେ ସନ୍ତୋଷ ପ୍ରଧାନ । ସଚ୍ଚିଦାନନ୍ଦ ପଣ୍ଡା ମ୍ୟାଚ୍ କମିଶନର ରହିଛନ୍ତି । ମଙ୍ଗଳବାର ପ୍ରଥମ ମ୍ୟାଚ୍ ବରାହାଗୁଡ଼ା ଦଳ ଓ କାଇଁଶିର ଦଳ ଏବଂ ଦ୍ୱିତୀୟ ମ୍ୟାଚ୍ ଗର୍ଭଣା ଦଳ ଓ ଭେଡେନ ଦଳ ମଧ୍ୟରେ ଅନୁଷ୍ଠିତ ହେବ ।

### ଜିଲ୍ଲାସ୍ତରୀୟ ଫୁଟବଲ ପ୍ରତିଯୋଗିତା

## ଗର୍ଭଣାକୁ ହରାଇ ଫାଇନାଲରେ ବରଗଡ଼

**ସୋହେଲା, ୨୯।୯ (ସମିସ):** ଶାରଦୀୟ ନବରାତ୍ର ଦୁର୍ଗାପୂଜା ଅବସରରେ ସୋହେଲା ମିନି ଷ୍ଟାଡିୟମ ଠାରେ ଚାଲିଥିବା ଜିଲ୍ଲାସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ସୋମବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ବରଗଡ଼ ଡ୍ରିମ ଇଲେଭେନ ଏବଂ ଗର୍ଭଣା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗର୍ଭଣା ଦଳକୁ ୧୦-୯ ଗୋଲରେ ହରାଇ ବରଗଡ଼ ଦଳ ଫାଇନାଲ୍‌ରେ ପ୍ରବେଶ କରିଛି । ଆସନ୍ତାକାଲି ବରଗଡ଼ ଡ୍ରିମ ଇଲେଭେନ ଦଳ ଏବଂ ଅମୃତଧାରା ଫାଉଣ୍ଡେସନ ବରଗଡ଼ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ । ଆଜି ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍ ବେଶ ସଂଘର୍ଷ ପୂର୍ଣ୍ଣ ହୋଇଥିଲା । ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ବରଗଡ଼ ଦଳ ଗୋଟିଏ ଗୋଲ ଦେଇ ଆଗୁଆ ଥିବା ବେଳେ ଗର୍ଭଣା ଦଳ ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ଗୋଲ ପରିଶୋଧ କରି ମ୍ୟାଚ୍‌କୁ ରୋମାଞ୍ଚକର ମୋଡ଼ ଦେଇଥିଲା । ନିର୍ଦ୍ଧାରିତ ସମୟରେ ଉଭୟ ଦଳ ୧-୧ ଗୋଲରେ ସମାନ ସ୍ଥିତିରେ ରହିବାରୁ ମ୍ୟାଚ୍‌ର ଫଳାଫଳ ପାଇଁ ଉଭୟ ଦଳ ମଧ୍ୟରେ ଟାଇବ୍ରେକର ହୋଇଥିଲା । ଏହି ଟାଇବ୍ରେକରରେ ମଧ ଅନ୍ତିମ ମୁହୂର୍ତ୍ତ ପର୍ଯ୍ୟନ୍ତ ରୋମାଞ୍ଚ ଭରି ରହିଥିଲା । ପ୍ରଥମ ରାଉଣ୍ଡରେ ଉଭୟ ଦଳ ପକ୍ଷରୁ ୫ଟି ଲେଖାଏଁ ଗୋଲ ହୋଇଥିଲା । ଏଣୁ ଦ୍ୱିତୀୟ ପର୍ଯ୍ୟାୟ ହୋଇଥିଲା । ଏଥିରେ ବରଗଡ଼ ଦଳ ସମସ୍ତ ୫ଟି ଗୋଲ ଦେବାରେ ସଫଳ ହୋଇଥିବା ବେଳେ ଗର୍ଭଣା ଦଳ ପଞ୍ଚମ ଗୋଲ ଦେବାରେ ଅସଫଳ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଥିଲା । ଆଜିର ମ୍ୟାଚ୍‌ରେ ସୋହେଲା ଆଥେଲେଟିକ ଆସୋସିଏସନ ସଭାପତି ସତ୍ୟନାରାୟଣ ଦେବତା ଉପସ୍ଥିତ ଥିଲେ । ମ୍ୟାଚ୍‌କୁ ଶ୍ରୀନିବାସ ରାଓ, ଅଶ୍ୱିନୀ ମେହେର, ଅଜୟ ପଧାନ ଏବଂ ରଞ୍ଜିତ ଛତିରିଆ ପ୍ରମୁଖ ପରିଚାଳନା କରିଥିଲେ ।

## ଆନ୍ଧ୍ର କବଜାରେ ବଲାଙ୍ଗିର କପା
# ଅମଳ ପୂର୍ବରୁ ମୂଳଚାଲ, ସ୍ଥାନୀୟ ଚାଷୀ ଭକୁଆ

**ବଲାଙ୍ଗିର, ୨୯।୯ (ସମିସ)**

ଜାତୀୟ ତଥା ଅନ୍ତର୍ଜାତୀୟ ବଜାରରେ ବଲାଙ୍ଗିର ଜିଲ୍ଲାରୁ ଉତ୍ପାଦିତ କପାର ବେଶ୍ ଚାହିଦା ରହିଛି। ଆଉ ପ୍ରାୟ ଦୁଇ/ତିନି ମାସ ପରେ ଜିଲ୍ଲାରେ କପା ବିକ୍ରି ଆରମ୍ଭ ହେବ; କିନ୍ତୁ କପା ଅମଳ ହେବା ପୂର୍ବରୁ ଓଡ଼ିଶା କପା ଉପରେ ଏବେ ଆନ୍ଧ୍ର ଚାଷୀଙ୍କ ଆଖି ପଡ଼ିଛି। ଜିଲ୍ଲାରେ ଉତ୍ପାଦିତ ହେଉଥିବା କପାର ପ୍ରାୟ ୮୦ ଭାବେ ଆନ୍ଧ୍ର ଚାଷୀଙ୍କ କବଜାରେ ରହିଥିବା ବେଳେ ଆଉ ବାକି ଛୋଟ ଓଡିଆ ଚାଷୀରେ ହାତରେ ରହିଛି। ଅଳ୍ପ ପରିମାଣର କିଛି କପାକୁ ସରକାରୀ ଦରରେ ବିକ୍ରି କରି ଉତ୍ପାଦନର ସିଂହଭାଗ ବାହାରକୁ ଚାଲାଣ ହୋଇଥାଏ। ଏହାଫଳରେ ନିଜ ଜମିରେ ଚାଷ କରି କପାଚାଷୀ କ୍ଷତି ସହିବା ସହ ଚାଷରୁ ମୁହଁ ମୋଡୁଥିବା ଦେଖିବାକୁ ମିଳିଛି।

ବଲାଙ୍ଗିର କପା ଉପରେ ସମସ୍ତଙ୍କ ନଜର ରହିଥାଏ। ତେବେ କପା ଅମଳ ହେବା ପୂର୍ବରୁ ବର୍ତ୍ତମାନ ଏହି କପା ଉପରେ ଆନ୍ଧ୍ର ଚାଷୀ ଓ ବ୍ୟବସାୟୀଙ୍କ ନଜର। ଧଳାହୀରାର ଜିଲ୍ଲା ଭାବେ ବଲାଙ୍ଗିର ଜିଲ୍ଲାର ନାଁ ରହିଛି। ପୂର୍ବରୁ ଜିଲ୍ଲାର ଚାଷୀ ଏହି ଚାଷ କରିବାକୁ ଇଚ୍ଛା ପ୍ରକାଶ କରୁଥିଲେ; କିନ୍ତୁ ବିଗତ କିଛି ବର୍ଷ ହେଲା ଏହି ଚାଷରେ ଆନ୍ଧ୍ର ଚାଷୀଙ୍କ ପ୍ରଭାବ ଦେଖିବାକୁ ମିଳିଛି। ଅଳ୍ପ ବହୁତ କପା ସରକାରୀ ଦରରେ ମଣ୍ଡିରେ ବିକ୍ରି ହେଉଥିବା ବେଳେ କପା ଚାଷର ସିଂହ ଭାଗ ରାଜ୍ୟ ବାହାରକୁ ଚାଲାଣ ହେଉଥିବା ଅଭିଯୋଗ ହେଉଛି। ସମାନ ପରିମାଣରେ ଆରଏମସି କର୍ମଚାରୀ ଏହି ଲାଭଖୋର ଚାଷୀଙ୍କୁ ପ୍ରୋତ୍ସାହିତ କରୁଥିବା ବେଳେ



ଅସଲ କପା ଚାଷୀଙ୍କୁ ବିଭିନ୍ନ ଆଳରେ ହଇରାଣ କରୁଥିବା ମଧ୍ୟ ଅଭିଯୋଗ ହୋଇଥାଏ। ବଲାଙ୍ଗିର ଜିଲ୍ଲା ସଦର ବ୍ଲକର କପା ଚାଷୀ ଅକ୍ଷୟ ମେହେର ଗାଁ ନିକଟରେ ଥିବା ୮ ଏକର ଜମିକୁ ଲିଜରେ ନେଇ ପ୍ରତିବର୍ଷ କପା ଚାଷ କରିଥାନ୍ତି। ଉତ୍ପାଦିତ ହେଉଥିବା କପାକୁ ସେ ମଣ୍ଡିରେ ନଦେଇ ସିଧାସଳଖ କଟନ ମିଲରେ ଦେଇଥାନ୍ତି। କ୍ୱିଣ୍ଟାଲ ପ୍ରତି ତାଙ୍କୁ ମିଲର୍ସ ସରକାରୀ ଧାର୍ଯ୍ୟ ଦରରୁ କେତେବେଳେ କମ୍ ତ କେତେବେଳେ କିଛି ଟଙ୍କା ଅଧିକ ପ୍ରଦାନ କରିଥାଏ। ତେବେ ଏହି ଟଙ୍କା ବି କପା ଚାଷ ଆଗରେ ବହୁତ କମ୍ ବୋଲି ସେ ଅଭିଯୋଗ କରିଛନ୍ତି। ସରକାରୀ ବ୍ୟବସ୍ଥା ସତ୍ତ୍ୱେ ସେ କାହିଁକି ସିଧାସଳଖ କଟନ ମିଲରେ କପା ଦେଉଛନ୍ତି ସେ ନେଇ ପଚାରିବାରୁ କପାର ମାନ ଉପରେ ପ୍ରଶ୍ନ ଉଠାଇ ଠିକ୍ ଭାବେ

### ସ୍ଥାନୀୟ ଚାଷୀଙ୍କୁ ମିଳୁନି ପ୍ରଶାସନିକ ସହଯୋଗ

### ହଇରାଣ ହେବା ଆଶଙ୍କାରେ ଆନ୍ଧ୍ର ଚାଷୀଙ୍କୁ ଟେକିଦେଉଛନ୍ତି କପା

ଟଙ୍କା ଦେଉ ନ ଥିବାରୁ ସେ ମଣ୍ଡିକୁ କିଛି ବର୍ଷ ହେଲା ଦେଉନାହାନ୍ତି ବୋଲି କହିଛନ୍ତି। ଅନେକ ସମୟରେ ଅମଳ ହୋଇଥିବା କପାକୁ ଚାଷୀମାନେ ସିଧାସଳଖ ବଲାଙ୍ଗିରରେ ଥିବା ଅମ୍ବିକା ଜିନିଂ ମିଲ୍‌କୁ ମଧ୍ୟ ଦେଉଥିବା ଦେଖିବାକୁ ମିଳିଥାଏ। କପା ଚାଷୀ ଅନେକ ସମୟରେ ଶୋଷଣର ଶିକାର ହେଉଥିବାରୁ ନିଜେ ଚାଷ ନ କରି ନିଜ ଜମି ଆନ୍ଧ୍ର ବ୍ୟବସାୟୀଙ୍କୁ ଟେକିଦେଉଥିବା ଅଭିଯୋଗ କରିଛନ୍ତି। ଜିଲ୍ଲାରେ ପ୍ରାୟ ୧୫ଟି ଜିନିଂ ମିଲ୍‌କୁ କପା କିଣିବାର ଅନୁମତି ଦିଆଯାଇଥାଏ। ବଲାଙ୍ଗିର ଉପଖଣ୍ଡର ବଲାଙ୍ଗିର, ଲୋଇସିଂହା, ପୁଇଁନ୍ତଲା, ଦେଓଗାଁରେ ବହୁ ପରିମାଣର କପା ଚାଷ ହେଉଥିବା ବେଳେ କେବଳ ଗୋଟିଏ କଟନ ମିଲ୍ ରହିଛି। ସେହିପରି କଣ୍ଟାବାଞ୍ଜି, ପାଟଣାଗଡ଼, ଟିଟିଲାଗଡ଼, ଖପ୍ରାଖୋଲ, ତୁରେକେଲା ଭଳି ବ୍ଲକରେ ମଧ୍ୟ ଭଲ କପା ଚାଷ ହୋଇଥାଏ। କପା ସିଧାସଳଖ ଅନ୍ତର୍ଜାତୀୟ ବଜାରକୁ ପ୍ରଭାବିତ କରୁଥିବା ବେଳେ ଚାଷୀ ଅପେକ୍ଷା ଏହି ବ୍ୟବସାୟୀମାନେ ଚାଷୀଙ୍କଠାରୁ କମ୍ ଦରରରେ କିଣି ଚଢାଦରରରେ ବିକ୍ରି କରି ମାଲେମାଲ ହୋଇଥାନ୍ତି। ଏଥିରେ ଆରଏମସି, କଟନ କର୍ପୋରେସନ ଅଫ ଇଣ୍ଡିଆର ଅଧିକାରୀମାନେ ସହଯୋଗ କରୁଥିବାରୁ ରାଜ୍ୟର ଚାଷୀ ନିଜ କପା କିଆରୀକୁ ଆନ୍ଧ୍ର ଚାଷୀଙ୍କୁ ଟେକିଦେଉଥିବା ଅଭିଯୋଗ କରିଛନ୍ତି। ଆଉ ଦୁଇ ତିନି ମାସ ଗଲା ପରେ ଧଳା ହୀରାର କଳା କାରବାର ଆରମ୍ଭ ହେବ। ଜିଲ୍ଲାର କପା ଚାଷର ସିଂହଭାଗ ଆନ୍ଧ୍ର ବ୍ୟବସାୟୀଙ୍କ ହାତକୁ ଚାଲିଯାଇଥିବା ବେଳେ ଆଉ କିଛି ଦିନ ପରେ ସବୁକିଛି ତାଙ୍କ ହାତକୁ ଯିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ଏହା ପୂର୍ବରୁ ଓଡିଆ ଚାଷୀଙ୍କ ସ୍ୱାର୍ଥ୍ୟକୁ ଦୃଷ୍ଟିରେ ରଖି ପ୍ରଶାସନ ଓ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ।

## ଆରମ୍ଭ ହେଲା ବିଶ୍ୱନାଥପୁର ଦୁର୍ଗାପୂଜା



**ଲାଞ୍ଜିଗଡ଼, ୨୯।୯ (ସମିସ):** ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଦୁର୍ଗାପୂଜା ପାଇଁ ରବିବାର ସ୍ଥାନୀୟ ଶିବମନ୍ଦିର ନାଳରୁ କଳସ ଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ଶହଶହ ମହିଳା ଅଂଶଗ୍ରହଣ କରି ଏକ ଭବ୍ୟ ଶୋଭାଯାତ୍ରାରେ ପୂଜା ମଣ୍ଡପକୁ କଳସ ନେଇ ଆସିଥିଲେ। ଚଳିତବର୍ଷ ବିଶ୍ୱନାଥପୁର ଦୁର୍ଗାପୂଜା ପାଞ୍ଚ ଦିନ ଧରି ପାଳିତ ହେବ, ଏଥିପାଇଁ ସମସ୍ତ ପ୍ରସ୍ତୁତି ସହ ପୂଜା ଆରମ୍ଭ ହୋଇଛି ବୋଲି ପୂଜା କମିଟି ସଭାପତି ଶ୍ରୀ ବେନିଆ ପ୍ରକାଶ କରିଛନ୍ତି। କର୍ତ୍ତା ଭାବରେ ପ୍ରଦୀପ ଘଡ଼େଇ ଓ ତାଙ୍କ ଧର୍ମପତ୍ନୀ ଲକ୍ଷ୍ମୀ ଘଡ଼େଇ ଦାୟିତ୍ୱ ତୁଲାଉଛନ୍ତି। ପୂଜକ କୈଳାସ ଦାସ, କାଳିଆ ଦାସ, ରୁନୁ ପାଢ଼ୀ, ନିରୋଜ ଦାସ ପ୍ରମୁଖ ପରିଚାଳନା କରୁଥିବା ବେଳେ ଘଣ୍ଟ, ବାଦ୍ୟ, ହରିହରପୁର ସଂକୀର୍ତ୍ତନ ମଣ୍ଡଳୀ, ମାଁ ହିରାନୀଳା ବ୍ୟାଣ୍ଡ ପାଂଟି, ସିତାପୁର ଘୁମୁରା, ସହ ବିଶ୍ୱନାଥପୁର ପଞ୍ଚାୟତର ଭକ୍ତମାନେ ଏକ ବିରାଟ ପଟୁଆରରେ ବିଶ୍ୱନାଥପୁର ଦୁର୍ଗାପୂଜା ମଣ୍ଡପ ଯାଏଁ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। ଉପସଭାପତି ହରିହର କୁମାର, ସମ୍ପାଦକ ଅନନ୍ତ ପ୍ରଧାନୀ, ସହସମ୍ପାଦକ କିଶୋର ହରପାଳ, କୋଷାଧ୍ୟକ୍ଷ ସୁବାସ ନାଏକ, ସହ କୋଷାଧ୍ୟକ୍ଷ ଜିତୁ ସାହୁ, ଉପଦେଷ୍ଟା ତରୁଣ କୁମାର ଦାସ, ଧବଳେଶ୍ୱର ଠେଲା, ମନୋରଞ୍ଜନ ବିଶି, ବଳରାମ ବେହେରା, ଅଚ୍ୟୁତ ଘଡେଇ, ଘନଶ୍ୟାମ ସୁନାଙ୍କ ସମେତ କମିଟିର ସମସ୍ତ ସଦସ୍ୟ, ଯୁବଗୋଷ୍ଠୀ ଅଞ୍ଚଳବାସୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

## ଆଜି ଘଣ୍ଟାଶୁନିଙ୍କ ନଗର ଯାତ୍ରା

**ଟିଟିଲାଗଡ଼, ୨୯।୯ (ସମିସ):** ଟିଟିଲାଗଡ଼ର ଇଷ୍ଟଦେବୀ ମା' ଘଣ୍ଟାଶୁନିଙ୍କ ନଗର ଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହେବ। ମା'ଙ୍କ ନବରାତ୍ର ପୂଜାତ୍ସବ ନେଇ ସ୍ଥାନୀୟ ହାଟପଦାପଡ଼ାସ୍ଥିତ ପୀଠରେ ଦର୍ଶନ ପାଇଁ ପ୍ରତ୍ୟେହ ଭକ୍ତଙ୍କ ଗହଳି ଲାଗି ରହିଛି। ମାନସିକ ନେଇ ଅନେକ ଭକ୍ତ ମନ୍ଦିରରେ ୯ ଦିନ ବ୍ୟାପୀ ଅଖଣ୍ଡ ଦୀପ ଥାପି ପୂଜାର୍ଚ୍ଚନା କରୁଛନ୍ତି। ନବରାତ୍ର ନେଇ ବ୍ୟାପକ ସାଜସଜ୍ଜା ସହ ଆଲୋକମାଳାରେ ମନ୍ଦିର ଝଲସୁଛି। ସୋମବାର ମା'ଙ୍କ ସିଙ୍ଗାର ସମ୍ପନ୍ନ ହୋଇଛି। ମନ୍ଦିରର ମୁଖ୍ୟ ପୂଜକ ରାୟ ସିଂପାତ୍ର, କୃଷ୍ଣ ସିଂପାତ୍ର, ଯୋଗେଶ ସିଂ ପାତ୍ର, ରାଜକୁମାର ସିଂପାତ୍ର, ଉମେଶ ସିଂପାତ୍ର, ହରିହର ସିଂପାତ୍ର, ରାମଚନ୍ଦ୍ର ସିଂପାତ୍ର, ଆନନ୍ଦ ସିଂପାତ୍ର, କ୍ଷୀରୋଦ ସିଂପାତ୍ର ପ୍ରମୁଖ ପୂଜାର୍ଚ୍ଚନା ଦାୟିତ୍ୱ ନିର୍ବାହ କରୁଛନ୍ତି। ନବମୀରେ ମା'ଙ୍କ ନଗର ଯାତ୍ରା ନେଇ ଭକ୍ତଙ୍କ ମଧ୍ୟରେ ପ୍ରବଳ ଉତ୍କଣ୍ଠା ପ୍ରକାଶ ପାଇଛି। ଏହି ଦିନ ସହରର ସର୍ଗିଗୁଡା ସ୍ଥିତ ପାଟମାଝୀ ବିଷ୍ଣୁ ମାଝୀଙ୍କ ଘରୁ ବାହାରି ଦେବନ୍ଧ ପଡ଼ା ଗୌନ୍ତିଆଙ୍କ ଘରକୁ ଆସିଥାନ୍ତି। ସେଠାରୁ ମନ୍ଦିରକୁ ଆସି ବିଶେଷ ଭୋଗ ଗ୍ରହଣ ପରେ ଭକ୍ତଙ୍କ ଗହଣରେ



ନଗର ପରିକ୍ରମାରେ ବାହାରନ୍ତି। ପ୍ରଶାସନ ପକ୍ଷରୁ ଉପଜିଲାପାଳ ପଦ୍ମନାଭ ସାମନ୍ତରାୟ, ପୌର ନିର୍ବାହୀ ଅଧିକାରୀ ଚନ୍ଦନ ଶତପଥୀ, ଏସଡ଼ିପିଓ ଯଶୋବନ୍ତ ପ୍ରଧାନୀ, ଆଇଆଇସି କଲ୍ୟାଣୀ ବେହେରା ପୀଠରେ ନବରାତ୍ର ତଥା ଦେବୀଙ୍କ ନଗର ଯାତ୍ରା ନେଇ ବିଭିନ୍ନ ବ୍ୟବସ୍ଥା ତଦାରଖ କରିଛନ୍ତି।

## ଦୁର୍ଗାପୂଜାରେ ଚଳଚଞ୍ଚଳ ତରଭା ଅଞ୍ଚଳ



**ତରଭା, ୨୯।୯ (ସମିସ):** ତରଭା ସହର ସମେତ ବ୍ଲକର ମେଣ୍ଡା, ଦେଉଳପଦର, କମସରା, ଚାରଭଟ୍ଟାରେ ମା' ଦୁର୍ଗାଙ୍କ ଶାରଦୀୟ ପୂଜା ଆନନ୍ଦ ଉତ୍ସାହର ସହ ପାଳନ କରାଯାଉଛି। ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରାଯାଇଛି। ପୂଜା ମଣ୍ଡପକୁ ଆକର୍ଷଣୀୟ ଭାବେ ସଜା ଯାଇଛି। ତରଭା ଦୁର୍ଗା ମଣ୍ଡପରେ ଆୟୋଜିତ ପୂଜାରେ ରତନ ମେହେର ଓ ପୁଷ୍ପାଞ୍ଜଳି ମେହେର କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ଆଚାର୍ଯ୍ୟ ପଣ୍ଡିତ କମଳାକାନ୍ତ ମିଶ୍ର, ସୁଶାନ୍ତ ପାଢ଼ୀ, ରଜତ ତ୍ରିପାଠୀ, ଚୈତନ୍ୟ ମିଶ୍ର, ଛବିଚନ୍ଦ୍ର ଗୁରୁ ଓ ଝାଙ୍କର ବିଜୟ ମହଲା ମା'ଙ୍କ ପୂଜାର୍ଚ୍ଚନା ଦାୟିତ୍ୱ ତୁଲାଉଛନ୍ତି। ଲାଲବିହାରୀ ରଣା ଓ ପୂଜା କମିଟିର ସମସ୍ତ ସଦସ୍ୟ ସହଯୋଗ କରୁଛନ୍ତି।

## ଡୁଙ୍ଗୁରିପାଲିରେ ଦୁର୍ଗାପୂଜା

**ଡୁଙ୍ଗୁରିପାଲି, ୨୯।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବସ୍‌ଷ୍ଟାଣ୍ଡସ୍ଥିତ ଜୟମାତାଜୀ କ୍ଲବ ଆନୁକୂଲ୍ୟରେ ୩୦ତମ ଦୁର୍ଗାଙ୍କ ପୂଜା ଆରମ୍ଭ ହୋଇଛି। ଶଶାଙ୍କ ସିଂ ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇ ଥିବାବେଳେ ପୂଜକ ଭାବେ ଲୁଲୁ ମିଶ୍ର ଦାୟିତ୍ୱ ତୁଲାଇଛନ୍ତି। କମିଟି ସଭାପତି ଆଭାସ ଅଗ୍ରୱାଲ, ସମ୍ପାଦକ ସଚୀନ ପାତ୍ର, କୋଷାଧ୍ୟକ୍ଷ ଲକି ବାରିକ, ରାହୁଲ ମେହେର, ସୁନୀଲ ସେଠ, ଅଭିଜିତ ନାଏକ, ସୀତାରାମ ମେହେର, ପ୍ରଦୀପ ମିଶ୍ର, ମୁକେଶ ଭୋଇ, ସଙ୍ଘାଳି ସାହୁ, ରାଜେଶ ଅଗ୍ରୱାଲ, ଉତ୍ତମ ନାଏକ, ଜଗଦୀଶ ପୁଟା, ବୀରେନ୍ଦ୍ର ଭୋଇ, ଦୁଃଖିରାମ ବେହେରା, ଅନିଲ ସେଠ, ରାହୁଲ ସାହୁ, ଅମ୍ଲାନ ବାରିକ ପ୍ରମୁଖ ସହଯୋଗ କରୁଛନ୍ତି।



## ଟିଟିଲାଗଡ଼ରେ ଅନ୍ନପୂର୍ଣ୍ଣା ପୂଜା

**ଟିଟିଲାଗଡ଼, ୨୯।୯ (ସମିସ):** ଟିଟିଲାଗଡ଼ରେ ମା' ଅନ୍ନପୂର୍ଣ୍ଣାଙ୍କ ପୂଜା ଉତ୍ସବ ଆରମ୍ଭ ହୋଇଛି। ସନ୍ତୋଷ ବାଗ ଏବଂ ତାଙ୍କ ପତ୍ନୀ ଅମୃତା ବାଗ କର୍ତ୍ତା ଭାବେ ଥିବାବେଳେ ରୂପକ ନାୟକ ପୂଜକ ଦାୟିତ୍ୱରେ ଅଛନ୍ତି। ସଭାପତି ଆଶିଷ ବେହେରା, ସମ୍ପାଦକ ଅର୍ଜୁନ ଭାଟି, କୋଷାଧ୍ୟକ୍ଷ ସଦାନନ୍ଦ ସାହୁ, ମୁଖ୍ୟ ଉପଦେଷ୍ଟା ସୌମ୍ୟରଞ୍ଜନ ଦୋରା, ପ୍ରଭୁଦତ୍ତ ବିଶ୍ୱାଳ, ଅଙ୍କୁର ଦୀପ, ନସିବ ରଣା, ଚିତ୍ତରଞ୍ଜନ ସାହୁ, ଅଶୋକ




ତ୍ରିପାଠୀ, ଦେବରାଜ ବଗର୍ତ୍ତୀ, ଦୀନବନ୍ଧୁ ନାଗ, ଦେବାନନ୍ଦ ବାଗ, ଗୋବିନ୍ଦ ରଣା, ସନ୍ତୋଷ ସାହୁ, ଆଶିଷ ବେହେରା, ବାପୁନି ପଣ୍ଡା, ମଣ୍ଟୁ ସୌରା, ଗୋପାଳ ସାହୁ, ନାରାୟଣ ନାଗ, କିଷାନ ଭୋଇ, ନରୋତ୍ତମ ବାଗ, ଚୁଡାମଣି ଖରସେଲ, ଦୁଃଶାସନ କଟା, ଗଜାନନ ଦାଶ ପ୍ରମୁଖ ବିଭିନ୍ନ ଦାୟିତ୍ୱ ନିର୍ବାହ କରୁଛନ୍ତି।

## ମଦ ଦୋକାନରୁ ୮ ଲକ୍ଷ ଟଙ୍କା ଚୋରି

**କଲମପୁର, ୨୯।୯ (ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ଥାନା ଅଧୀନସ୍ଥ ବଡ଼କୁଟ୍ରୁ ଫାଣ୍ଡି ଅଧୀନ ବୀଜମରା ଗ୍ରାମରେ ଥିବା ବିଦେଶୀ ଠିପି ବନ୍ଦ ମଦ ଦୋକାନରୁ ୮ ଲକ୍ଷଟଙ୍କା ଚୋରି ଅଭିଯୋଗ ହୋଇଛି। ଅଭିଯୋଗ ପାଇ ପୁଲିସ ତଦନ୍ତ ଜାରିରଖିଛି। ସୂଚନା ଅନୁସାରେ ରବିବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଯୋଜନାବଦ୍ଧ ଭାବେ କାନ୍ଥ ତାଡ଼ି ଦୋକାନକୁ ପଶି କାଉଣ୍ଟରରେ ଥିବା ୮ ଲକ୍ଷ ଟଙ୍କାକୁ ଚୋରି କରି ନେଇଥିଲେ। ପ୍ରମାଣ ନଷ୍ଟ ପାଇଁ ସିସିଟିଭି ଭାଙ୍ଗି ହାର୍ଡ ଡିସ୍କକୁ ମଧ୍ୟ ନେଇଯାଇଛନ୍ତି। ଦୋକାନର କର୍ମଚାରୀ ମାଲିକଙ୍କୁ ଜଣାଇବାରୁ ମାଲିକଙ୍କ ସାନଭାଇ ଗୌରଭ ଜଏସ୍ୱାଲ ସୋମବାର ସକାଳୁ କଲମପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। କଲମପୁର ଥାନା ଆଇଆଇସି. ବିଶ୍ୱମ୍ବର କହଁର ଅଭିଯୋଗକୁ ଭିତ୍ତିକରି କେସ ଏକ ମାମଲା ରୁଜୁ କରିଥିଲେ। ଘଟଣାସ୍ଥଳରେ କଲମପୁର ଏସ୍‌ଆଇ. ଶିବ ଶଙ୍କର ମହାନ୍ତି, ବଡ଼କୁଟ୍ରୁ ଫାଣ୍ଡି ଅଧିକାରୀ ଅସିତ କୁମାର ପଣ୍ଡା ଯାଇ ପ୍ରାଥମିକ ତଦନ୍ତ କରିଥିଲେ। ଅଧିକ ତଦନ୍ତ ପାଇଁ ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ ଟିମର ସାହାଯ୍ୟ ମାଗିଥିଲେ। କାଉଣ୍ଟରରୁ ହିସାବ ଅନୁସାରେ ୭ ଲକ୍ଷ ୮୦ ହଜାର ଟଙ୍କା ଚୋରି ହୋଇଛି। ଏନେଇ ତଦନ୍ତ ଜାରି ରହିଛି ବୋଲି ଏସ୍‌ଡିପିଓ ଶ୍ରୀ ଭୋଇ ପ୍ରକାଶ କରିଛନ୍ତି।

## ଧର୍ମଗଡ଼ରେ ବିପୁଳ ପରିମାଣରେ ବାଣ ଜବତ



**ଧର୍ମଗଡ଼, ୨୯।୯ (ସମିସ):** ଧର୍ମଗଡ଼ ପୁଲିସ ତରଫରୁ ଧର୍ମଗଡ଼ ସହରର ବିଭିନ୍ନ ଦୋକାନରୁ ବହୁ ପରିମାଣର ବାଣ ଜବତ କରାଯାଇଛି। ଧର୍ମଗଡ଼ ପୁଲିସ ଗତ କିଛି ଦିନ ହେବ ଲଗାତାର ଧର୍ମଗଡ଼ ସହରରେ ଥିବା ଅନେକ ବେଆଇନ ବାଣ ବିକ୍ରି କରୁଥିବା ଦୋକାନ ଗୁଡିକରେ ଚଢ଼ଉ ଜାରି ରଖିଛି। ରବିବାର ଧର୍ମଗଡ଼ ସହରସ୍ଥିତ ୟୁନିକ କଲେକ୍ସନ ଦୋକାନରେ ଅତର୍କିତ ଚଢ଼ଉ କରିଛି। ଦୋକାନରୁ ବହୁ ପରିମାଣର ବାଣ ଜବତ କରିଥିବାବେଳେ ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ଦୋକାନ ମାଲିକ ମୀନକେତନ ସାହୁଙ୍କ ନାମରେ ଏକ ମାମଲା ରୁଜୁ କରିଥିବା ଧର୍ମଗଡ଼ ଥାନାଧିକାରୀ ସୁଦର୍ଶନ ନାୟକ ସୂଚନା ଦେଇଛନ୍ତି। ପୂର୍ବରୁ ମଧ୍ୟ ଧର୍ମଗଡ଼ ସହରର ବିଭିନ୍ନ ଦୋକାନୀ ବୈନ ବେହେରା, ମନୋଜ କୁମାର ଅଗ୍ରୱାଲ, ମୁକେଶ କୁମାର ଅଗ୍ରୱାଲ, ଆଇଶ୍ୱର୍ଯ୍ୟ ଗୋୟଲ ଓ ମୀନକେତନ ସାହୁଙ୍କ ଠାରୁ ବହୁ ପରିମାଣର ବାଣ ଜବତ ହୋଇଥିଲା। ଯାହାର ଆନୁମାନିକ ମୂଲ୍ୟ ୫ଲକ୍ଷ ଟଙ୍କା ବୋଲି ଜଣାପଡ଼ିଛି।

## ପ୍ରଜାମେଳିର ୮୭ ବର୍ଷ ପୂର୍ତ୍ତି ସମାରୋହ

**ବଲାଙ୍ଗିର, ୨୯।୯ (ସମିସ):** ସଦର ବ୍ଲକ ଚୁଡାପାଲି ହାଇସ୍କୁଲ ପଡ଼ିଆରେ ପ୍ରଜାମେଳିର ୮୭ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତା ସଂଗ୍ରାମୀ ଯୋଗେଶ୍ୱର କୁମୁରା ସ୍ମୃତି କମିଟି ଆନୁକୂଲ୍ୟରେ ଆୟୋଜିତ ସ୍ମୃତିସଭାରେ ବୁଦ୍ଧିଜୀବୀ ତଥା ଗଉନ୍ତିଆ ଲୋକନାଥ କୁମୁରା ଅଧକ୍ଷତା କରିଥିଲେ। ନିଳମଣି ଦଣ୍ଡସେନା, ଗିରିଧାରି ପୁଟା, ସୁଶୀଲ ବେହେରା, ଚମରା ଧରୁଆ, ସରପଞ୍ଚ ଜନାର୍ଦ୍ଦନ ମହାପାତ୍ର, ଯୁବନେତା ପଙ୍କଜ ମାଲ, ତେଜରାଜ ସାହୁ, ସରୋଜ ଗଡ଼ତ୍ୟା, ଜୟଦେବ ପଟେଲ, ଆବାହକ ଜୟକୃଷ୍ଣ ମିଶ୍ର ପ୍ରମୁଖ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ।



## ଦୁର୍ଗାପୂଜାରେ ଟ୍ରାଫିକ ପରିଚାଳନା ପାଇଁ ସ୍ୱତନ୍ତ୍ର ରୋଡ୍‌ମ୍ୟାପ୍

**ରାଉରକେଲା, ୨୯।୯ (ସମିସ):** ଷ୍ଟିଲ୍ ଟାଉନ୍‌ସିପ୍ ରାଉରକେଲାରେ ଶାରଦୀୟ ଦୁର୍ଗାପୂଜା ପାଇଁ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ଯାନବାହାନ ପାର୍କି ଓ ଭାରିଯାନ ଚଳାଚଳ ପାଇଁ ସ୍ୱତନ୍ତ୍ର ରୋଡମ୍ୟାପ୍ ଜାରି କରିଛନ୍ତି। ରବିବାର ସପ୍ତମୀ ଠାରୁ ଆସନ୍ତା ଶୁକ୍ରବାର ମେଳଣ ତଥା ଭସାଣିଯାତ୍ରା ପର୍ଯ୍ୟନ୍ତ ଜନସାଧାରଣଙ୍କ ଯାତ୍ରାକୁ ସୁନିୟନ୍ତ୍ରିତ କରିବା ପାଇଁ ଏହି ସ୍ୱତନ୍ତ୍ର ରୋଡମ୍ୟାପ୍ ଜାରି କରାଯାଇଛି। ସମସ୍ତ ରାତ୍ରକାଳୀନ ସରକାରୀ ଓ ବେସରକାରୀ ଯାତ୍ରୀବାହୀ ବସ୍ ସେକ୍ଟର-୨ ବସ୍ ଷ୍ଟାଣ୍ଡରୁ ବିଶ୍ରା ଛକ, ଟ୍ରାଫିକ୍‌ଗେଟ୍ ଛକ ଦେଇ ନିଜର ଗନ୍ତବ୍ୟ ସ୍ଥଳକୁ ଯିବେ। ସେହିପରି ଦିନ ୩ଟାରୁ ମଧ୍ୟରାତ୍ର ଯାଏ 'ଆମ ବସ୍' ଗାୟତ୍ରୀ ମନ୍ଦିର ଛକରୁ ସ୍ୱେସ୍ ଛକ ଆଡ଼କୁ ଯାତାୟାତ କରିବା ଉପରେ କଟକଣା ଲଗାଯାଇଛି। ସେହି ସମୟରେ ସମସ୍ତ ଭାରିଯାନ ଟିସିଆଇ ଛକରୁ ରାଉରକେଲା ସହରକୁ ଯାତାୟାତ କରିବା ଉପରେ ମଧ୍ୟ କଟକଣା ଲଗାଯାଇଛି। ବନ୍ଧମୁଣ୍ଡା ପଟରୁ ଆସୁଥିବା ଭାରୀଯାନ କୋଇଲା ଗେଟ୍ ଛକରେ ଅଟକି ରହିବେ। ଦଶହରା ବା ବିଜୟା ଦଶମୀ ଦିନ ଛେଣ୍ଡ ଛକରୁ ସ୍ୱେସ୍ ଛକ ଆଡ଼କୁ ଯାନବାହାନ ଯାତାୟାତ ଉପରେ ରୋକ୍ ଲଗାଯାଇଛି। ଯାତ୍ରୀମାନେ ଛେଣ୍ଡ ଛକରୁ ବୀର୍ସାମୁଣ୍ଡା ହକି ଷ୍ଟାଡିୟମ ଆଡ଼କୁ ଯାଇ ଏୟାରଷ୍ଟ୍ରିପ୍ ପାର୍କି ସ୍ଥଳରେ ଗାଡ଼ି ରଖି ରାବଣପୋଡ଼ି ଦେଖିବାକୁ ଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆମ୍ବାଗାନ ଛକ ପଟୁ ଆସୁଥିବା ସମସ୍ତ ଯାନବାହନ ସେକ୍ଟର-୯ ଛକରୁ ଏସ୍‌ଓଏସ୍ ଭିଲେଜ୍ ଛକ ଦେଇ ଛେଣ୍ଡଛକକୁ ଯିବେ। ରାବଣପୋଡ଼ି ଦିନ ସେକ୍ଟର-୯ ପଡ଼ିଆ ଓ ସେକ୍ଟର-୧୩ ଦୁର୍ଗାପୂଜା ପଡ଼ିଆ ପାର୍କି ସ୍ଥଳରେ ଗାଡ଼ି ରଖିବାର ବ୍ୟବସ୍ଥା କରାଯାଇଛି। ୩ ତାରିଖ ଭସାଣିଯାତ୍ରା ଦିନ ସମସ୍ତ ଯାନବାହନ ସେକ୍ଟର-୯ ଛକ ଓ ଏସ୍‌ଓଏସ୍ ଭିଲେଜ୍ ଛକରୁ ଆଗକୁ ଯିବାକୁ ବାରଣ କରାଯାଇଛି। ସେକ୍ଟର-୨ ମେଢ଼ ସମ୍ମୁଖ ରିଙ୍ଗରୋଡ୍ ପାଖରେ ଓ ମେଢ଼ର ଡାହାଣ ପାର୍ଶ୍ୱରେ ପାର୍କି ବ୍ୟବସ୍ଥା କରାଯାଇଛି। ଟେଲିଫୋନ୍ ଭବନ ମେଢ଼ ପାଇଁ ଇସ୍ପାତ ମାର୍କେଟ୍ ଓ ସେକ୍ଟର-୬ ବସ୍ ଗ୍ୟାରେଜ ରୋଡ୍‌ର ଉଭୟ ପାର୍ଶ୍ୱରେ ପାର୍କି ବ୍ୟବସ୍ଥା କରାଯାଇଛି। ସେକ୍ଟର-୭ ମେଢ଼ ପାଇଁ ରିଙ୍ଗ ରୋଡର ପାର୍ଶ୍ୱକୁ ଲାଗିଥିବା ଜାଗାରେ ପାର୍କି ବ୍ୟବସ୍ଥା କରାଯାଇଛି। ସେକ୍ଟର-୧୬ ମେଢ଼ ପାଇଁ ଡିଏଭି ସ୍କୁଲ ଭିତରେ ଓ ମେଢ଼ ପଛରେ ପାର୍କି ବ୍ୟବସ୍ଥା ହୋଇଛି। ସେକ୍ଟର-୧୭ ମେଢ଼ର ଡାହାଣ ପାର୍ଶ୍ୱରେ ବାଇକ୍ ପାର୍କି ବ୍ୟବସ୍ଥା ହୋଇଛି। ସେକ୍ଟର-୧ ମେଢ଼ ପାଇଁ ଲୋଟସ୍ ଛକ ପାଖରେ ଓ ମେଢ଼ ପଛରେ ପାର୍କି ବ୍ୟବସ୍ଥା ହୋଇଛି। ସେକ୍ଟର-୮ ମେଢ଼ ପାଇଁ ରିଂ-ରୋଡ୍ ପାଖ ତାରିଣୀ ମନ୍ଦିର ନିକଟରେ ଓ ମେଢ଼ ପଛରେ ପାର୍କି ବ୍ୟବସ୍ଥା ହୋଇଛି। ଏଥିରେ ଖିଲାପ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦିଆଯାଇଛି।

## ମଦକୋଠି ବନ୍ଦ ଦାବିରେ ଅବକାରୀ ବିଭାଗର ଦ୍ୱାରସ୍ଥ

**ଧର୍ମଗଡ଼, ୨୯।୯ (ସମିସ):** ଧର୍ମଗଡ଼ ଥାନା ଅଧୀନ ଟିପିଗୁଡ଼ା ଗ୍ରାମରେ ଥିବା ବେଆଇନ ଦେଶୀ ଓ ବିଦେଶୀ ମଦ କୋଠିଗୁଡ଼ିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଅବକାରୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଟିପିଗୁଡା ଗ୍ରାମରେ ଦୀର୍ଘଦିନ ହେଲା ବିଭିନ୍ନ ସ୍ଥାନରେ ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଛି। ଫଳରେ ମଦ୍ୟପମାନେ ଅନେକ ସମୟରେ ଗଣ୍ଡଗୋଳ କରିବା ସହ ଗାଳିଗୁଲଜ



କରୁଛନ୍ତି। ଏଣୁ ଗ୍ରାମରେ ମଦ ବିକ୍ରି ବନ୍ଦ କରିବା ପାଇଁ ଗ୍ରାମବାସୀ ସଂକଳ୍ପ ନେଇଛନ୍ତି। କିଛିଦିନ ପୂର୍ବରୁ ଗ୍ରାମର ପୁରୁଷ ମାନେ ଏକ ସଭା କରିଥିଲେ। ଉକ୍ତ ସଭାରେ ସର୍ବସମ୍ମତିକ୍ରମେ ଗ୍ରାମରେ ମଦବନ୍ଦ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ଏକ କମିଟି ମଧ୍ୟ ଗଠନ କରାଯାଇଥିଲା। ଗ୍ରାମର ଜଗନ୍ନାଥ ଦୁର୍ଗା, କିରଣ କୁମାର ଦୁର୍ଗା, ମନୋଜ କୁମାର ନାଏକ, ନର୍ସିଂ ସେନାପତି, ପ୍ରେମଲାଲ ଦୁର୍ଗା, ନୀଳାମ୍ବର ଦୁର୍ଗା ପ୍ରମୁଖ ଟିପିଗୁଡା ଗ୍ରାମରେ ସମ୍ପୂର୍ଣ୍ଣ ଦେଶୀ ଓ ବିଦେଶୀ ମଦ କୋଠି ଗୁଡିକୁ ବନ୍ଦ କରିବା ନେଇ ଧର୍ମଗଡ଼ ଅବକାରୀ ଉପନିରୀକ୍ଷକ ପ୍ରତିମା ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ଗ୍ରାମରେ ବେଆଇନ ମଦ କୋଠି ଗୁଡ଼ିକ ସମ୍ପୂର୍ଣ୍ଣ ବନ୍ଦ ନ ହୁଏ ତା ହେଲେ ଆଗାମୀ ଦିନରେ ଆନ୍ଦୋଳନର ପନ୍ଥା ଆପଣେଇବା ପାଇଁ ଚେତାବନୀ ଦେଇଛନ୍ତି।

## ବିଶ୍ୱ ପ୍ରସିଦ୍ଧ ଛତର ଯାତ୍ରା
# ମାଣିକ୍ୟବାସିନୀ ମାଣିକେଶ୍ୱରୀ

**ଆଶୁତୋଷ ପୁରୋହିତ**



କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱରୀ। ଆଦିମ ଅଧିବାସୀଙ୍କ ଭୂଇଁ କଳାହାଣ୍ଡି ପୂର୍ବରୁ କାନ୍ତାର, ଇନ୍ଦ୍ରବନ, ମାଣିକପାଟଣା, ଆଟବିକ, ଚକ୍ରକୁଟ ମଣ୍ଡଳ, କମଳ ମଣ୍ଡଳ, କାରୁଣ୍ଡମଣ୍ଡଳ ନାମରେ ପରିଚିତ ଥିଲା। ପୁରାତନ ସଭ୍ୟତାର କେନ୍ଦ୍ର କଳାହାଣ୍ଡି ଜିଲ୍ଲାର ସଦର ମହକୁମା ଭବାନୀପାଟଣାଠାରେ ଜଗତଜନନୀ ମା' ମାଣିକେଶ୍ୱରୀଙ୍କର ଭବ୍ୟ ମନ୍ଦିର ରହିଛି। ଚୈତ୍ର ନବରାତ୍ରି, ଶାରଦୀୟ ଷୋଡ଼ଶ ଦିନାଶକ ପୂଜାରେ ଓଡ଼ିଶାର ଶକ୍ତିପୀଠର ପରମ୍ପରା ସ୍ୱତନ୍ତ୍ର। ବିଶାଳକାୟ ବୃକ୍ଷମୂଳେ ପଥର ରୂପରେ ଦେବୀମାନେ ଶୋଭା ପାଉଛନ୍ତି। ଏହି ଅଞ୍ଚଳର ଆଦିବାସୀମାନେ କାଠର ଖମ୍ବ, ପ୍ରସ୍ତର ଖଣ୍ଡକୁ ମାଟିରେ ପୋତି ମାଇଲି, ବୁଢ଼ାରଜା, ଧରଣୀଗୁଡି, ଡୋକରୀ, ଗଙ୍ଗାଦୀ, ଡୁକରିବୁଡି, ଦୂଆରସୁନୀ, ବଞ୍ଜାରୀ ଆଦି ନାମରେ ପୂଜାର୍ଚ୍ଚନା କରିଥାନ୍ତି। ବୁଢ଼ାରଜା ମନ୍ଦିରର ଦ୍ୱାର ବର୍ଷସାରା ବନ୍ଦ ରହୁଥିବା ବେଳେ ଏହା ଦଶହରା ସମୟରେ ମହାଅଷ୍ଟମୀରେ ଖୋଲାଯାଇ ବିଜୟା ଦଶମୀରେ ବନ୍ଦ ହୋଇଥାଏ। କଳାହାଣ୍ଡି ଜିଲ୍ଲାରେ ମୁଖ୍ୟତଃ ଶାକ୍ତଧର୍ମର ପରମ୍ପରା ବେଶ୍ ପ୍ରଶସ୍ତିଲାଭ କରିଛି। ଦଶହରା ସମୟରେ ବିଭିନ୍ନ ଶକ୍ତିପୀଠରେ ଦେବୀମାନେ ପ୍ରଖର ଓ ଚଳଚଞ୍ଚଳ ହୋଇଉଠନ୍ତି। ଏହି ସମୟରେ ମା' ମାଣିକେଶ୍ୱରୀଙ୍କ ପୀଠରେ ମଧ୍ୟ ଶାକ୍ତଉପାସନା ସହିତ ତନ୍ତ୍ରମତରେ ଦେବୀଙ୍କର ପୂଜାର୍ଚ୍ଚନା ଖୁବ୍ ଶୃଙ୍ଖଳିତ ଭାବେ ମାର୍ଜନାପୂର୍ବକ କରାଯାଇଥାଏ। ଦଶମହାବିଦ୍ୟା ହେଲେ କାଳୀ, ତାରା, ଷୋଡ଼ଶୀ, ଛିନ୍ନମସ୍ତା, ଭୁବନେଶ୍ୱରୀ, ବଗଳାମୁଖୀ, ଧୂମାବତୀ, କମଳା, ମାତଙ୍ଗୀ ଏବଂ ଭୈରବୀ। ଏହି ଦଶମହାବିଦ୍ୟାର ଆଦ୍ୟ ମହାବିଦ୍ୟା ମହାକାଳୀ ରୂପେ ମା ମାଣିକେଶ୍ୱରୀଙ୍କ ପୂଜାର୍ଚ୍ଚନା କରାଯାଇଥାଏ। ଚୈତ୍ର ନବରାତ୍ରି, ଶାରଦୀୟ ଷୋଡ଼ଶ ପୂଜାରେ ଓଡ଼ିଶାର ଶକ୍ତିପୀଠ ମାନଙ୍କରେ ପରମ୍ପରା ସ୍ୱତନ୍ତ୍ର। ମହାଷ୍ଟମୀ ରାତ୍ରିରେ ଦେବୀଙ୍କ ପାଖରେ ଅଷ୍ଟବଳି ଅର୍ପଣ ପରେ ମଧ୍ୟରାତ୍ରିରେ ମା' ଗମ୍ଭିରା ଭିତରୁ ମା'ଙ୍କ ପୂଜକ, ସେବାୟତ, ମୁଣ୍ଡଛିନା, ଛତ୍ରବାହକ ବାହାରକରି ସହରର ପଶ୍ଚିମ ଉପକଣ୍ଠସ୍ଥ ଫାଶିଡଙ୍ଗର ପାଦଦେଶରେ ଥିବା ଜେନାଖାଲକୁ ନିଶାର୍ଦ୍ଧରେ ସନ୍ଧିପୂଜା ପାଇଁ ନିଆଯାଇଥାଏ। ସେଠାରେ ମା' ଙ୍କର ଗୁପ୍ତ ବିଧିରେ ପୂଜାର୍ଚ୍ଚନା ପରେ ମହାନବମୀ ସକାଳୁ ଜେନା ବାଦ୍ୟ, ସିଂହ ବାଦ୍ୟ, ମହୁରୀ, ଘୁମୁରା ନୃତ୍ୟର ଆଦିର ତାଳେ ତାଳେ ମା'ଙ୍କର ବିଜୟ ଛତର ମନ୍ଦିର ଅଭିମୁଖେ ଯାତ୍ରା ଆରମ୍ଭ କରିଥାନ୍ତି। ପୂର୍ବରୁ ମା' ଙ୍କ ଆଗରେ କେବଳ ବୀରବାଦ୍ୟ ଘୁମୁରା ନୃତ୍ୟ ପରିବେଷଣ ହେଉଥିବା ବେଳେ ବର୍ତ୍ତମାନ ଅଭୟଦାୟିନୀ ମା'ଙ୍କୁ ଭକ୍ତିପୂତ ସମ୍ମାନ ଜଣାଇ ଏକାଧିକ ଘଣ୍ଟ ଦଳ, ଲୋକବାଦ୍ୟ, ଲୋକନୃତ୍ୟ ଏବଂ ବିଭିନ୍ନ ପ୍ରକାର ବେଶ ପୋଷାକରେ ମା' ଙ୍କୁ ପାଛୋଟା ଅଣାଯାଉଛି। ଏହି ମୂଳାଷ୍ଟମୀ ଠାରୁ ଆଶ୍ୱିନ ଶୁକ୍ଳ ଅଷ୍ଟମୀ ବା ମହାଷ୍ଟମୀ ପର୍ଯ୍ୟନ୍ତ ଦୀର୍ଘ ଷୋହଳଦିନ ବ୍ୟାପୀ ମା'ଙ୍କ ପୀଠରେ ସ୍ୱତନ୍ତ୍ର ଭାବରେ ମନ୍ଦିରକୁ ମାର୍ଜନା ପୂର୍ବକ ପୂଜାର୍ଚ୍ଚନା ଗୁପ୍ତ ରୀତିରେ ତନ୍ତ୍ର ମତରେ ନିଷ୍ଠା ଓ କାଷ୍ଠା ସହ ଶୃଙ୍ଖଳିତ ଭାବରେ ସମ୍ପାଦନ କରାଯାଇଥାଏ। ସମଗ୍ର କଳାହାଣ୍ଡିବାସୀଙ୍କ ଆସ୍ଥା ଏବଂ ବଶ୍ୱାସର ଦେବୀ ସର୍ବମୟୀ ମା' ମାଣିକେଶ୍ୱରୀ। ସମଗ୍ର ପୃଥିବୀରୁ କୁଶକ୍ତିକୁ ବିନାଶ କରି ଦୁଃଖ ବିପତ୍ତିରୁ ଉଦ୍ଧାର କରି ମା' ଙ୍କ ଆଗମନରେ ଲକ୍ଷ ଲକ୍ଷ ଭକ୍ତ ଧୂପ, ଦୀପ, ଫୁଲ, ହଳଦୀ ଚାଉଳ ସହିତ ଛିଟକନା ମା' ଙ୍କୁ ଦେଇ ପୂଜାର୍ଚ୍ଚନା କରିଥାନ୍ତି। ମାନସିକଧାରୀ ଭକ୍ତ ମାନସିକ ପୂରଣ ପରେ ମା' ଙ୍କ ପାଖରେ ଛେଳି, ବୋଦା, ପାରା, କୁକୁଡ଼ା ଆଦିକୁ ଭୋଗ ପୂର୍ବକ ବଳି ଅର୍ପଣ କରିଥାନ୍ତି।

## ଆଜିର ରାଶିଫଳ

**ମେଷ:** ଅଫିସ୍ କାର୍ଯ୍ୟ ପ୍ରଭାବିତ ହେବ। ଖାଦ୍ୟପାନୀୟ ପ୍ରତି ଧ୍ୟାନ ରଖିବେ। ମହିଳାଙ୍କଠାରେ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ବ୍ୟବସାୟରେ ସମସ୍ୟାକୁ ସାମ୍ନା କରିବେ। ଆର୍ଥିକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ବିଦେଶ ଯାତ୍ରା ଯୋଗ ରହିଛି। ପରିବାର ସହିତ ହସଖୁସିରେ ସମୟ ଅତିବାହିତ କରିବେ।

**କର୍କଟ:** ଶାନ୍ତ ଓ ଖୁସି ମନରେ ସମସ୍ତ କାମ ପୂରା କରିବେ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ଆଇଟି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

**ସିଂହ:** ବ୍ୟବସାୟରେ ବିରୋଧୀଙ୍କୁ ସାମ୍ନା କରିବେ। ନୂଆ କାମରେ ବନ୍ଧୁ ତଥା ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ବିବାହ ପ୍ରସ୍ତାବ ସ୍ଥିର ହେବ। ଦେବ କାର୍ଯ୍ୟରେ ମନୋଯୋଗ ଦେବେ।

**କନ୍ୟା:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ। ପାରିବାରିକ ବିବାଦ ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** ଅନଲାଇନ୍ ବ୍ୟବସାୟୀଙ୍କୁ ଲାଭ ମିଳିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। ଭାଇ-ଭଉଣୀଙ୍କ ସମ୍ପର୍କ ମଜଭୁତ ହେବ। ଦାମ୍ପତ୍ୟ ଜୀବନ ଅଶାନ୍ତି ଭିତରେ ଗତି କରିବ।

**ଧନୁ:** କର୍ମ ଚଞ୍ଚଳ ରହିବେ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ଅଫିସ୍ କାର୍ଯ୍ୟରେ ସମସ୍ୟା ଆସିବ। ସମୟ ପୂର୍ବରୁ କାମ ଶେଷ କରିବେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ। ଅଯଥା ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କୁମ୍ଭ:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ। ପରିବାରରେ ହସଖୁସିର ପରିବେଶ ରହିବ। ଖେଳାଳୀଙ୍କ ପାଇଁ ଅନୁକୂଳ ସମୟ। ଧନଲାଭ ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଐତିହ୍ୟ

- ୧୯୩୯- ଜର୍ମାନୀ ଓ ରୁଷ୍ ପୋଲାଣ୍ଡ ବିଭାଜନ ପାଇଁ ରାଜି ହେଲେ।
- ୧୯୬୭- ଅନ୍ତରାଷ୍ଟ୍ରୀୟ ମୁଦ୍ରାକୋଷ ତା'ର ମୌଦ୍ରିକ ପ୍ରଣାଳୀରେ ସୁଧାର ଆଣିଲା।
- ୧୯୯୩-ମହାରାଷ୍ଟ୍ରର ଲାଟୁର ଭୂମିକମ୍ପରେ ୧୦ ହଜାର ଲୋକ ମୃତ, ୩୦ ହଜାରରୁ ଅଧିକ ଆହତ।
- ୨୦୦୧- କଂଗ୍ରେସ ନେତା ମାଧବ ରାଓ ସିନ୍ଧିଆଙ୍କ ବିମାନ ଦୁର୍ଘଟଣାରେ ମୃତ୍ୟୁ।

# ନମସ୍ତେଽସ୍ତୁ ଦୁର୍ଗେ

(ଛନ୍ଦଃ- ଭୁଜଙ୍ଗପ୍ରୟାତମ୍)

**ନମସ୍ତେଽସ୍ତୁ ଦୁର୍ଗେ ମମ ତ୍ୱଂ ପ୍ରସୀଦ ପ୍ରଣମ୍ରେ ମଦୀୟେଽନ୍ତରେ ସନ୍ନିଷୀଦ।**
**କୃପାପାଙ୍ଗଭଙ୍ଗ୍ୟା ସଦା ମାଂ ପୁନୀହି କ୍ଷଣେନାଘବାର୍ତାଂ ମଦୀୟାଂ ଲୁନୀହି ॥୧॥**

ହେ ମାତଃ ଦୁର୍ଗେ ! ତୁମକୁ ନମସ୍କାର। ତୁମେ ମୋ ଉପରେ ପ୍ରସନ୍ନା ହୁଅ। ମୋର ବିନମ୍ରହୃଦୟରେ ତୁମେ ନିବାସ କର। ତୁମର କୃପାକଟାକ୍ଷ ଦ୍ୱାରା ମୋତେ ସର୍ବଦା ପବିତ୍ର କର ଏବଂ ମୋର ପାପ ସମୂହକୁ କ୍ଷଣକ ମଧ୍ୟରେ ନଷ୍ଟ କର।

**ମନସ୍ତାଲପୃଷ୍ଠାସନେ କୁଙ୍କୁମାଭେ ଭବ ତ୍ୱଂ ସହାୟା ଭବେ ଭଦ୍ରଲାଭେ।**
**ଅବ କ୍ଲୃପ୍ତପାଦାଶ୍ରିତାଶାପ୍ରପୂର୍ତେ ସମସ୍ତାମରାଭାପରିସ୍ଫୂର୍ତମୂର୍ତେ ॥୨॥**

ହେ କୁଙ୍କୁମବର୍ଣ୍ଣେ ! ମନସ୍ତାଳନାମକ ସିଂହପୃଷ୍ଠରେ ଆସୀନେ !
ମୋର ଶୁଭ ଲାଭ ପାଇଁ ସହାୟ ହୁଅ । ପଦାଶ୍ରିତମାନଙ୍କର ଆଶା ପୂର୍ଣ୍ଣ କରୁଥିବା ଏବଂ ସମସ୍ତ ଦେବତାଙ୍କର କାନ୍ତିରେ ଉଜ୍ଜ୍ୱଳ ମୂର୍ତ୍ତି ବିଶିଷ୍ଟା, ହେ ଦେବି ! ତୁମେ ରକ୍ଷା କର ।

**ତ୍ୱମେକା ସୁବିଦ୍ୟାସୁଧାସଂବିଧାତ୍ରୀ କବୀନ୍ଦ୍ରାନୁକୂଳକ୍ରିୟାଶକ୍ତିଦାତ୍ରୀ।**
**ଜଡତ୍ୱାନ୍ଧକାରାବସାନେ ପ୍ରବୀଣା ସରସ୍ୱତ୍ୟଭିଖ୍ୟେ ବସାନ୍ତଃ ସବୀଣା ॥୩॥**

ତୁମେ ଏକମାତ୍ର ଶ୍ରେଷ୍ଠ ବିଦ୍ୟାରୂପକ ଅମୃତ ପ୍ରଦାନ କରୁଥିବା ଦେବୀ, କବିମାନଙ୍କୁ କ୍ରିୟାଶକ୍ତି ପ୍ରଦାନ କରୁଥିବା ଦେବୀ, ଜଡ଼ତାରୂପୀ ଅନ୍ଧକାରକୁ ଦୂର କରିବାରେ ନିପୁଣା, ହେ ସରସ୍ୱତି ! ତୁମେ ମୋ ହୃଦୟରେ ବୀଣା ସହିତ ବାସ କର।

**ଧନାନାଂ ତ୍ୱମେକା ଜଗତ୍ୟାଂ ପ୍ରଣେତ୍ରୀ ଜନାନାମଭାବକ୍ଷୁଧାନାଂ ବିନେତ୍ରୀ।**
**ସରୋଜାସନସ୍ଥାଽର୍ଥଦାନେ ପଟିଷ୍ଠା ମୟି ସ୍ୟା ରମାଖ୍ୟେ କୃପାଦୃଷ୍ଟିନିଷ୍ଠା ॥୪॥**

ତୁମେ ଏକମାତ୍ର ଏହି ଜଗତରେ ଧନର ଅଧିଷ୍ଠାତ୍ରୀ ଦେବୀ। ଲୋକମାନଙ୍କର ଅଭାବ ଓ କ୍ଷୁଧାକୁ ଦୂର କରୁଥିବା ଦେବୀ। ପଦ୍ମାସନରେ ବିରାଜମାନ କରି ଧନ ଦେବାରେ ଅତ୍ୟନ୍ତ ନିପୁଣା, ହେ ରମେ (ଲକ୍ଷ୍ମୀ) ! ତୁମେ ମୋ ଉପରେ ସ୍ଥିରକୃପାଦୃଷ୍ଟିନିଷ୍ଠ ହୁଅ ।

**ମହାଭୀମରୂପା ନବାମ୍ଭୋଦନୀଳା ଚତୁର୍ବାହୁଦୃପ୍ତା କୃତୋଦଗ୍ରଲୀଳା ।**
**ମୁଖୋଲ୍ଲମ୍ବିଜିହ୍ୱା ଲସନ୍ମୁଣ୍ଡମାଳା-ଧରା ପାହି ମାଂ କାଲ୍ୟଭିଖ୍ୟେ କରାଳା ॥୫॥**

ମହାଭୟଙ୍କର ରୂପଧାରିଣୀ, ନୂତନ ମେଘ ସଦୃଶ ନୀଳବର୍ଣ୍ଣା, ଚାରି ବାହୁରେ ଶୋଭିତା, ଉଗ୍ର ଲୀଳାକାରିଣୀ, ମୁଖରୁ ଲମ୍ବିଥିବା ଜିହ୍ୱାଧାରିଣୀ ଏବଂ ଶୋଭାୟମାନ ମୁଣ୍ଡମାଳା ଧାରିଣୀ ତଥା କରାଳା ହେ କାଳି ! ତୁମେ ମୋତେ ରକ୍ଷା କର ।

**ଗଦାଖଡ୍ଗଚାପାଙ୍କୁଶେଷୂନ୍ ଦଧାନା ତ୍ରିଶୂଳାଦିନାନାୟୁଧୈ ରାଜମାନା।**
**ନିଶୁମ୍ଭୋଗ୍ରଶୁମ୍ଭସ୍ଫୁରନ୍ମୁଣ୍ଡଚଣ୍ଡାନ୍ ହନ୍ତ୍ୟମ୍ବ ରକ୍ଷାସୁରାନେବ ଚଣ୍ଡାନ୍ ॥୬॥**


ଗଦା, ଖଡ୍ଗ, ଧନୁ, ଅଙ୍କୁଶ ଓ ବାଣ ଧାରଣ କରିଥିବା, ତ୍ରିଶୂଳ ଆଦି ବିଭିନ୍ନ ଅସ୍ତ୍ରରେ ଶୋଭା ପାଉଥିବା, ନିଶୁମ୍ଭ ଓ ଶୁମ୍ଭ ତଥା ଉଗ୍ର ଚଣ୍ଡ ଓ ମୁଣ୍ଡଙ୍କ ସହ ବଳିଷ୍ଠ ଅସୁରମାନଙ୍କୁ ବିନାଶ କରୁଥିବା ହେ ମାତଃ ! ତୁମେ ମୋତେ ରକ୍ଷା କର।

**ହରୌ ଯୋଗନିଦ୍ରାସ୍ୱରୂପାଽତିଦକ୍ଷା ମଧୁଧ୍ୱଂସନେ କୈଟଭକ୍ଷେପଲକ୍ଷ୍ୟା।**
**ସମାଧୌ ପ୍ରସନ୍ନା ସୁମେଧଃପ୍ରଣମ୍ୟା ପ୍ରରକ୍ଷେଃ ଶିବେ ରତ୍ନମାଳାତିରମ୍ୟା ॥୭॥**

ଭଗବାନ ହରିଙ୍କର ଯୋଗନିଦ୍ରା ସ୍ୱରୂପା, ମଧୁ ଓ କୈଟଭ ରାକ୍ଷସଙ୍କୁ ନଷ୍ଟ କରିବାରେ ଅତି ଦକ୍ଷା, ସମାଧିନାମକ ବୈଶ୍ୟଙ୍କ ଠାରେ ପ୍ରସନ୍ନା, ମେଧା ଋଷିଙ୍କ ନମସ୍ୟା, ଅତ୍ୟନ୍ତ ରମଣୀୟ ରତ୍ନମାଳା ଧାରଣ କରିଥିବା ହେ ଶିବେ ! ତୁମେ ମୋତେ ରକ୍ଷା କର ।

**ଜଗତ୍ସୃଷ୍ଟିସଂପାଳନଧ୍ୱଂସହେତୁ-ର୍ଭବାଗାଧବାଧାମ୍ବୁଧିତ୍ରାଣସେତୁଃ।**
**ଦୟାଭକ୍ତିଶକ୍ତିତ୍ରୟାଧାରମୂର୍ତିଃ ପ୍ରପାହ୍ୟମ୍ବ ନିଷ୍ପନ୍ନସର୍ବାର୍ଥପୂର୍ତିଃ ॥୮॥**

ଜଗତର ସୃଷ୍ଟି, ପାଳନ ଓ ବିନାଶର କାରଣ ସ୍ୱରୂପା, ଅଗାଧ ସଂସାରରୂପକ ସାଗରକୁ ପାର କରିବା ପାଇଁ ସେତୁ ସ୍ୱରୂପା, ଦୟା, ଭକ୍ତି ଓ ଶକ୍ତି – ଏହି ତିନିଗୋଟିର ଆଧାର ମୂର୍ତ୍ତି, ସମସ୍ତ ମନୋକାମନା ପୂର୍ଣ୍ଣ କରୁଥିବା ହେ ମାତଃ ! ତୁମେ ମୋତେ ରକ୍ଷା କର ।



**କୃତଂ ଶ୍ରୀମତା ବିପ୍ରକୃଷ୍ଣେନ ନବ୍ୟଂ ପବିତ୍ରୋତ୍ତମଂ ସ୍ତୋତ୍ରମତ୍ୟନ୍ତଭବ୍ୟମ୍।**
**ଇଦଂ ନୂନମଧ୍ୟେତି ପଦ୍ୟାଷ୍ଟକଂ ଯଃ ସ ସଂୟାତି ଦୁର୍ଗାକୃପାପୁଞ୍ଜମାଞ୍ଜଃ ॥ ଭଣିତିଃ**

ଶ୍ରୀମାନ୍ ବିପ୍ର କୃଷ୍ଣ (କୃଷ୍ଣକେଶବ)ଙ୍କ ଦ୍ୱାରା ରଚିତ ଏହି ନୂତନ, ପବିତ୍ର ଓ ଅତ୍ୟନ୍ତ ମଙ୍ଗଳକାରୀ ଅଷ୍ଟକ ସ୍ତୋତ୍ରକୁ ଯିଏ ନିଶ୍ଚିତ ଭାବରେ ପାଠ କରିବେ, ସେ ଶୀଘ୍ର ଦୁର୍ଗାଙ୍କର ଅପାର କୃପା ଲାଭ କରିବେ ।

ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ
ମୋ- ୯୪୩୭୫୬୬୩୨୪



# ପୁଣି ଏକାଠି ଦେଖାଗଲେ ସାମନ୍ଥା-ରାଜ୍

ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ ଏବେ ତାଙ୍କ ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚାରେ। ନିର୍ଦ୍ଦେଶକ ରାଜ୍ ନିଦିମୋରୁଙ୍କୁ ସେ ଡେଟ୍ କରୁଥିବା ଚର୍ଚ୍ଚା ହେଉଛି। ଇତିମଧ୍ୟରେ ସାମନ୍ଥା ଓ ରାଜ୍‌ଙ୍କର ଏକ ଭିଡିଓ ଭାଇରାଲ ହୋଇଛି। ଯେଉଁଥିରେ ଉଭୟ ବାନ୍ଦ୍ରାସ୍ଥିତ ଏକ ଜିମ୍‌ରୁ ବାହାରୁଥିବାର ଦେଖାଯାଉଛି। ଅବଶ୍ୟ ଦୁହେଁ ଏକାଠି ବାହାରି ନ ଥିଲେ। ପ୍ରଥମେ ଜିମ୍‌ରୁ ସାମନ୍ଥା ବାହାରିଥିଲେ, ଏହାର କିଛି ସମୟ ପରେ ରାଜ୍ ଆସିଥିଲେ। ଉଭୟ ଗଣମାଧ୍ୟମକୁ କୌଣସି ପ୍ରତିକ୍ରିୟା ନ ଦେଇ ସିଧା କାର୍‌ରେ ପଳାଇ ଯାଇଥିଲେ। ତେବେ ପ୍ରଥମ ଥର ପାଇଁ ରାଜ୍ ଓ ସାମନ୍ଥାଙ୍କୁ ଏକାଠି ଦେଖାଯାଇ ନାହିଁ। ଏହାପୂର୍ବରୁ ମଧ୍ୟ ଅନେକ ଥର ସେମାନଙ୍କୁ ଏକାଠି ଦେଖାଯାଇଛି। ନିକଟରେ ସାମନ୍ଥା ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଫଟୋ ସେୟାର୍ କରିଥିଲେ। ଏଥିରେ ସେ ଜଣକର ହାତ ଧରିଥିଲେ। ଉକ୍ତ ବ୍ୟକ୍ତିଙ୍କର ମୁହଁ ଦେଖାଯାଉ ନ ଥିଲା। ଦର୍ଶକେ ସେ ରାଜ୍‌ଙ୍କ ହାତ ଧରିଥିବା ଅନୁମାନ କରିଥିଲେ। ଅବଶ୍ୟ ସେମାନଙ୍କ ପ୍ରେମ ସମ୍ପର୍କକୁ ନେଇ ଦୁହେଁ ବିଧିବଦ୍ଧ ଭାବେ କିଛି କହି ନାହାନ୍ତି। ସାମନ୍ଥା, ରାଜ୍‌ଙ୍କ ସହ 'ଦ ଫ୍ୟାମିଲି ମ୍ୟାନ୍- ସିଜିନ୍ ୨' ଓ 'ସିଟାଡେଲ: ହନିବନି'ରେ କାମ କରିଛନ୍ତି।




# କୁଣ୍ଡରେ କଳା ଗାଜର



**ଗାଜର ମୁଖ୍ୟତଃ ଶୀତକାଳୀନ ଫସଲ। ଏହି ଚାଷ ପାଇଁ ଗଭୀର ଉର୍ବର, ଦୋରସା, ବାଲିଆ ମାଟି ଉପଯୁକ୍ତ। ସମସ୍ତ ରଙ୍ଗର ଗାଜର ତୁଳନାରେ କଳା ଗାଜର ଅଧିକ ସ୍ୱାଦିଷ୍ଟ ହୋଇଥାଏ। ଏହାକୁ କୁଣ୍ଡରେ ରଖି ବାଲ୍‌କୋନି କିମ୍ବା ଛାତରେ ସହଜରେ ଫଳାଯାଇପାରିବ।**

କଳା ଗାଜର ଲଗାଇବାକୁ ୧୨ରୁ ୧୫ ଗଭୀର ୧୦ରୁ ୧୨ ଇଞ୍ଚ ଚଉଡାର କୁଣ୍ଡ ଆବଶ୍ୟକ। ପାଣି ନ ଜମିବା ପାଇଁ କୁଣ୍ଡରେ କଣା ରହିଥିବା ଜରୁରି। ସେହିପରି ମାଟିର ଅମ୍ଳସ୍ତର ୬ରୁ ୭.୫ ହୋଇଥିଲେ ଭଲ। ଚାଷ ପାଇଁ ପ୍ରଥମେ ମାଟିକୁ ସମତଳ କରି ୦.୫ରୁ ୧ ସେମି ଗଭୀରରେ ବିହନ ପୋତିବା ଜରୁରି। ବିହନ ପକାଇ ଏହା ଉପରେ ହାଲୁକା ମାଟି ଚଳାଇ ଅଳ୍ପ ପାଣି ସିଞ୍ଚିପାରିବେ। ଦୈନିକ ମାଟିର ଆର୍ଦ୍ରତା ଅନୁସାରେ ଜଳ ସିଞ୍ଚନ ଆବଶ୍ୟକ। ୫ରୁ ୬ଘଣ୍ଟା ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ କୁଣ୍ଡ ରଖିଲେ ବିହନ ବୁଣିବାର ୭ରୁ ୧୪ ଦିନ ମଧ୍ୟରେ ଚାରା ଅଙ୍କୁରିତ ହୋଇଥାଏ। ଚାରା ୩ରୁ ୪ ଇଞ୍ଚ ହୋଇଗଲେ, ଦୁର୍ବଳ ଗଛକୁ ଉପାଡି ଦେବା ଜରୁରି। ତେବେ ବିହନ ବୁଣିବାର ୯୦ରୁ ୧୦୦ ଦିନ ମଧ୍ୟରେ ଗାଜର ଫସଲ ଅମଳଯୋଗ୍ୟ ହୋଇଥାଏ।

# ମତ୍ସ୍ୟଚାଷୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଟିପ୍‌ସ

**ବର୍ତ୍ତମାନ ସମୟଟି ମାଛ ପାଳନ ପାଇଁ ଗୁରୁତ୍ୱପୂର୍ଣ୍ଣ ସମୟ। ଏବେ ମାଛ ଶରୀରର ବୃଦ୍ଧି ଓ ପୋଖରୀର ଯତ୍ନ ନେବା ପାଇଁ ମତ୍ସ୍ୟଚାଷୀମାନେ କିଛି ଗୁରୁତ୍ୱପୂର୍ଣ୍ଣ ଟିପ୍‌ସ ଆପଣାଇ ପାରିବେ। ତା ସହିତ ପାଣିରେ ସୂକ୍ଷ୍ମ ଶୈବାଳ ବୃଦ୍ଧି ପାଇଲେ ତଥା ଅମ୍ଳଜାନ ହ୍ରାସ ପାଇଲେ କ'ଣ କରିବେ ଜାଣି ରଖନ୍ତୁ।**



ଅଧିକାଂଶ ଲୋକ ଅଧିକ ଲାଭ ଆଶାରେ ମାଛ ପୋଖରୀରେ ମାତ୍ରାଧିକ ରାସାୟନିକ ସାର ପକାନ୍ତି। ଏହା ପାଣିର ଗୁଣବତ୍ତାକୁ ଖରାପ କରେ। ତେଣୁ ସର୍ବଦା ମତ୍ସ୍ୟବିଶେଷଜ୍ଞଙ୍କ ପରାମର୍ଶ ନେଇ ଅନୁମୋଦିତ ହାରରେ ସାର ପ୍ରୟୋଗ କରନ୍ତୁ।

- ଯଦି ପୋଖରୀର ପାଣି ହାଲୁକା ନୀଳ ହୋଇଯାଏ, ଏହା ସୂକ୍ଷ୍ମ ଶୈବାଳ ବୃଦ୍ଧିର ସୂଚନା ଦିଏ। ଏନେଇ ୧୬ କେଜି ଫିଟିକିରି ପ୍ରତି ଏକର ପିଛା ୧୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିପାରିବେ। ଏହା ପାଣିକୁ ସଫା କରିବା ସହ ବିଷାକ୍ତ ତତ୍ତ୍ୱ ଦୂର କରେ। ସେହିପରି ବର୍ଷା ସମୟରେ ପୋଖରୀରେ ଶୁଖିଲା ପତ୍ର, ଅନ୍ୟାନ୍ୟ ବର୍ଜ୍ୟବସ୍ତୁକୁ ସଫା କରିବା ଆବଶ୍ୟକ।
- ପୋଖରୀରେ ଦ୍ରବୀଭୂତ ଅମ୍ଳଜାନ ପରିମାଣ କମିଗଲେ ମାଛମାନେ ପାଣି ଉପରକୁ ଆସି ପାଟି ପାକୁ ପାକୁ କରି ମରିଯାନ୍ତି। ତେବେ ମାଛ ପୋଖରୀ ପାଣିରେ ଦ୍ରବୀଭୂତ ଅମ୍ଳଜାନ ପରିମାଣ ଲିଟର ପ୍ରତି ୪ରୁ ୫ ମିଲିଗ୍ରାମ ରହିବା ଉଚିତ। ପାଣିର ଅମ୍ଳଜାନ ବୃଦ୍ଧି ପାଇଁ ଏରେଟର ମେସିନ୍ ବ୍ୟବହାର କରିପାରିବେ। ନତୁବା ପାଣିକୁ ବଦଳାଇ ପାରିବେ। ପୋଖରୀ ପାଣିରେ ଅମ୍ଳଜାନର ପରିମାଣ ସଠିକ୍ ମାତ୍ରାରେ ରଖିବା ପାଇଁ ଏକ ପମ୍ପ ବ୍ୟବହାର କରି ପୋଖରୀର ପାଣିକୁ ପୁନଃଚକ୍ରୀକରଣ କରିପାରିବେ। ପ୍ରତି ୧୫ ଦିନ କିମ୍ବା ମାସିକ କିସ୍ତିରେ ଫିଙ୍ଗାଜାଲ ପକାଇ ମାଛଙ୍କୁ ଧରି ସେମାନଙ୍କ ହାରାହାରି ଓଜନ ଓ ସ୍ୱାସ୍ଥ୍ୟ ମଧ୍ୟ ଯାଞ୍ଚ କରିପାରିବେ।

# କୃଷି ପାଣିପାଗ



## ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଅଣଧାନ ଫସଲ ଓ ପନିପରିବା ତଳିଘରାରୁ ଅତ୍ୟଧିକ ବର୍ଷା ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ।
- ଆଖୁ ଗଛ ନ ପଡ଼ିବା ପାଇଁ ୪ରୁ ୫ଟି ଗଛର ପତ୍ରଗୁଡ଼ିକ ଗୋଟିଏ ସ୍ଥାନରେ ବାନ୍ଧି ରଖନ୍ତୁ ଏବଂ ତେରା ଦିଅନ୍ତୁ।
- କଖାରୁଜାତୀୟ ପନିପରିବା ଫସଲରେ କାଙ୍କେଡ଼ିଆ ପୋକର ପରିଚାଳନା ପାଇଁ ବର୍ଷା ଛାଡ଼ିଗଲା ପରେ ପ୍ରାଥମିକ ଅବସ୍ଥାରେ ପ୍ରତି ଲିଟର ପାଣିରେ ୩ ମିଲି ନିମ୍ବଜାତୀୟ କୀଟନାଶକ ୧୫୦୦ ପିପିଏମ୍‌କୁ ମିଶାଇ ସିଞ୍ଚନ କରନ୍ତୁ।
- ଆଖୁ ଫସଲରେ ନାଲିଶଢ଼ା ରୋଗର ପରିଚାଳନା ପାଇଁ ଏକର ପ୍ରତି ୪୦୦ ଗ୍ରାମ କାର୍ବେଣ୍ଡାଜିମ୍ ଏବଂ ମାଙ୍କୋଜେବ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଶୁଖିଲା ପାଗ ଦେଖି ଅମୃତଭଣ୍ଡା ଫସଲରେ ଦହିଆ / ଚୂର୍ଣ୍ଣ ପୃଷ୍ଠ ପୋକ ପରିଚାଳନା ପାଇଁ ପ୍ରତି ୧୦ ଲିଟର ପାଣିରେ ୩୦ ମିଲି ନିମ୍ବ ଆଧାରିତ କୀଟନାଶକ ମିଶାଇ ସିଞ୍ଚନ କରନ୍ତୁ। ଏହା ବ୍ୟତୀତ ସାବୁନ ଗୁଣ୍ଡ ମିଶ୍ରିତ ପାଣି ସିଞ୍ଚନ କରାଯାଇ ପାରିବ। ପୋକର ଆକ୍ରମଣ ଅଧିକ ହେଲେ ରାସାୟନିକ କୀଟନାଶକ ସିଞ୍ଚନ କରନ୍ତୁ।

# ସୌରଚାଳିତ ସିଞ୍ଚନ ଯନ୍ତ୍ର



ଫସଲରେ ସଠିକ୍ ସମୟରେ ରୋଗପୋକ ଚିହ୍ନଟ କରି ଔଷଧ ସିଞ୍ଚନ କଲେ ଫସଲର ଅଭିବୃଦ୍ଧି ହୋଇଥାଏ। ହେଲେ ଏଥିପାଇଁ ଚାଷୀଙ୍କୁ ଅଧିକ ସମୟ ଲାଗେ। ଖର୍ଚ୍ଚ ମଧ୍ୟ ବଢ଼ିଥାଏ। ତେଣୁ ଏବେ ଚାଷୀଙ୍କ ଏହି ସମସ୍ୟାକୁ ସମାଧାନ କରିବ ସୌରଚାଳିତ ସ୍ପ୍ରେୟର ତଥା ସିଞ୍ଚନ ଯନ୍ତ୍ର। ସୋଲାର ତଥା ସୌରଚାଳିତ ସ୍ପ୍ରେୟର ଯନ୍ତ୍ରଟି ନିୟୋ ଫାର୍ମ ଟେକ୍ ଦ୍ୱାରା ବିକଶିତ କରାଯାଇଛି। ଏହି ଯନ୍ତ୍ରଟି ସୂର୍ଯ୍ୟାଲୋକ ସାହାଯ୍ୟରେ କାର୍ଯ୍ୟକ୍ଷମ ହୁଏ। ଯନ୍ତ୍ରଟି ୬ଜଣ ଲୋକଙ୍କ କାମକୁ ଏକାକୀ କରିପାରେ। ଏକ ଏକର ଜମିରେ ଯନ୍ତ୍ର ଦ୍ୱାରା ତରଳଖାଦ୍ୟ ଏବଂ କୀଟନାଶକ ସିଞ୍ଚନ କରିବାକୁ ମାତ୍ର ୧୫ ମିନିଟ୍‌ରୁ ୩୦ ମିନିଟ୍ ସମୟ ଲାଗିଥାଏ। ଏହି ଯନ୍ତ୍ରରେ ଲାଗିଥିବା ଟାଙ୍କିର ଦକ୍ଷତା ୧୮ ଲିଟର ହୋଇଥାଏ। ବିଦ୍ୟୁତ୍ ବଦଳରେ ଏହା ସୌରଶକ୍ତି ଦ୍ୱାରା ଚାର୍ଜ ହୋଇଥାଏ। ଏହା ଚାର୍ଜ ହେବାକୁ ପାଖାପାଖି ୪ଘଣ୍ଟା ସମୟ ଲାଗିଥାଏ। ତେଣୁ ଗୋଟିଏ ଥର ଚାର୍ଜ ହେବା ଦ୍ୱାରା ଏହା ୪ରୁ ୫ ଏକର ଜମି ସିଞ୍ଚନ କରିପାରେ। ଯନ୍ତ୍ର ସାହାଯ୍ୟରେ ପାଖାପାଖି ୧୨ ଫୁଟ ପର୍ଯ୍ୟନ୍ତ ଔଷଧ ସିଞ୍ଚନ କରାଯାଏ। ବଜାରରେ ଏହି ଯନ୍ତ୍ରଟି ୧୦ରୁ ୧୨ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟରେ ଉପଲବ୍ଧ ରହିଛି। ତେବେ ଏହି ଯନ୍ତ୍ର ଦ୍ୱାରା କମ୍ ଖର୍ଚ୍ଚରେ ଅଧିକ ସମୟ କାମ କରିହୁଏ।

## ଆଜିଠୁ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍

# ପ୍ରଥମ ଟାଇଟଲ୍ ଲକ୍ଷ୍ୟରେ ଟିମ୍ ଇଣ୍ଡିଆ

ଗୌହାଟୀ, ୨୯ ।୯ (ଏଜେନ୍ସି)



ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣ ମଙ୍ଗଳବାରଠାରୁ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଆରମ୍ଭ ହେବାକୁଯାଉଛି । ଭାରତ ୪ର୍ଥଥର ଲାଗି ଏହି ମେଗା ଟୁର୍ଣ୍ଣାମେଣ୍ଟକୁ ଆୟୋଜନ କରିବାର ସୌଭାଗ୍ୟ ଲାଭ କରିଛି । ଏଥିପୂର୍ବରୁ ୧୯୭୮, ୧୯୯୭ ଓ ୨୦୧୩ ବିଶ୍ୱକପ୍ ସଂସ୍କରଣ ଭାରତରେ ଆୟୋଜିତ ହୋଇଥିଲା । ସେହିଭଳି ଶ୍ରୀଲଙ୍କା ପ୍ରଥମଥର ଲାଗି ବିଶ୍ୱକପ୍ ଆୟୋଜନ କରିବ । ରାଜନୈତିକ କାରଣ ଲାଗି ପାକିସ୍ତାନ ମହିଳା କ୍ରିକେଟ୍ ଦଳ ଭାରତରେ ବିଶ୍ୱକପ୍ ଖେଳିବାକୁ ରାଜି ହୋଇ ନ ଥିଲା । ଫଳରେ ଶ୍ରୀଲଙ୍କାକୁ ସହ-ଆୟୋଜକ ଅଧିକାର ପ୍ରଦାନ କରାଯାଇଥିଲା । ପାକିସ୍ତାନ ଦଳ ଏହାର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିବ । ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ଏହି ମାମଲାରେ ଏକ ବଡ଼ ନିଷ୍ପତ୍ତି ନେଇଥିଲା । ୨୦୨୪ରୁ ୨୦୨୭ ମସିହା ମଧ୍ୟରେ ଯେକୌଣସି ଆଇସିସି ଇଭେଣ୍ଟ ଭାରତ କିମ୍ବା ପାକିସ୍ତାନରେ ଖେଳାଯିବ ଏକ ନିରପେକ୍ଷ ଭେନ୍ୟୁରେ ଉଭୟ ଦଳ ଖେଳିବେ ।

### ରାଉଣ୍ଡ-ରବିନ ଫର୍ମାଟ୍‌ରେ ମ୍ୟାଚ୍

ଦୁଇ ଆୟୋଜକ ଦଳ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଚଳିତ ବିଶ୍ୱକପ୍‌ର ଉଦ୍‌ଘାଟନୀ ଲଢ଼େଇ ଅନୁଷ୍ଠିତ ହେବ । ଗୌହାଟୀର ବର୍ଷାପରା ଷ୍ଟାଡିୟମରେ ମଙ୍ଗଳବାର ଅପରାହ୍ନ ୩ଟାରୁ ଏହି ମ୍ୟାଚ୍ ଆରମ୍ଭ ହେବ । ହରମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଘରୋଇ ମାଟିରେ ଟୁର୍ଣ୍ଣାମେଣ୍ଟ ଖେଳୁଥିବାରୁ ପ୍ରଥମଥର ବିଶ୍ୱକପ୍ ଜିତିବା ଲକ୍ଷ୍ୟରେ ରହିଛି । ଭାରତ ଏଥିପୂର୍ବରୁ ୨୦୦୫ ଓ ୨୦୧୭ ସଂସ୍କରଣରେ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ଉପବିଜେତା ରହିଥିଲା । ତେଣୁ ବିଶ୍ୱକପ୍‌ର ୫୨ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ଭାରତୀୟ ମହିଳା ଦଳ ଏଥର ଟ୍ରଫି ଜିତିବା ଆଶାରେ ରହିଛନ୍ତି । ଭାରତ ଓ ଶ୍ରୀଲଙ୍କା ବ୍ୟତୀତ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ, ଗତଥରର ରନର୍ସଅପ୍ ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ, ବାଂଲାଦେଶ ଓ ପାକିସ୍ତାନ ଦଳ ଏଥର ବିଶ୍ୱକପ୍‌ରେ ଅଂଶଗ୍ରହଣ କରୁଛନ୍ତି । ଆଠଟି ଦଳ ମଧ୍ୟରେ ରାଉଣ୍ଡ-ରବିନ ଫର୍ମାଟ୍‌ରେ ମ୍ୟାଚ୍ ଖେଳାଯିବ । ପ୍ରତ୍ୟେକ ଦଳ ପରସ୍ପର ବିପକ୍ଷରେ ଥରେ ଲେଖାଏ ଖେଳିବେ । ଏହାପରେ ପଏଣ୍ଟ ଆଧାରରେ ଶ୍ରେଷ୍ଠ-୪ଟି ଦଳ ମଧ୍ୟରେ ସେମିଫାଇନାଲ ଅନୁଷ୍ଠିତ ହେବ । ଅକ୍ଟୋବର ୨୯ ଓ ୩୦ରେ ଦୁଇଟିଯାକ ସେମିଫାଇନାଲ ଖେଳାଯିବ । ଯଦି ପାକିସ୍ତାନ ଦଳ ସେମିଫାଇନାଲରେ ପ୍ରବେଶ କରେ ତେବେ ପ୍ରଥମ ସେମିଫାଇନାଲ କଲମ୍ବୋରେ ଅନୁଷ୍ଠିତ ହେବ । ପାକିସ୍ତାନ ଯୋଗ୍ୟତା ହାସଲ କରି ନ ପାରିଲେ ପ୍ରଥମ ସେମିଫାଇନାଲ ଗୌହାଟୀରେ ଖେଳାଯିବ । ନଭେମ୍ବର ୨ରେ ଗ୍ରାଣ୍ଡ ଫାଇନାଲ ମ୍ୟାଚ୍ ନଭି ମୁମ୍ବାଇ କିମ୍ବା କଲମ୍ବୋରେ ଅନୁଷ୍ଠିତ ହେବ ।

### ଅଷ୍ଟ୍ରେଲିଆକୁ ରେକର୍ଡ ୭ଟାଇଟଲ୍

ମହିଳା ଦିନିକିଆ ବିଶ୍ୱକପ୍‌ର ଗତ ୧୨ଟି ସଂସ୍କରଣ ମଧ୍ୟରୁ ଅଷ୍ଟ୍ରେଲିଆ ଏକାକୀ ୭ଥର ଚାମ୍ପିଅନ ହୋଇଛି । ସେହିଭଳି ୧୯୭୩ରେ ଆୟୋଜିତ ପ୍ରଥମ ବିଶ୍ୱକପ୍‌କୁ ମିଶାଇ ଇଂଲଣ୍ଡ ୪ଥର ଟାଇଟଲ୍ ହାସଲ କରିଛି । ୨୦୦୦ ମସିହାରେ ନ୍ୟୁଜିଲାଣ୍ଡ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଥିଲା । ଫଳରେ ଆଜି ପର୍ଯ୍ୟନ୍ତ କେବଳ ୩ଟି ଦଳ ବିଶ୍ୱକପ୍ ଜିତିପାରିଛନ୍ତି ।

### ଚାମ୍ପିଅନ ଦଳକୁ ୩୯.୭୩ କୋଟି

ଏଥର ମହିଳା ବିଶ୍ୱକପ୍ ଲାଗି ଆଇସିସି ରେକର୍ଡ ପୁରସ୍କାର ରାଶି ଘୋଷଣା କରିଛି । ବିଶ୍ୱକପ୍‌ରେ ଏଥର ମୋଟ୍ ୧୩.୮୮ ମିଲିୟନ ଡଲାର (ଭାରତୀୟ ମୁଦ୍ରାରେ ୧୨୩ କୋଟି ୧୨ ଲକ୍ଷ ଟଙ୍କା) ପୁରସ୍କାର ରାଶି ପ୍ରଦାନ କରାଯିବ । ୨୦୨୨ରେ ଅନୁଷ୍ଠିତ ଶେଷ ସଂସ୍କରଣ ତୁଳନାରେ ଏଥର ପୁରସ୍କାର ରାଶିରେ ୪ଗୁଣା ବୃଦ୍ଧି ଘଟିଛି । ଗତ ସଂସ୍କରଣରେ ମୋଟ୍ ୩.୫ ମିଲିୟନ ଡଲାର ଅର୍ଥରାଶି ପ୍ରଦାନ କରାଯାଇଥିଲା । ଚଳିତ ସଂସ୍କରଣରେ ଚାମ୍ପିଅନ ଦଳ ୪.୪୮ ମିଲିୟନ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୩୯.୭୩ କୋଟି) ପୁରସ୍କାର ପାଇବ । ଯାହାକି ୨୦୨୩ ପୁରୁଷ ବିଶ୍ୱକପ୍ ଚାମ୍ପିଅନ ରାଶି ତୁଳନାରେ ଅଧିକ । ୨୦୨୩ରେ ବିଶ୍ୱକପ୍ ଜିତିଥିବା ଅଷ୍ଟ୍ରେଲିଆ ଦଳ ୪ ମିଲିୟନ ଡଲାର ଅର୍ଥରାଶି ପାଇଥିଲା ।

### ହରମନପ୍ରୀତ୍‌ଙ୍କ ପଞ୍ଚମ ବିଶ୍ୱକପ୍

ଘରୋଇ ଭାରତୀୟ ଦଳ ହରମନପ୍ରୀତ୍ କୌରଙ୍କ ନେତୃତ୍ୱରେ ଏଥର ବିଶ୍ୱକପ୍ ଖେଳିବ । ଘୋଷିତ ୧୫ ଜଣିଆ ଦଳରେ ସ୍ମୃତି ମନ୍ଧାନାଙ୍କୁ ଉପ-ଅଧିନାୟିକା ଦାୟିତ୍ୱ ପ୍ରଦାନ କରାଯାଇଛି । ସେହିଭଳି ଦଳରେ ଉମା ଛେତ୍ରୀ ଓ ରିଚା ଘୋଷ ୱିକେଟ୍‌କିପର ଭାବେ ସ୍ଥାନ ପାଇଛନ୍ତି । ବ୍ୟାଟିଂ ଲାଇନଅପ୍‌ରେ ହରମନପ୍ରୀତ୍ ଓ ମନ୍ଧାନାଙ୍କ ସହ ପ୍ରତୀକା ରାୱଲ, ହର୍ଲିନ ଦେଓଲ, ଜେମିମା ରୋଡ୍ରିଗ୍ରେଜ ରହିଛନ୍ତି । ଦୀପ୍ତି ଶର୍ମା, ସ୍ନେହ ରାଣା ଓ ରାଧା ଯାଦବ ସ୍ପିନ ଭାର ସମ୍ଭାଳିବେ । ସେହିଭଳି ରେଣୁକା ସିଂ ଠାକୁର, ଅରୁନ୍ଧତୀ ରେଡ୍ଡୀ, ଅମନଜୋତ୍ କୌର ଓ ଶ୍ରୀ ଚରଣି ଦ୍ରୁତ ବୋଲର ଭାବେ ସ୍ଥାନ ପାଇଛନ୍ତି । ଭାରତୀୟ ଦଳର ଅଧିନାୟିକା ହରମନପ୍ରୀତ୍‌ଙ୍କ ଏହା ୫ମ ଦିନିକିଆ ବିଶ୍ୱକପ୍ ।

**ଭାରତୀୟ ଦଳର କାର୍ଯ୍ୟସୂଚୀ**

| | |
|---|---|
| ୩୦ ।୯ | ଭାରତ-ଶ୍ରୀଲଙ୍କା, ଗୌହାଟୀ |
| ୫ ।୧୦ | ଭାରତ-ପାକିସ୍ତାନ, କଲମ୍ବୋ |
| ୯ ।୧୦ | ଭାରତ-ଦକ୍ଷିଣ ଆଫ୍ରିକା, ବିଶାଖାପାଟଣା |
| ୧୨ ।୧୦ | ଭାରତ-ଅଷ୍ଟ୍ରେଲିଆ, ବିଶାଖାପାଟଣା |
| ୧୯ ।୧୦ | ଭାରତ-ଇଂଲଣ୍ଡ, ଇନ୍ଦୋର |
| ୨୩ ।୧୦ | ଭାରତ-ନ୍ୟୁଜିଲାଣ୍ଡ, ନଭି ମୁମ୍ବାଇ |
| ୨୬ ।୧୦ | ଭାରତ-ବାଂଲାଦେଶ, ନଭି ମୁମ୍ବାଇ |

ବି.ଦ୍ର.: ଭାରତ ଏହାର ସମସ୍ତ ମ୍ୟାଚ୍ ଅପରାହ୍ନ ୩ଟାରେ ଖେଳିବ ।
ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ

■ କଳିଙ୍ଗରେ ଏସୀୟ ଟିମ୍ ଟିଟି ଚାମ୍ପିଅନସିପ୍

## ଶରତ କମଲ ବ୍ରାଣ୍ଡ ଆମ୍ବାସାଡର

ଭୁବନେଶ୍ୱର,୨୯।୯ (ସମିସ): ଭାରତର କିମ୍ବଦନ୍ତୀ ଟେବଲ୍ ଟେନିସ ଖେଳାଳି ଏସ୍ ଶରତ କମଲଙ୍କୁ କଳିଙ୍ଗ ଷ୍ଟାଡିୟମ୍‌ରେ ଅକ୍ଟୋବର ୧୧ରୁ ୧୫ ଯାଏ ଖେଳାଯିବାକୁ ଥିବା ଏସୀୟ ଟିଟି ଚାମ୍ପିଅନସିପ୍ ଲାଗି ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତି ମିଳିଛି । ଏହି ଟୁର୍ଣ୍ଣାମେଣ୍ଟରେ ଏସିଆର ୨୨ଟି ଦେଶ ଅଂଶଗ୍ରହଣ କରୁଛନ୍ତି ଓ ଏଥିରୁ ଲଣ୍ଡନରେ ହେବାକୁ ଥିବା ୨୦୨୬ ୱାର୍ଲ୍ଡ ଟିମ୍ ଟିଟି ଚାମ୍ପିଅନସିପ୍ ଲାଗି ଯୋଗ୍ୟତା ଅର୍ଜନ କରିବେ । ପ୍ରଥମଥର ଓଡ଼ିଶାରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଥିବାରୁ ଏବଂ ଶରତ କମଲ ଏଥିରେ ଆମ୍ବାସାଡର ହୋଇଥିବାରୁ ଏହା ଖେଳାଳିଙ୍କ ଲାଗି ପ୍ରେରଣା ଯୋଗାଇବ । ଅକ୍ଟୋବର ୯ରେ ଶରତ କମଲ ଓଡ଼ିଶାରେ ପହଞ୍ଚିବେ ।



## ବିଶ୍ୱ ପାରା ଆଥ୍‌ଲେଟିକ୍ସରେ ରିଙ୍କୁଙ୍କୁ ସ୍ୱର୍ଣ୍ଣ

ନୂଆଦିଲ୍ଲୀ, ୨୯ ।୯ (ଏଜେନ୍ସି): ସ୍ଥାନୀୟ ଜବାହରଲାଲ ନେହରୁ ଷ୍ଟାଡିୟମରେ ଚାଲିଥିବା ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ଭାରତ ସୋମବାର ଡବଲ୍ ପଦକ ସଫଳତା ପାଇଛି । ପୁରୁଷ ଏଫ୍୪୬ ଜାଭେଲିନ ଥ୍ରୋ' ଇଭେଣ୍ଟରେ ରିଙ୍କୁ ହୁଦା ଓ ସୁନ୍ଦର ସିଂ ଗୁଜର ପୋଡିୟମର ପ୍ରଥମ ଦୁଇ ସ୍ଥାନରେ ରହି ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି । ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ଗତ ସଂସ୍କରଣରେ ରୌପ୍ୟ ପଦକ ଜିତିଥିବା ରିଙ୍କୁ ଆଜି ୬୬.୩୭ ମିଟର ଜାଭେଲିନ ଫିଙ୍ଗି ପ୍ରଥମ ସ୍ଥାନ ହାସଲ କରିଥିଲେ । ସେହିଭଳି ପୂର୍ବତନ ବିଶ୍ୱ ଚାମ୍ପିଅନ ତଥା ବିଶ୍ୱରେକର୍ଡର ଅଧିକାରୀ ସୁନ୍ଦର ସିଂ ୬୪.୭୬ ମିଟର ଫିଙ୍ଗି ଦ୍ୱିତୀୟ ସ୍ଥାନରେ ରହିଥିଲେ । କ୍ୟୁବାର ଗୁଇଲରମୋ ଗୋଞ୍ଜାଲେ ୩ୟ ସ୍ଥାନ ହାସଲ କରିଥିଲେ ।

## ଭାରତ ସିରିଜ୍‌ରୁ ଯୋଶେଫ୍ ଆଉଟ୍

ନୂଆଦିଲ୍ଲୀ,୨୯।୯ (ଏଜେନ୍ସି): ଭାରତ ଗସ୍ତରେ ଆସିବାକୁ ମନୋନୀତ ହୋଇଥିବା ୱେଷ୍ଟଇଣ୍ଡିଜ୍‌ର ଫାଷ୍ଟ ବୋଲର ଆଲଜରି ଯୋଶେଫ ଆହତ ହୋଇ ଦଳରୁ ବାଦ୍ ପଡ଼ିଛନ୍ତି । ତାଙ୍କ ପିଠିରେ ଆଘାତ ଲାଗିଥିବା କଥା ୱେଷ୍ଟଇଣ୍ଡିଜ୍ କ୍ରିକେଟ ବୋର୍ଡ ପକ୍ଷରୁ ଘୋଷଣା କରାଯାଇଛି । ତାଙ୍କ ସ୍ଥାନରେ ଜେଡିଆ ବ୍ଲେଡ୍‌ସଙ୍କୁ ସାମିଲ କରାଯାଇଛି । ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଅହମ୍ମଦାବାଦ୍‌ରେ ଅକ୍ଟୋବର ୨ରୁ ଆରମ୍ଭ ହେବ ।

# ଟ୍ରଫି ନେଇ ପଳାଇଲେ ପିସିବି ଅଧ୍ୟକ୍ଷ ମୋହସିନ

ଏସିଆ କପ୍ କ୍ରିକେଟ



ବିନା ଟ୍ରଫିରେ ସେଲିବ୍ରେସନ କରୁଛନ୍ତି ଭାରତୀୟ ଖେଳାଳି

ଦୁବାଇ,୨୯।୯ (ଏଜେନ୍ସି): ଏଠାରେ ରବିବାର ଅନୁଷ୍ଠିତ ଏସିଆ କପ୍ ଟି-୨୦ ଫାଇନାଲରେ ନାଟକ, ରୋମାଞ୍ଚ, ବିବାଦ ଓ ଅସହିଷ୍ଣୁତାର ଝଲକ ଦେଖିବାକୁ ମିଳିଛି । ଭାରତ ଓ ପାକିସ୍ତାନ ପରସ୍ପର ସହ ଭଲ ସମ୍ପର୍କ ନ ଥିବାରୁ କରମର୍ଦ୍ଦନ ନ କରିବାକୁ ନେଇ ଆରମ୍ଭ ହୋଇଥିବା ବିବାଦ ଶେଷରେ ଭାରତୀୟ ଦଳକୁ ଟ୍ରଫି ହାତେଇବାରେ ଅସମର୍ଥ ହୋଇଛି । ଏଠାରେ ଅନୁଷ୍ଠିତ ରୋମାଞ୍ଚକ ଫାଇନାଲରେ ପାକିସ୍ତାନକୁ ୫ ୱିକେଟରେ ହରାଇ ଭାରତ ୯ମଥର ଏସିଆ କପ୍ ଚାମ୍ପିଅନ ହୋଇଥିଲା । ପଡ଼ିଆ ବାହାର ଓ ଭିତରର ବିବାଦକୁ ନେଇ ବେଶ ଖରାପ ସ୍ଥିତି ସୃଷ୍ଟି କରିଛି । ଏଭଳି ସ୍ଥିତିରେ କ୍ରିକେଟ ଯେ ତାହାର ସ୍ଥିତି ହରାଇଛି ଏହା ନିଃସନ୍ଦେହରେ କୁହାଯାଇପାରେ ।

ରୋମାଞ୍ଚରେ ଭରା ଫାଇନାଲରେ ଭାରତ ଚାମ୍ପିଅନ ହେବା ପରେ ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ହେବାର କଥା । ଏହି ଉତ୍ସବରେ ଅତିଥିଭାବେ ଥିବା ପାକିସ୍ତାନର ଗୃହମନ୍ତ୍ରୀ, ଯିଏକି ଏସୀୟ କ୍ରିକେଟ ବୋର୍ଡର ସଦସ୍ୟ ଅଛନ୍ତି ଷ୍ଟେଜ୍‌କୁ ଆଗୁଆ ଆସିଥିଲେ । କିନ୍ତୁ ପାକିସ୍ତାନୀ ଖେଳାଳିମାନେ ବିଳମ୍ବରେ ଆସିଲେ । ମୋହସିନ ନକ୍‌ଭୀ ଟ୍ରଫି ପ୍ରଦାନ କରିବେ ବୋଲି କାର୍ଯ୍ୟକ୍ରମରେ ରହିଥିଲା । ଏ କଥା ଭାରତୀୟ ଖେଳାଳିମାନେ ଜାଣିବା ପରେ ତାଙ୍କ ହାତରୁ ଟ୍ରଫି ଗ୍ରହଣ କରିବେ ନାହିଁ ବୋଲି ସ୍ପଷ୍ଟ ମନା କରିଦେଇଥିଲେ । କିଛି ସମୟ ପଡ଼ିଆରେ ଅପେକ୍ଷା କରିବା ପରେ ୟୁଏଇ କ୍ରିକେଟ ବୋର୍ଡର ଉପାଧ୍ୟକ୍ଷ ଟ୍ରଫି ପ୍ରଦାନ କରିବେ ବୋଲି ସ୍ଥିର ହୋଇଥିଲା । କିନ୍ତୁ ଟ୍ରଫି ପ୍ରଦାନ କରିବାକୁ ଜିଦ୍ କରୁଥିବା ମୋହସିନ ନକ୍‌ଭୀ ଏହାକୁ ଅସ୍ୱୀକାର କରିବା ସହ ଟ୍ରଫି ଓ ଭାରତୀୟ ଖେଳାଳିଙ୍କୁ ଦିଆଯିବାକୁ ଥିବା ପଦକ ନେଇ ହୋଟେଲ ପଳାଇଥିଲେ । ଫଳରେ ଚାମ୍ପିଅନ ହୋଇଥିବା ଭାରତୀୟ ଦଳକୁ ଆଉ ଟ୍ରଫି ମିଳି ପାରି ନ ଥିଲା । ଏହା ପୂର୍ବରୁ ପାକିସ୍ତାନ ଖେଳାଳିମାନେ ରର୍ନ ଅପ୍ ପୁରସ୍କାର ଗ୍ରହଣ କରିଥିଲେ । କିନ୍ତୁ ଘଟଣାକ୍ରମରେ ପାକିସ୍ତାନୀ ଅଧିନାୟକ ଏତେ କ୍ଷୁବ୍ଧ ହୋଇଥିଲେ ଯେ ପୁରସ୍କାର ରାଶି ଦିଆଯାଇଥିବା ଚେକ୍‌କୁ ପଡ଼ିଆରେ ଫିଙ୍ଗି ଚାଲିଯାଇଥିଲେ । ଏଭଳି ଘଟଣା ଏସିଆ କପ୍ ଫାଇନାଲର ରୋମାଞ୍ଚକୁ କମାଇ ଦେଇଥିଲା ।

ଟ୍ରଫି ଦିଆ ନ ଯିବାକୁ ଘଟଣାକୁ ଭାରତୀୟ କ୍ରିକେଟ ବୋର୍ଡ, ଖେଳାଳି ଓ ସମର୍ଥକ ଦୃଢ଼ ବିରୋଧ କରିଛନ୍ତି । ଟ୍ରଫି ଦିଆଯାଇ ନ ଥିବାରୁ ଏହା ବିରୋଧରେ ଆଇସିସି ନିକଟରେ ଅଭିଯୋଗ କରିବ ବୋଲି ବିସିସିଆଇର ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି । ସେହିପରି ଲୋକଙ୍କ ହୃଦୟ ଓ ସମର୍ଥକଙ୍କ ଭରସା ଜିତିବା ଆମର ଅସଲ ଟ୍ରଫି ବୋଲି ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ କହିଛନ୍ତି । ସମର୍ଥକ ମାନେ ପିସିବି ସଭାପତି ମୋହସିନ ନକ୍‌ଭୀଙ୍କୁ ତୀବ୍ର ସମାଲୋଚନା କରିଛନ୍ତି । ସେ ଯାହା ହେଉ କ୍ରିକେଟ ପଡ଼ିଆ ବାହାରର ଘଟଣାବଳୀକୁ ନେଇ ଏଭଳି ବିବାଦ ପୂର୍ବରୁ କେବେ ସୃଷ୍ଟି ହୋଇ ନ ଥିଲା । ଭଦ୍ରଲୋକଙ୍କ ଖେଳ ଭାବେ ବିବେଚିତ ଏହି ଘଟଣାକୁ ନେଇ କଳଙ୍କିତ ହୋଇଯାଇଛି ।

# ଆନ୍ତର୍ଜାତିକ କ୍ରିକେଟ୍‌ରୁ ୱକ୍ସଙ୍କ ଅବସର



ଲଣ୍ଡନ, ୨୯ ।୯ (ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟରୁ ଇଂଲଣ୍ଡର ବରିଷ୍ଠ ପେସ୍ ବୋଲିଂ ଅଲ୍‌ରାଉଣ୍ଡର କ୍ରିସ୍ ୱକ୍ସ ଆନ୍ତର୍ଜାତିକ କ୍ରିକେଟ୍‌ରୁ ଅବସର ନେଇଛନ୍ତି । ଏହା ଫଳରେ ତାଙ୍କ ୧୪ ବର୍ଷର ସଫଳ ଆନ୍ତର୍ଜାତିକ କ୍ରିକେଟ୍ ଜୀବନର ଅନ୍ତଃ ଘଟିଛି । ଗତ ସପ୍ତାହରେ ଆସେସ୍ ଶୃଙ୍ଖଳା ପାଇଁ ଇଂଲଣ୍ଡ ଦଳ ଘୋଷଣା କରା ଯାଇଥିବା ବେଳେ ସମ୍ପୂର୍ଣ୍ଣ ସୁସ୍ଥ ନ ଥିବାରୁ ୱକ୍ସଙ୍କୁ ଏଥିରେ ସ୍ଥାନ ମିଳିନଥିଲା । ତେଣୁ ନିରାଶ ହୋଇ ୩୬ ବର୍ଷ ବୟସ୍କ ୱକ୍‌ସ ଅବସର ନେଇଛନ୍ତି ବୋଲି ଅନୁମାନ କରାଯାଉଛି । ଭାରତ ବିପକ୍ଷ ୫ମ ଟେଷ୍ଟମ୍ୟାଚ୍‌ରେ ଫିଲ୍‌ଡିଂ ବେଳେ ୱକ୍‌ସଙ୍କ କାନ୍ଧ ହାଡ଼ ଖସି ଯାଇଥିଲା । ତାଙ୍କ ବାମ ହାତ ବନ୍ଧା ଯାଇଥିବା ବେଳେ ଗୋଟିଏ ହାତରେ ବ୍ୟାଟିଂ କରିବାକୁ ଆସିଥିଲେ । ଏହା ୱକ୍‌ସଙ୍କ ଅନ୍ତିମ ଆନ୍ତର୍ଜାତିକ ମ୍ୟାଚ୍ ଥିଲା । କ୍ରିସ୍ ୱକ୍‌ସ ୨ଟି ବିଶ୍ୱକପ୍ ଜିତିଥିବା ଇଂଲଣ୍ଡ ଦଳର ସଦସ୍ୟ ଥିଲେ । ୨୦୧୧ରେ ଦିନିକିଆ ଓ ଟି-୨୦ ପଦାର୍ପଣ କରିଥିବା ୱକ୍‌ସ ୨୦୧୩ ଆସେସ୍ ଗସ୍ତରେ ଓଭାଲ୍‌ରେ ଟେଷ୍ଟ ପଦାର୍ପଣ କରିଥିଲେ । ଏହା ପରଠାରୁ ସେ ୬୨ଟି ଟେଷ୍ଟମ୍ୟାଚ୍ ଖେଳି ୧୯୨ଟି ୱିକେଟ୍ ଏବଂ ଗୋଟିଏ ଶତକ ଓ ୭ଟି ଅର୍ଦ୍ଧଶତକ ସହ ୨୦୩୪ ରନ୍ କରିଛନ୍ତି । ବଲ୍‌କୁ ସ୍ୱିଙ୍ଗ୍ କରିବାରେ ସିଦ୍ଧହସ୍ତ କ୍ରିସ୍ ୱକ୍‌ସ ୧୨୨ଟି ଦିନିକିଆରୁ ୧୭୩ଟି ୱିକେଟ୍ ନେଇଛନ୍ତି । ଏହାସହ ସେ ୬ଟି ଅର୍ଦ୍ଧଶତକ ସହ ୧୫୨୬ ରନ୍ କରିଛନ୍ତି । ୩୩ଟି ଟି-୨୦ ମ୍ୟାଚ୍‌ରୁ ୱକ୍‌ସ ୩୧ଟି ୱିକେଟ୍ ନେଇଛନ୍ତି । ମୋଟ୍‌ଉପରେ ଇଂଲଣ୍ଡ ପାଇଁ ୱକ୍‌ସ ୩୯୬ଟି ଆନ୍ତର୍ଜାତିକ ୱିକେଟ୍ ନେଇଛନ୍ତି । ୨୦୧୬ରେ ଶ୍ରୀଲଙ୍କା ଓ ପାକିସ୍ତାନ ବିପକ୍ଷରେ ୬ଟି ଟେଷ୍ଟରୁ ମୋଟ ୩୪ଟି ୱିକେଟ୍ ନେଇଥିଲେ । ୨ ବର୍ଷ ପରେ ଭାରତ ବିପକ୍ଷ ଟେଷ୍ଟମ୍ୟାଚ୍‌ରେ ସେ ଏକମାତ୍ର ଶତକ ହାସଲ କରିଥିଲେ । ଜେମ୍‌ସ ଆଣ୍ଡରସନ୍ ଓ ଷ୍ଟୁଆର୍ଟ ବ୍ରଡ୍‌ଙ୍କ ଅବସର ପରେ ୱକ୍‌ସ ଇଂଲଣ୍ଡର ପେସ୍ ଆକ୍ରମଣର ନେତୃତ୍ୱ ନେଇଥିଲେ । ୨୦୨୩ ଆସେସ୍ ଗସ୍ତରେ ଇଂଲଣ୍ଡ ୦-୨ରେ ପଛୁଆ ଥିବା ବେଳେ ଅଧାରୁ ୱକ୍‌ସ ଦଳରେ ଯୋଗଦେଇ ଶୃଙ୍ଖଳା ଡ୍ର ରଖିବାରେ ଇଂଲଣ୍ଡକୁ ସହାୟତା କରିଥିଲେ ।

## ଚାମ୍ପିଅନସିପ୍ ସିରିଜ୍-୩ ଟେନିସ | ସୁତବ୍ୟ କର୍ମକାର ଚାମ୍ପିଅନ



ଭୁବନେଶ୍ୱର,୨୯।୯ (ସମିସ): ଓଡ଼ିଶାର ସୁତବ୍ୟ କର୍ମକାର ଏଆଇଟିଏ-ଓଟିଏ ୧୮ ବର୍ଷରୁ କମ୍ ଚାମ୍ପିଅନସିପ୍ ସିରିଜ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି । ମିସନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେସନ ଆନୁକୂଲ୍ୟରେ ମେଣ୍ଢାଶାଳସ୍ଥିତ ଗୁରୁକୂଳ ଟେନିସ ଏକାଡେମୀ ପରିସରରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା । ଏହି ପ୍ରତିଯୋଗିତାର ଫାଇନାଲ ମୁକାବିଲାରେ ସୁତବ୍ୟ ୨-୦ ସେଟ୍‌ରେ ଝାଡଖଣ୍ଡର ସଫଳ ଆଗମନଙ୍କୁ ପରାସ୍ତ କରିଥିଲେ । ଏହା ସହ ଗୁରୁକୂଳ ଏକାଡେମୀରେ ଆଉଏକ ଟେନିସ ଟୁର୍ଣ୍ଣାମେଣ୍ଟ ସଫଳତାର ସହ ଆୟୋଜିତ ହୋଇଯାଇଛି ।

## ରାଜମାତା ଜିଜାବାଈ ଟ୍ରଫି

# ପ୍ୟାରୀଙ୍କୁ ରାଜ୍ୟ ମହିଳା ଫୁଟବଲ୍ ଦଳର ନେତୃତ୍ୱ



କଟକ,୨୯।୯ (ସମିସ): ଛତିଶଗଡର ନାରାୟଣପୁରରେ ଅକ୍ଟୋବର ପହିଲାରୁ ୩୦ତମ ବରିଷ୍ଠ ମହିଳା ଜାତୀୟ ଫୁଟବଲ ଚାମ୍ପିଅନସିପ୍ ରାଜମାତା ଜିଜାବାଈ ଟ୍ରଫି ଆରମ୍ଭ ହେବ । ଏଥି ନିମନ୍ତେ ଆଜି ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ରାଜ୍ୟ ଦଳ ଘୋଷଣା କରାଯାଇଛି । ପ୍ୟାରୀ ଖାଖାଙ୍କ ନେତୃତ୍ୱରେ ଘୋଷିତ ରାଜ୍ୟ ଦଳରେ ସସ୍ମିତା ପରିଡା, ସୁସ୍ମିତା ପୁନ୍, ସାକ୍ରୋ ହେମ୍ବ୍ରମ, ଅମ୍ପୃତା ନାୟକ, ଜୁଲି କିଶାନ, ଶିବାନୀ ମୁଣ୍ଡାରୀ, ପ୍ରତିମା ବଙ୍ଗଲ, ପ୍ରଜ୍ଞା କିଶାନ, ସୁଲେଖା କହଁର, ଶୀଳା ସିଂହ, ଇସ୍ମିତା ରାଉତ, ମୁନିକା ମିଞ୍ଜ, ଜାହ୍ନବୀ କିଶାନ, ସୁମିତ୍ରା ହେମ୍ବ୍ରମ, ନିବେଦିତା ନାୟକ, ମନୀଷା ନାୟକ, ମାଳତୀ ମୁଣ୍ଡା, ସତ୍ୟବତି ଖାଡିଆ, ଯଶୋଦା ମୁଣ୍ଡା ସ୍ଥାନ ପାଇଛନ୍ତି । ଗୀତାଞ୍ଜଳୀ ଖୁଣ୍ଟିଆ ମୁଖ୍ୟକୋଚ୍, ଗାୟତ୍ରୀ ମଲ୍ଲିକ ସହକାରୀ କୋଚ୍, ସରିତା ଜୟନ୍ତୀ ବେହେରା-ସହକାରୀ କୋଚ୍/ ମ୍ୟାନେଜର, ରଞ୍ଜିତା ମହାନ୍ତି-ଗୋଲ୍‌କିପର କୋଚ୍, ଲୋପାମୁଦ୍ରା ମହାରାଜ ଫିଜିଓ ଭାବେ ଦଳରେ ରହିଛନ୍ତି । ଗ୍ରୁପ-ଏରେ ସ୍ଥାନ ପାଇଥିବା ଓଡ଼ିଶା ଆରକେଏମ୍ ଆଶ୍ରମ ଗ୍ରାଉଣ୍ଡରେ ୩ ତାରିଖରେ ପଶ୍ଚିମବଙ୍ଗ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳିବ ।

## ଜାତୀୟ ଓପନ୍ ଆଥଲେଟିକ୍ ଚାମ୍ପିଅନସିପ୍

# ଓଡ଼ିଶାକୁ ୧ ରୌପ୍ୟ, ୨ କାଂସ୍ୟ

କଟକ,୨୯।୯ (ସମିସ)



ଝାଡଖଣ୍ଡର ରାଞ୍ଚିରେ ୬୪ତମ ଓପନ୍ ଆଥଲେଟିକ ଚାମ୍ପିଅନସିପ୍ ଖେଳାଯାଉଛି । ପ୍ରତିଯୋଗିତାର ୩ୟ ଦିବସରେ ଓଡ଼ିଶା ତିନୋଟି ପଦକ ହାତେଇଛି । ପୁରୁଷ ୪ ଗୁଣା ୧୦୦ ମିଟର ରିଲେରେ ଓଡ଼ିଆ ଦଳ କାଂସ୍ୟ ଜିତିଥିଲା । ଡିଏମ ଜୟରାମ, ସରୁଣ ପାୟାସିଂହ, ଅବିନାଶ ସାହୁ ଓ ଅମୀୟ କୁମାର ମଲ୍ଲିକଙ୍କୁ ନେଇ ଗଠିତ ଓଡ଼ିଶା ରିଲେ ଦଳ ୩୯.୮୯ ସେକେଣ୍ଡରେ ହିଟ୍ ଶେଷ କରି ୩ୟ ସ୍ଥାନରେ ରହିଥିଲା । ଏହି ଇଭେଣ୍ଟରେ ଭାରତୀୟ ରେଳବାଇ ଦଳ (୩୯.୪୪) ଏବଂ ସର୍ଭିସେସ୍ (୩୯.୮୧ ସେକେଣ୍ଡ) ଯଥାକ୍ରମେ ସ୍ୱର୍ଣ୍ଣ ଏବଂ ରୌପ୍ୟ ବିଜୟୀ ହୋଇଛନ୍ତି । ହାଇଜମ୍ପରେ ଓଡ଼ିଶା ନିମନ୍ତେ ଦ୍ୱିତୀୟ କାଂସ୍ୟ ପଦକ ଜିତିଛନ୍ତି ସ୍ୱାଧୀନ କୁମାର ମାଝୀ । ଫାଇନାଲ ଇଭେଣ୍ଟରେ ୨.୧୪ ମିଟର ଉଚ୍ଚତା ଲମ୍ଫ ମାରି ୩ୟ ସ୍ଥାନରେ ରହି ସ୍ୱାଧୀନ କାଂସ୍ୟ ଜିତିଥିଲେ । ହାଇଜମ୍ପରେ ରେଳବାଇର ଦୁଇ ପ୍ରତିଯୋଗୀ ରୋହିତ ଓ ରାମ ଯଥାକ୍ରମେ ସ୍ୱର୍ଣ୍ଣ ଏବଂ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି । ପୁରୁଷ ଲଙ୍ଗଜମ୍ପରେ ଓଡ଼ିଶା ରୌପ୍ୟ ପଦକ ଜିତିଛି । ଫାଇନାଲ ରାଉଣ୍ଡରେ ୭.୭୭ ମିଟର ଲମ୍ଫ ମାରି ଓଡ଼ିଶାର ସରୁଣ ପାୟାସିଂହ ରାଜ୍ୟ ନିମନ୍ତେ ଏହି ସଫଳତା ଆଣିଛନ୍ତି । ହରିୟାଣାର ମହମ୍ମଦ ସାଜିଦ୍ ୭.୭୮ ମିଟର ଡେଇଁ ସ୍ୱର୍ଣ୍ଣ ଜିତିଥିବା ବେଳେ ରେଳବାଇର ଭୂପେନ୍ଦ୍ର ସିଂହ ୭.୫୮ ମିଟର ଡେଇଁ କାଂସ୍ୟ ପଦକ ପଦକ ବିଜୟୀ ହୋଇଥିଲେ । ଓଡ଼ିଶା ଆଥଲେଟିକ ସଂଘ ସମ୍ପାଦକ ଅଭିଜିତ ପାଲ, ସଭାପତି ଜିଏସ୍ ପଟ୍ଟନାୟକ, ଅଧ୍ୟକ୍ଷ ଆଶୀର୍ବାଦ ବେହେରା ପଦକ ବିଜୟୀ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ପ୍ରକାଶଯୋଗ୍ୟ, ୨୭ ତାରିଖରୁ ଆରମ୍ଭ ହୋଇଥିବା ଏହି ଚାମ୍ପିଅନସିପ୍ ମଙ୍ଗଳବାର ଉଦ୍‌ଯାପିତ ହେବ । ଓଡ଼ିଶାର ୧୩ଜଣ ପ୍ରତିଯୋଗୀ ଏଥିରେ ଭାଗ ନେଇଛନ୍ତି ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS